ବର୍ଷ-୨୪, ସଂଖ୍ୟା-୨୭୩
ଭୁବନେଶ୍ୱର
୦୬ ନଭେମ୍ବର, ୨୦୨୪ ବୁଧବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-24, Issue No. 273
Bhubaneswar
06 November, 2024 Wednesday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat



୩୬ ବର୍ଷରେ କୋହଲି

# ଇସ୍କନ ରଥଯାତ୍ରା ବାତିଲ

ପୁରୀ,୫।୧୨(ମହାଭାରତ): ଆମେରିକା ହ୍ୟୁଷ୍ଟନ୍‌ରେ ଅଦିନିଆ ରଥଯାତ୍ରା ପାଳନ ଖବର ପ୍ରଚାରିତ ହେବା ପରେ ଜଗନ୍ନାଥପ୍ରେମୀଙ୍କ ମଧ୍ୟରେ ଗଭୀର କ୍ଷୋଭ ପ୍ରକାଶ ପାଇଥିଲା। ଗଜପତି ମହାରାଜା ଦିବ୍ୟସିଂହଦେବ ଏ ନେଇ ପ୍ରଥମେ ଚିଠି ଓ ପରେ ବୟାନ ଦେବା ପରେ ଯାଇ ନଇଁଛି ଇସ୍କନ। ଆସନ୍ତା ୯ ତାରିଖରେ ହ୍ୟୁଷ୍ଟନ୍‌ରେ ଇସ୍କନ ରଥଯାତ୍ରା ହେବ ନାହିଁ ବୋଲି ସ୍ପଷ୍ଟ କରିଛି। ଓଡ଼ିଆ ଶ୍ରଦ୍ଧାଳୁଙ୍କ ଭାବାବେଗକୁ ବିଚାର କରି ଇସ୍କନ ପକ୍ଷରୁ ଏପରି ନିଷ୍ପତ୍ତି ନିଆଯାଇଛି। ରଥଯାତ୍ରା ବଦଳରେ ସେଦିନ ଗୌର ନିତାଇ ସଂକୀର୍ତ୍ତନ ଯାତ୍ରା ହେବ ବୋଲି ପ୍ରେସ ରିଲିଜ ଜରିଆରେ ଇସ୍କନ ପରିଚାଳନା ପରିଷଦ ପକ୍ଷରୁ ଏନେଇ ସୂଚନା ଦିଆଯାଇଛି। ଖବର ଲେଖାଯିବା ବେଳକୁ ୱେବସାଇଟରୁ ରଥଯାତ୍ରା କାର୍ଯ୍ୟକ୍ରମ ତଥ୍ୟ ଏଯାଏଁ ହଟିନଥିବା ଜଣାପଡିଛି।

ରଥ ଯାତ୍ରା ଏକ ଖେଳ ଘର ନୁହେଁ। ଖୋଦ ଜଗନ୍ନାଥଙ୍କ ନିର୍ଦ୍ଦେଶକ୍ରମେ ନିର୍ଦ୍ଦିଷ୍ଟ ତିଥିରେ ରଥ ଯାତ୍ରା ଆୟୋଜିତ ହେଉଛି। ମାତ୍ର ଇସ୍କନ ପକ୍ଷରୁ ପ୍ରାୟ ମାସେ ଦୁଇ ମାସ ବ୍ୟବଧାନରେ ବିଶ୍ୱର ବିଭିନ୍ନ ସ୍ଥାନରେ ରଥ ଯାତ୍ରା ଆୟୋଜିତ ହେଉଛି। ଇସ୍କନ ଏହାକୁ ଏକ ପ୍ରଚାର ଯାତ୍ରା ଭାବେ ପରିଚାଳନା କରୁଛି। କିନ୍ତୁ ଏହାକୁ ଆଉ ବରଦାସ୍ତ କରାଯିବନି। ଏଥର ଆମେ ଛାଡ଼ିବୁନି, ବହୁତ ହୋଇଗଲା ।'ରଥ ଯାତ୍ରା ପାଳନ ନେଇ ଇସ୍କନ କର୍ତ୍ତୃପକ୍ଷଙ୍କ ମନମାନୀ ବିରୋଧରେ ଆଜି ଏପରି ବର୍ଷିଥିଲେ ଗଜପତି ମହାରାଜା ଦିବ୍ୟସିଂହ ଦେବ। ଏହା ଶ୍ରୀମନ୍ଦିର

## ଆଇନଗତ କାର୍ଯ୍ୟାନୁଷ୍ଠାନ ଚେତାବନୀ ଦେଇଥିଲେ ଗଜପତି

ପରମ୍ପରାର ଉଲ୍ଲଂଘନ ବୋଲି ଗଜପତି ମହାରାଜା କହିବା ସହ ଭୁଲ ନ ସୁଧାରିଲେ ବିକଳ୍ପ ବ୍ୟବସ୍ଥା ଗ୍ରହଣ କରାଯିବ ବୋଲି ଚେତାଇ ଦେଇଛନ୍ତି। ଆଜି ଏକ ସାମ୍ବାଦିକ ସମ୍ମିଳନୀରେ ଗଜପତି ମହାରାଜା ଶ୍ରୀମନ୍ଦିର ସଂସ୍କୃତି ସହ ଖେଳ ଖେଳୁଥିବା ଇସ୍କନ ପ୍ରତି କଠୋର ଆଭିମୁଖ୍ୟ ପୋଷଣ କରିଛନ୍ତି।ଏନେଇ ସେ କହିଛନ୍ତି, ଜଗନ୍ନାଥ ହେଉଛନ୍ତି ମୂଳ ବିଗ୍ରହ। ତାଙ୍କ ପରମ୍ପରା ଅତି ପ୍ରତିଷ୍ଠିତ ଓ ପ୍ରସିଦ୍ଧ। ପରମ୍ପରା ଅନୁଯାୟୀ ହିଁ ଆମେ ଜଗନ୍ନାଥଙ୍କ ପର୍ବ ପାଳନ କରିବା ଉଚିତ। କେବଳ ଦୁଇଟି ଉତ୍ସବରେ ମହାପ୍ରଭୁଙ୍କୁ ଗର୍ଭଗୃହରୁ



ବାହାର କରାଯାଇପାରିବ। ସେଥିନିମନ୍ତେ ସେ ନିଜେ ହିଁ ଇନ୍ଦ୍ରଦ୍ୟୁମ୍ନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସେଥିପାଇଁ ତାଙ୍କ ଅନୁମତିରେ ତାଙ୍କ ଇଚ୍ଛାରେ ରଥଯାତ୍ରା ଆୟୋଜିତ ହେଉଛି। ତେଣୁ ତାଙ୍କ ପରମ୍ପରା ବିରୋଧୀ କାମ କରି ଇସ୍କନ ତରଫରୁ କେବଳ ପ୍ରଚାର ପାଇଁ ଏପରି ଅଦିନ ରଥ ଯାତ୍ରା ଆୟୋଜନ କରାଯାଉଛି।

ଜଗନ୍ନାଥଙ୍କ ବିଗ୍ରହ ରଖିବା ତଥା ପୂଜାର୍ଚ୍ଚନା କରିବା ନିମନ୍ତେ ଆମେ କାହାକୁ ବାରଣ କରୁନୁ। କିନ୍ତୁ ଏହାକୁ ବିଧି ଅନୁଯାୟୀ କରିବା ଉଚିତ। କିନ୍ତୁ ସେମାନେ ଏହାକୁ ପ୍ରଚାର ଯାତ୍ରା ଭାବେ ସମଗ୍ର ବିଶ୍ୱରେ ପରିଚାଳନା କରୁଛନ୍ତି। ଏହା ଆମ ଶାସ୍ତ୍ର ଓ ପରମ୍ପରା ବିରୋଧୀ କାମ। ଏନେଇ ସେମାନଙ୍କୁ ବୁଝାଇବା ସତ୍ତ୍ୱେ ସେମାନେ ଏହାକୁ ଗ୍ରହଣ କରିବାକୁ ପ୍ରସ୍ତୁତ ହୋଇ ପାରୁ ନାହାନ୍ତି। ଫଳରେ କୋଟି କୋଟି ଭକ୍ତଙ୍କ ଭାବନାକୁ ସେମାନେ କୁଠାରଘାତ କରୁଛନ୍ତି। ତେଣୁ ଏହାକୁ ଅଉ ବରଦାସ୍ତ କରାଯିବନି କି ଆମେ ଆଉ ଚୁପ୍ ବସି ପାରିବୁନି ବୋଲି ଚେତାଇ ଦେଇଛନ୍ତି ଗଜପତି ମହାରାଜା। ମହାପ୍ରଭୁଙ୍କ ପରମ୍ପରାରେ ବ୍ୟତିକ୍ରମ ହେବା ଠିକ୍ ନୁହେଁ। ଚିଠି ଲେଖିବା ସତ୍ତ୍ୱେ ଇସ୍କନ ମାନିଲାନି, ରଥଯାତ୍ରା ଆୟୋଜନ କରିବାକୁ ସଜବାଜ ହେଉଛି। ଗତ ୩ ତାରିଖରେ ସେମାନେ ସ୍ନାନଯାତ୍ରା କରିବାକୁ କହୁଥିବା ବେଳେ ବିରୋଧ କରିବାରୁ ତାହାକୁ ବାତିଲ କରିଛନ୍ତି। କିନ୍ତୁ ଆସନ୍ତା ୯ ତାରିଖରେ ସେମାନେ ରଥଯାତ୍ରା ଆୟୋଜନ କରୁଥିବା ବେଳେ ଏହାକୁ ବାତିଲ କରାଯିବା ନେଇ କୌଣସି ପ୍ରତିକ୍ରିୟା ଦେଇ ନାହାନ୍ତି। ତଥାପି ଇସ୍କନର ଉଚ୍ଚ କର୍ତ୍ତୃପକ୍ଷ ଭୁଲ ସୁଧାରିବେ ବୋଲି ଆଶା ରଖିଛୁ। ମାର୍ଚ୍ଚରେ ଇସ୍କନର ଗଭର୍ଣ୍ଣିଂ କାଉନସିଲ ବୈଠକ ଅଛି। ସେଠି ଯଦି ସେମାନେ ମାନିଯିବେ, ଭଲ କଥା। ଆମେ ଚାହୁଁଛୁ ଆଲୋଚନା ଦ୍ୱାରା ସମାଧାନ ହେଉ। ଯଦି ମାନିବେନି ଆମ ପାଖରେ ଆଇନର ରାସ୍ତା ବ୍ୟତୀତ ବିକଳ୍ପ ନାହିଁ ବୋଲି କହିଛନ୍ତି ଗଜପତି। ଏଥିସହ ସେ କହିଛନ୍ତି, ଇସ୍କନ କର୍ତ୍ତୃପକ୍ଷ ସମଗ୍ର ବିଶ୍ୱରେ ଗୋଟିଏ ଦିନରେ ଜନ୍ମାଷ୍ଟମୀ ପାଳନ କରୁଛନ୍ତି। କିନ୍ତୁ ରଥ ଯାତ୍ରା ଭିନ୍ନ ଦିନରେ ପାଳନ କରି କାହିଁକି ବ୍ୟତିକ୍ରମ କରୁଛନ୍ତି ତାଙ୍କ ଆଭିମୁଖ୍ୟ ସ୍ପଷ୍ଟ ହୋଇ ପାରୁନି।

# ୩ ମାସର ଆଗୁଆ ଚାଉଳ

**ଭୁବନେଶ୍ୱର,୫।୧୧(ମହାଭାରତ):** ସାଧାରଣ ବଣ୍ଟନ ବ୍ୟବସ୍ଥାରେ ହିତାଧିକାରୀମାନଙ୍କୁ ୩ମାସର ଆଗୁଆ। ୧୫କିଲୋ ଚାଉଳ ମିଳିବ। ଏହାବ୍ୟତୀତ ଇ-ଶ୍ରମିକ ପଞ୍ଜୀକରଣରେ ବାଦ୍ ପଡ଼ିଥିବା ଆଉ ୧.୩୧ଲକ୍ଷ ଶ୍ରମିକଙ୍କୁ ତୁରନ୍ତ ରାଜ୍ୟ ଖାଦ୍ୟ ଯୋଜନାରେ ତୁରନ୍ତ ସାମିଲ କରିବା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନିର୍ଦ୍ଦେଶ ଦେଇଛନ୍ତି।

ଆଜି ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ସାଧାରଣ ବଣ୍ଟନ ବ୍ୟବସ୍ଥାର ସମୀକ୍ଷା କରି ହିତାଧିକାରୀମାନଙ୍କୁ ୩ମାସର ଚାଉଳ ଆଗୁଆ ପ୍ରଦାନ କରିବା ପାଇଁ ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି। ପ୍ରତ୍ୟେକ ହିତାଧିକାରୀଙ୍କୁ ୩ମାସ (ଅକ୍ଟୋବରରୁ ଡିସେମ୍ବର) ପାଇଁ ୧୫କିଲୋ ଲେଖାଏଁ ଚାଉଳ ପାଇବେ। ଏହି ପ୍ରକ୍ରିୟା ଅକ୍ଟୋବର ପହିଲାଠାରୁ ଆରମ୍ଭ ହୋଇଥିଲେ ମଧ୍ୟ ୪୦ ଲକ୍ଷ ପରିବାର ଏପର୍ଯ୍ୟନ୍ତ ଚାଉଳ ପାଇନାହାନ୍ତି। ଏହି ପରିବାରଗୁଡ଼ିକୁ ତୁରନ୍ତ ଚାଉଳ ବଣ୍ଟନ କରିବା ପାଇଁ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ନିର୍ଦ୍ଦେଶ ଦେଇଛନ୍ତି।

ଏହବ୍ୟତୀତ ସମୀକ୍ଷାବେଳେ ଜଣାପଡ଼ିଥିଲା ଯେ, ରାଜ୍ୟ ସରକାର ଇ-ଶ୍ରମିକ ଭାବେ ପଞ୍ଜୀକରଣ କରିଥିବା ସବୁ ଶ୍ରମିକମାନଙ୍କୁ ସାଧାରଣ ବଣ୍ଟନ ବ୍ୟବସ୍ଥାରେ ସାମିଲ କରିବାକୁ ପଦକ୍ଷେପ ନେଉଛନ୍ତି। ଇ-ଶ୍ରମିକରେ ପଞ୍ଜିକୃତ ହୋଇଥିବା ୧ କୋଟି ୩୦ଲକ୍ଷ ଶ୍ରମିକଙ୍କ ମଧ୍ୟରୁ ପ୍ରାୟ ସମସ୍ତେ ସାମିଲ ହୋଇଥିବାବେଳେ ଆଉ ୧ଲକ୍ଷ ୩୧ହଜାର ଶ୍ରମିକ ବାକି ରହିଛନ୍ତି। ଏହି ବାଦ୍ ପଡ଼ିଥିବା ଶ୍ରମିକମାନଙ୍କୁ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାରେ ତୁରନ୍ତ କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେବା ଅନ୍ୟ ରାଜ୍ୟରେ ରହୁଥିବା ପ୍ରବାସୀ ଓଡ଼ିଆମାନଙ୍କର ଇ-କୋଇସି ବ୍ୟବସ୍ଥାକୁ ତ୍ୱରାନ୍ୱିତ କରିବାକୁ ପରାମର୍ଶ ଦେଇଛନ୍ତି।

ଏହି ସମୀକ୍ଷା ବୈଠକରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ବିଭାଗୀୟ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ରଙ୍କ ସମେତ ବିଭାଗୀୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

# ହାତୀଙ୍କ ପାଇଁ ଜାଗା ଅଭାବ

## ଓଡ଼ିଶାରେ ୪୦୦ ଅଧିକ ହାତୀ ଅଛନ୍ତି



ଭୁବନେଶ୍ୱର,୫।୧୧(ମହାଭାରତ): ରାଜ୍ୟରେ ହାତୀ ମୃତ୍ୟୁ ତଦନ୍ତ ପାଇଁ ମନ୍ତ୍ରୀଙ୍କ ନିର୍ଦ୍ଦେଶ ପରେ ଏନେଇ ବନ୍ୟପ୍ରାଣୀ ପିସିସିଏଫ୍ ସୁଶାନ୍ତ ନନ୍ଦ ପ୍ରତିକ୍ରିୟା ରଖିଛନ୍ତି। ସେ କହିଛନ୍ତି, ଓଡ଼ିଶାରେ ହାତୀଙ୍କ ପାଇଁ ଜାଗା ଅଭାବ। ଯେତିକି ହାତୀ ରହି ପାରିବା କଥା ତାହାଠୁ ୪୦୦ ଅଧିକ ହାତୀ ଅଛନ୍ତି ।

ସେ ଆହୁରି କହିଛନ୍ତି, ବେଙ୍ଗାଲୁରୁସ୍ଥିତ ଇଣ୍ଡିଆନ ଇନଷ୍ଟିଚ୍ୟୁଟ ଅଫ ସାଇନ୍ସେସର ଏଲିଫ୍ୟାଣ୍ଟ ସେଣ୍ଟର ଷ୍ଟଡି ଅନୁସାରେ, ଓଡ଼ିଶା ଜଙ୍ଗଲରେ ସର୍ବାଧିକ ୧୭୦୦ ହାତୀ ରହିପାରିବେ । କିନ୍ତୁ ଏବେ ୪୦୦ ହାତୀ ଅଧିକ ଅର୍ଥାତ୍ ୨୧ ଶହ ହାତୀ ଅଛନ୍ତି ।ସେଇଥିପାଇଁ ଖାଦ୍ୟ ଅନ୍ୱେଷଣରେ ଜନବସତିମୁହାଁ ହେଉଛନ୍ତି ହାତୀ । ହାତୀ- ମଣିଷ ଲଢ଼େଇ ବଢୁଛି। ଖାଦ୍ୟ ଅଭାବରୁ ହାତୀଙ୍କ ରୋଗ ପ୍ରତିରୋଧକ ଶକ୍ତି ବି କମୁଛି। ଛୁଆ। ହାତୀ, ରୋଗିଣା ହାତୀ ଅଧିକ ମୃତ୍ୟୁମୁଖରେ ପଡୁଛନ୍ତି । ଏହାବାଦ ବିଦ୍ୟୁ ଆଘାତ ଓ ଟ୍ରେନ୍ ଦୁର୍ଘଟଣାରେ ମଧ୍ୟ ହାତୀଙ୍କ ଜୀବନ ଯାଉଛି। ଭୁଲ ବୁଝାମଣା ପାଇଁ ରାଉରକେଲା ଓ ମେରାମଣ୍ଡଳିରେ ଟ୍ରେନ ଦୁର୍ଘଟଣାରେ ହାତୀଙ୍କ ଜୀବନ ଯାଇଥିଲା । ଓଡ଼ିଶା ଜଙ୍ଗଲରେ ଅଧିକ ହାତୀ ଥିବାରୁ ବିଶେଷଜ୍ଞଙ୍କ ପରାମର୍ଶରେ କିଛି ହାତୀ ଶିମିଳିପାଳ ସ୍ଥାନାନ୍ତର ପାଇଁ ଯୋଜନା ଚାଲିଛିୟ ସ୍ଥାନାନ୍ତର ପୂର୍ବରୁ ସ୍ଥାନୀୟ ବାସିନ୍ଦା ଓ ଜନ ପ୍ରତିନିଧିଙ୍କ ସହ ଆଲୋଚନା କରାଯିବ।

ବନ୍ୟପ୍ରାଣୀ ପିସିସିଏଫ୍ ସୁଶାନ୍ତ ନନ୍ଦ କହିଛନ୍ତି, ଏବେ ରାଜ୍ୟକୁ ଝାଡ଼ଖଣ୍ଡୀ ଓ ଛତିଶଗଡ଼ୀ ହାତୀ ଆସୁଛନ୍ତି । ରାଜ୍ୟରେ ହାତୀଙ୍କ ବାସ୍ତବ ସଂଖ୍ୟା ଜାଣିବାକୁ ନଭେମ୍ବର ୧୪ ଓ ୧୫ ଦୁଇ ଦିନ ଧରି ଚାଲିବ ହାତୀ ଗଣନା। ଏବେ ହାତୀଙ୍କ ଗତିବିଧି ଉପରେ ନଜର ରଖାଯାଇଛି । ପୂର୍ଣ୍ଣମୀ ରାତିରେ ସେମାନଙ୍କର ଫଟୋ ଓ ଭିଡିଓ ଉତ୍ତୋଳନ କରି ସେମାନଙ୍କ ଗଣନା କରାଯିବ।

ଏଣେ ନରସିଂହପୁରରେ ତୀର ମାଡ଼ରେ ଆହତ ହାତୀ ଏବେ ସୁସ୍ଥ ଅଛି । ହାତୀ ଶରୀରରେ ୪ଟି ତୀର ଲାଗିଥିଲା। ଶିକାର ଉଦ୍ଦେଶ୍ୟରେ ନୁହେଁ, ଫସଲ ବଞ୍ଚାଇବାକୁ ତୀର ମାରି ହାତୀ ଘଉଡ଼ାଇଥିଲେ ସ୍ଥାନୀୟ ଲୋକେ। ତେଣେ ଚିଲିକା ନଳବଣକୁ ଆସିଲେଣି ବିଦେଶୀ ପକ୍ଷୀ । ଡିସେମ୍ବର ୨୫ରୁ ଚିଲିକା ନଳବଣରେ ପକ୍ଷୀ ଗଣନା ହେବ ବୋଲି ସେ ସୂଚନା ଦେଇଛନ୍ତି।

# ଗୋଲ୍ଡ ମେଡାଲିଷ୍ଟ ବକ୍ସର୍ ମହିଳା ନୁହେଁ ପୁରୁଷ!

ନୂଆଦିଲ୍ଲୀ,୫।୧୧(ମହାଭାରତ): ମହିଳା ବର୍ଗରେ ପ୍ୟାରିସ୍ ଅଲିମ୍ପିକ୍ ୨୦୨୪ରେ ଦମ୍‌ଦାର ପ୍ରଦର୍ଶନ କରିଥିଲେ ଅଲଜେରିଆର ବକ୍ସର ଇମାନ ଖଲିଫ। ସମସ୍ତଙ୍କୁ ପଛରେ ପକାଇ ସେ ଜିତିଥିଲେ ଗୋଲ୍ଡ ମେଡାଲ। ଏବେ ତାଙ୍କ ଜେଣ୍ଡର ବା ଲିଙ୍ଗକୁ ନେଇ ବଡ଼ ଖୁଲାସା ହୋଇଛି।



ମେଡିକାଲ ରିପୋର୍ଟରୁ ସେ ମହିଳା ନୁହନ୍ତି ପୁରୁଷ ବୋଲି ଜଣାପଡିଛି।

ଅଲିମ୍ପିକ୍ସ ସମୟରେ ଇମାନର ଜେଣ୍ଡରକୁ ନେଇ ବିବାଦ ଦେଖାଦେଇଥିଲା। ଏବେ ପୁଣି ଖଲିଫ ବିବାଦରେ ଛନ୍ଦି ହୋଇଥିବା ନଜର ଆସିଛନ୍ତି। ଅଲିମ୍ପିକ୍ସ ସମୟରେ ଖଲିଫ ମହିଳା ନା ପୁରୁଷ, ଏହାକୁ ନେଇ ତାଙ୍କ ଜେଣ୍ଡର ସମ୍ବନ୍ଧୀୟ ଅନେକ ଚର୍ଚ୍ଚା ହୋଇଥିଲା।କିନ୍ତୁ ସେ ଏସବୁକୁ ଖାତିର ନକରି ଚମତ୍କାର ପ୍ରଦର୍ଶନ କରିଥିଲେ ଏବଂ ପ୍ରଥମ ସ୍ଥାନ ପାଇବାରେ ସଫଳ ହୋଇଥିଲେ। ତେବେ ଅଲିମ୍ପିକ ସରିବାର ଦୀର୍ଘଦିନ ପରେ ସାମ୍ନାକୁ ଆସିଛି ତାଙ୍କର ଡାକ୍ତରୀ ରିପୋର୍ଟ। ଏଥିରେ ଇମାନଙ୍କ ଶରୀରରେ ଅନେକ ପୁରୁଷ ଅଙ୍ଗ ରହିଥିବା ଦାବି କରାଯାଇଛି। ରିପୋର୍ଟ ଅନୁଯାୟୀ ଖଲିଫଙ୍କ ଶରୀରରେ ଅତିରିକ୍ତ ଅଣ୍ଡକୋଷ ଏବଂ ଏକ୍ସୱାଇ କ୍ରୋମୋଜୋମ୍ ଅଛି, ଯାହା ୫-ଆଲଫା ରେଡକ୍ଟେଜ୍ ଡିସ୍‌ଅର୍ଡରର ଆଡ଼କୁ ଇଶାରା କରେ।

# 'ସମସ୍ତ ବ୍ୟକ୍ତିଗତ ସମ୍ପତ୍ତି ଉପରେ କବଜା କରିପାରିବେନି ସରକାର'

ନୂଆଦିଲ୍ଲୀ,୫।୧୧(ମହାଭାରତ):: ଖଣ୍ଡପୀଠରେ ସାତଜଣ ବିଚାରପତିଙ୍କ ସମର୍ଥନରେ ପ୍ରଧାନ ବିଚାରପତି କହିଛନ୍ତି ଯେ ସମସ୍ତ ବ୍ୟକ୍ତିଗତ ସମ୍ପତ୍ତିଶାରୀରିକ ସମ୍ବଳ ନୁହେଁ ତେଣୁ ସରକାର ଏହାକୁ ଗ୍ରହଣ କରିପାରିବେ ନାହିଁ।

କୌଣସି ବି ବ୍ୟକ୍ତିଗତ ସମ୍ପତ୍ତିକୁ ସରକାର ସାର୍ବଜନୀତ ହିତ ପାଇଁ କବଜା କରିପାରିବ କି? ଏହି ମାମଲାରେ ସୁପ୍ରିମକୋର୍ଟ ଆଜି ଏକ ବଡ଼ ରାୟ ଦେଇଛନ୍ତି। ପ୍ରତ୍ୟେକ ବ୍ୟକ୍ତିଗତ ସମ୍ପତ୍ତିକୁ ସମ୍ପ୍ରଦାୟର ସମ୍ପତ୍ତି କୁହାଯାଇପାରିବ ନାହିଁ ବୋଲି ସୁପ୍ରିମକୋର୍ଟ କହିଛନ୍ତି। ଜନସାଧାରଣଙ୍କ ସ୍ୱାର୍ଥରେ ବ୍ୟକ୍ତିଗତ ସମ୍ପତ୍ତିର ସମୀକ୍ଷା କରାଯିବା ଉଚିତ।

ପ୍ରଧାନ ବିଚାରପତି ଜଷ୍ଟିସ ଡି ୱାଇ ଚନ୍ଦ୍ରଚୂଡ ସଂଖ୍ୟା ଗରିଷ୍ଠତା ଆଧାରରେ ଏହି ରାୟ ଶୁଣାଇଛନ୍ତି।



ଏଥିସହ ବେଞ୍ଚ ନିଜ ପୂର୍ବ ରାୟକୁ ବଦଳାଇ ଦେଇଛନ୍ତି। ପ୍ରଧାନ ବିଚାରପତି କହିଛନ୍ତି ଯେ ପ୍ରତ୍ୟେକ ବ୍ୟକ୍ତିଗତ ସମ୍ପତ୍ତିକୁ ସମ୍ପ୍ରଦାୟର ଶାରୀରିକ ସମ୍ବଳ ଭାବରେ ବିବେଚନା କରାଯାଇପାରିବ ନାହିଁ। ସରକାର କେବଳ କିଛି ଅଂଶକୁ ସମ୍ପ୍ରଦାୟର ସମ୍ବଳ ଭାବି ଏହାକୁ ଜନସାଧାରଣଙ୍କ ସୁବିଧା ପାଇଁ ବ୍ୟବହାର କରିପାରିବେ। କିନ୍ତୁ ସମସ୍ତ ସମ୍ପତ୍ତିକୁ କବଜା କରିପାରିବେ ନାହିଁ।

୯ ଜଣ ବିଚାରପତିଙ୍କୁ ନେଇ ଗଠିତ ସମ୍ବିଧାନ ଖଣ୍ଡପୀଠ ଏହି ନିଷ୍ପତ୍ତି ଶୁଣାଇଛି। ଏଥିରେ ୧୯୭୮ ପରଠାରୁ ସୁପ୍ରିମକୋର୍ଟଙ୍କ ଅନେକ ନିଷ୍ପତ୍ତିକୁ ରଦ୍ଦ କରିଦିଆଯାଇଛି, ଯାହା ଦାବି କରେ ଯେ ସାଧାରଣ ହିତ ପାଇଁ ସରକାର ସମସ୍ତ ଘରୋଇ ସମ୍ପତ୍ତି ନେଇପାରିବେ। ଖଣ୍ଡପୀଠରେ ସାତଜଣ ବିଚାରପତିଙ୍କ ସମର୍ଥନରେ ପ୍ରଧାନ ବିଚାରପତି କହିଛନ୍ତି ଯେ ସମସ୍ତ ବ୍ୟକ୍ତିଗତ ସମ୍ପତ୍ତି ଶାରୀରିକ ସମ୍ବଳ ନୁହେଁ ତେଣୁ ସରକାର ଏହାକୁ ଗ୍ରହଣ କରିପାରିବେ ନାହିଁ।

ଜଷ୍ଟିସ୍ ଡି ୱାଇ ଚନ୍ଦ୍ରଚୂଡଙ୍କ ଅଧକ୍ଷତାରେ ଗଠିତ ୯ ଜଣିଆ ବିଚାରପତିଙ୍କ ଖଣ୍ଡପୀଠ ଚଳିତ ମେ'ରେ ତାରିଖରେ ବ୍ୟକ୍ତିଗତ ସମ୍ପତ୍ତି ମାମଲରେ ଶୁଣାଣି କରି ଏହାର ରାୟ ସଂରକ୍ଷିତ ରଖିଥିଲେ। ଏହି ମାମଲାରେ ଏହି ରାୟ ପ୍ରଦାନ କରୁଥିବାବେଳେ ସିଜେଆଇ କହିଛନ୍ତି, 'ମୋର ଏବଂ ୬ ଜଣ ବିଚାରପତିଙ୍କ ତିନୋଟି ବିଚାର ଅଛି ... ଜଷ୍ଟିସ୍ ନାଗରତ୍ନାଙ୍କ ଆଂଶିକ ସମନ୍ୱୟ ଏବଂ ଜଷ୍ଟିସ୍ ଧୁଲିଆଙ୍କ ଅସନ୍ତୋଷ। ଆମେ ବିଶ୍ୱାସ କରୁ ଯେ କେଶବାନନ୍ଦ ଭାରତୀ ମାମଲାରେ ଧାରା ୩୧ସି ଅକ୍ଷୁର୍ଣ୍ଣ ରହିଛି।

# ଖୁବଶୀଘ୍ର ନୂଆ ଏନଏସି

**ଭୁବନେଶ୍ୱର,୫।୧୧(ମହାଭାରତ):** ନିର୍ବାଚନ ପୂର୍ବରୁ ଭୋଟ ହାତେଇବା ଲକ୍ଷ୍ୟରେ ବିଜେଡି ସରକାର ୫୭ ନୂଆ ଏନ୍‌ଏସି ଓ ୬ ଏନ୍‌ଏସିସି ମ୍ୟୁନିସିପାଲିଟିକୁ ଉନ୍ନୀତ ହେବା ଘୋଷଣା କରିଥିଲା। ଏବେ ନୂଆ ସରକାର ଏହି ପ୍ରତିଶ୍ରୁତିକୁ ପାଳନ କରିବାକୁ ନିଷ୍ପତ୍ତି ନେଇଛି। ମ୍ୟୁନିପାଲିଟି ଓ ବିଜ୍ଞାପିତ ଅଞ୍ଚଳ ପରିଷଦ (ଏନ୍‌ଏସି) ଗଠନ ହେବାର ଆଶା ସଞ୍ଚାର ହୋଇଛି। ମୋହନ ମାଝୀଙ୍କ ସରକାର ରାଜ୍ୟର ପୌରପାଳିକା ଓ ଏନ୍‌ଏସି ସଂଖ୍ୟା ବୃଦ୍ଧି କରିବାକୁ ପଦକ୍ଷେପ ନେଇଛନ୍ତି। ରାଜ୍ୟ ଗୃହନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ୪ ତାରିଖରେ ବିଭିନ୍ନ ଜିଲ୍ଲାର ଜିଲ୍ଲାପାଳଙ୍କୁ ଚିଠି ଲେଖି ୬ଟି ଏନଏସିକୁ ମ୍ୟୁନିସପାଲଟିକୁ ଉନ୍ନୀତ କରିବା ସମେତ ୫୭ଟି ନୂଆ ଏନଏଏସି ଗଠନ ନିମନ୍ତେ ପୂର୍ବ ସରକାର ନୀତିଗତ ଅନୁମୋଦନ କରିଥିବାରୁ ଏସବୁର ବିସ୍ତୃତ ତଥ୍ୟ ନିର୍ଦ୍ଧାରିତ ଫର୍ମାଟରେ ପଠାଇବାକୁ ନିର୍ଦ୍ଦେଶ ଦେଇଛନ୍ତି। ରାଜ୍ୟ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ଅତିରିକ୍ତ ସଚିବ ରବୀନ୍ଦ୍ର କୁମାର ସାହୁ ଜିଲ୍ଲାପାଳମାନଙ୍କୁ ଲେଖିଥିବା ଚିଠିରେ ଗଞ୍ଜାମ ଜିଲ୍ଲାର ଆସିକା, ଛତ୍ରପୁର ଓ ଭଞ୍ଜନଗର ଏନଏସି ସମେତ ବୌଦ୍ଧ ଜିଲ୍ଲାର ବୌଦ୍ଧଗଡ଼ ଏନଏସି, ମୟୂରଭଞ୍ଜ ଜିଲ୍ଲାର କରଞ୍ଜିଆ ଏନଏସି ଏବଂ ବଲାଙ୍ଗୀର ଜିଲ୍ଲାର କଣ୍ଟାବାଞ୍ଜି ଏନଏସିକୁ ମ୍ୟୁନିସପାଲଟିକୁ ଉନ୍ନୀତ କରିବା ନିମନ୍ତେ ତୁରନ୍ତ ବିସ୍ତୃତ ତଥ୍ୟ ବିଭାଗକୁ ପଠାଇବାକୁ କହିଛନ୍ତି। ଓଡ଼ିଶା ମ୍ୟୁନିସପାଲ ଆକ୍ଟ-୧୯୫୦ର ପ୍ରାବଧାନ ଓ ପ୍ରଚଳିତ ନୀତି ଆଧାରରେ ଏଦିଗରେ ପଦକ୍ଷେପ ନିଆଯିବ ବୋଲି କହିବା ସହ ୨୦୨୪ ମାର୍ଚ୍ଚ ୧୩ତାରିଖରେ ବିଭାଗ ମାଗିଥିବା ତଥ୍ୟ ଦେବାକୁ କହିଛନ୍ତି।

ସେହିପରି ଅନ୍ୟ ଏକ ଚିଠିରେ ଦେବଗଡ଼, ଗଜପତି, ଝାରସୁଗୁଡ଼ା, କେନ୍ଦ୍ରାପଡ଼ା, କେନ୍ଦୁଝର, ମାଲକାନଗିରି ଓ ନବରଙ୍ଗପୁର ଜିଲ୍ଲାକୁ ବାଦ୍ ଦେଇ ଅନ୍ୟ ସମସ୍ତ ଜିଲ୍ଲାର ଜିଲ୍ଲାପାଳଙ୍କୁ ବିଭାଗୀୟ ଅତିରିକ୍ତ ସଚିବ ରବୀନ୍ଦ୍ର କୁମାର ସାହୁ ନୂଆ ୫୭ଟି ଏନ୍ଏସି ଗଠନ ନିମନ୍ତେ ନିଆଯାଇଥିବା ନୀତିଗତ ନିଷ୍ପତ୍ତି ଆଧାରରେ ଆବଶ୍ୟକ ତଥ୍ୟ ନିର୍ଦ୍ଧାରିତ ଫର୍ମାଟରେ ପଠାଇବାକୁ କହିଛନ୍ତି। ଶ୍ରୀ ସାହୁ ତାଙ୍କ ଚିଠିରେ ଉଲ୍ଲେଖ କରିଛନ୍ତି ଯେ, ଓଡ଼ିଶା ମ୍ୟୁନିସପାଲ ଆକ୍ଟ-୧୯୫୦ର ପ୍ରାବଧାନ ଓ ପ୍ରଚଳିତ ନୀତି ଆଧାରରେ ରାଜ୍ୟରେ ୫୭ଟି ନୂଆ ଏନଏଏସି ଗଠନକୁ ସରକାର ନୀତିଗତ ଅନୁମୋଦନ କରିସାରିଛନ୍ତି।

# ନନ୍ଦନକାନନ ଏକ୍ସପ୍ରେସ ଉପରକୁ ଗୁଳିମାଡ଼

ଭଦ୍ରକ,,୫।୧୧(ମହାଭାରତ.): ନୂଆଦିଲ୍ଲୀରୁ ପୁରୀ ଅଭିମୁଖେ ଆସୁଥିବା ନନ୍ଦନକାନନ ଏକ୍ସପ୍ରେସ ଟ୍ରେନ ଆଜି ସକାଳ ସାଢ଼େ ୯ଟାରୁ ୧୦ଟା ଭିତରେ ଗୁଳିମାଡ଼ ହୋଇଥିବାର ଖବର ମିଳିଛି। ଭଦ୍ରକ-ବାଉଦପୁର ସେକସନ୍ ମଝିରେ ଏହି ଗୁଳିମାଡ଼ ହୋଇଥିବା ଜଣାଯାଇଛି। ଏନେଇ ସମ୍ପୃକ୍ତ ଟ୍ରେନରେ ଥିବା ଗାର୍ଡ ଅଭିଯୋଗ କରିବା ପରେ ଭଦ୍ରକ ଷ୍ଟେସନ ମ୍ୟାନେଜର ପୁଲିସକୁ ସୂଚନା ଦେଇଥିଲେ। ତେବେ ନନ୍ଦନକାନନ ଏକ୍ସପ୍ରେସ ନିଜର ଗନ୍ତବ୍ୟସ୍ଥଳକୁ ଯାଇଥିଲା। ଏହି ଘଟଣା ଏବେ ଚର୍ଚ୍ଚାର ବିଷୟ ହୋଇଛି। ତେଣେ ଜିଆରପି ପୁଲିସ ଘଟଣାର ଛାନଭିନ୍ କରୁଛନ୍ତି। କିଏ ଗୁଳିମାଡ଼ କରିଛି, ତାହା ଏଯାଏ ଅସ୍ପଷ୍ଟ ରହିଛି।

# ମେଘନାଦ ପାଚେରୀ ନେଇ ବୟାନବାଜି

ଭୁବନେଶ୍ୱର,୫।୧୧(ମହାଭାରତ): କୋଟି ଓଡ଼ିଆ ଆରାଧ୍ୟ ମହାପ୍ରଭୁଙ୍କ ମେଘନାଦ ପାଚେରୀରେ ଫାଟ ସୃଷ୍ଟି ହୋଇଛି। ଏହାକୁ ନେଇ ଆରମ୍ଭ ହୋଇଛି ବୟାନବାଜି। ଏହି ବୟାନବାଜି ଭିତରେ ଆଜି ମୁହଁ ଖୋଲିଛନ୍ତି ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ମୁଖ୍ୟ ବାଡ଼ଗ୍ରାହୀ ଜଗନ୍ନାଥ ସ୍ୱାଇଁ ମହାପାତ୍ର ଓରଫ ଜଗୁନି। ଆଉ ନାଁ ନନେଇ ପୂର୍ବ ସରକାରଙ୍କୁ ଟାର୍ଗେଟ କରିଛନ୍ତି। ଅସନ୍ତୋଷ ଝାଡ଼ି ସେ କହିଛନ୍ତି ଜାଣିଶୁଣି ମନ୍ଦିରକୁ ଭାଙ୍ଗିଦେଲେ। ଜଗୁନିଙ୍କ ସହିତ ସ୍ୱର ମିଳାଇଛି ବିଜେପି। ଏହାର ଜବାବ ରଖିଛି ବିଜେଡି।

ମହାପ୍ରଭୁଙ୍କ ମେଘନାଦ ପାଚେରୀରେ ଫାଟ ନେଇ ଜଗନ୍ନାଥ ସ୍ୱାଇଁ ମହାପାତ୍ର କହିଛନ୍ତି, ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ କାମ ବେଳେ ଜେସିବି ଲଗାଇ ଭାଙ୍ଗିଲେ। ଚାରିକଡ଼ ମଠ, ମନ୍ଦିର, ଘର ସବୁ ଜେସିବିରେ ଭାଙ୍ଗିଦେଲେ। ଏହାଦ୍ୱାରା ମନ୍ଦିର ଚାରିକଡୁ ସପୋର୍ଟ କମିଗଲା।



ଯେଉଁଥିପାଇଁ ପାଚେରୀ ଚାରିଆଡ଼େ ଫାଟିଗଲା। ଏହାକୁ ସଂପୂର୍ଣ୍ଣ ମରାମତି ନକଲେ ଏହା ପୂରା ଭାଙ୍ଗିଯିବ। ବର୍ତ୍ତମାନ ସ୍ଥିତି ଯାହା ଏଏସ୍ଆଇ ଏହାକୁ ସ୍ୱତନ୍ତ୍ର ଭାବେ କାମ କରୁ। ପ୍ରଧାନମନ୍ତ୍ରୀ ନିଜେ ହସ୍ତକ୍ଷେପ କଲେ ପୂରା କାମ ହେବ ବୋଲି ଜଗୁନି କହିଛନ୍ତି।

ସେପଟେ ଜଗୁନିଙ୍କ ସ୍ୱରରେ ସ୍ୱର ମିଳାଇଛି ଶାସକ ବିଜେପି। ପୂର୍ବ ବିଜେଡି ସରକାରକୁ କଡ଼ା ନିଶାନା କରିଛନ୍ତି ବିଜେପି ମୁଖ୍ୟପାତ୍ର ଅନୀଲ ବିଶ୍ୱାଳୟ ସେ କହିଛନ୍ତି, ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ବାବୁ ଓ ତାଙ୍କ ସହଯୋଗୀ ଭିକେ ପାଣ୍ଡିଆନ ଏମିତି କିଛି ଭୁଲ କରିକି ଯାଇଛନ୍ତି, ଯାହାର ମୂଲ୍ୟ ଏବେ ଓଡ଼ିଶାବାସୀଙ୍କୁ ଦେବାକୁ ପଡୁଛି ।ଚାନିଜର ରାଜନୈତିକ ଫାଇଦା ପାଇଁ ସେମାନେ କିଭଳି ଏକ ପୁରାତନ ଐତିହ୍ୟକୁ ବିପଦକୁ ଠେଲି ଦେଇଛନ୍ତି, ତାହା ଅତ୍ୟନ୍ତ ଦୁଃଖଦାୟକ ବୋଲି ସେ କହିଛନ୍ତି।

ଶ୍ରୀ ବିଶ୍ୱାଳ ଆହୁରି କହିଛନ୍ତି, ଶ୍ରୀଜଗନ୍ନାଥଙ୍କ ମନ୍ଦିରର ମେଘନାଦ ପାଚେରୀରେ ଯେଉଁ ଫାଟ ବାହାରିଛି, ତାହା ମେଳିବା ଆରମ୍ଭ କରୁଛି। ଯାହା କୋଟି କୋଟି ଜଗନ୍ନାଥ ପ୍ରେମୀଙ୍କ ପାଇଁ ଚିନ୍ତାଜନକ ବିଷୟ ପାଲଟିଛି। ପରିକ୍ରମା ପ୍ରକଳ୍ପ ନିର୍ମାଣ ସମୟରେ ଯେଭଳି ବଡ଼ ବଡ଼ ମେସିନ ଲଗାଇ ଶ୍ରୀମନ୍ଦିର ଚାରିପଟେ ଓ ଅତି ନିକଟରେ ବଡ଼ ବଡ଼ ଗାତ କରାଗଲା, ତାହା ମେଘନାଦ ପାଚେରୀ ଉପରେ ପ୍ରଭାବ ପକାଇଲାୟ ପ୍ରତ୍ନତତ୍ତ୍ୱ ବିଭାଗ ଏବଂ ନ୍ୟାସନାଲ ମନୁମେଣ୍ଟ ଅଥରିଟିର ବିନା ଅନୁମତିରେ ପ୍ରଥମେ ମେସିନ ଲଗାଇ ଖୋଳାଗଲା। ବିନା କୌଣସି ହେରିଟେଜ ଇଂପାକ୍ଟ ଷ୍ଟଡି ନକରାଯାଇ ଏହି ଖୋଳାଖୋଳି କାମ କେଉଁ ପରିସ୍ଥିତିରେ କରାଯାଇଥିଲା ବୋଲି ସେ ପ୍ରଶ୍ନ କରିଛନ୍ତି।

ସେ ଆହୁରି କହିଛନ୍ତି, ୯୦୦ ବର୍ଷର ଏକ ପ୍ରାଚୀନ ମନ୍ଦିର ଚାରିପଟେ ଯେଉଁଭଳି ଭାବରେ ବିଶାଳ ମେସିନ ଲଗେଇ ବୃହତ ଗର୍ତ୍ତ କରାଯାଇ ଏହାର ସ୍ଥାୟୀତ୍ୱକୁ ବିଗାଡ଼ି ଦିଆଗଲା, ଏହାର ପ୍ରଭାବ ବର୍ତ୍ତମାନ ମେଘନାଦ ପାଚିରୀ ଉପରେ ପଡ଼ିଲାଣି। ଆଗାମୀ ଦିନରେ ମନ୍ଦିର ଉପରେ ଏହା ଯେ ନପଡିବ ତାହା କିଏ କହିବ ବୋଲି ଅନୀଲ ବିଶ୍ୱାଳ ପ୍ରଶ୍ନ କରିଛନ୍ତିୟ

# ସ୍ୱତନ୍ତ୍ର ନିୟମ ଦାବି କଲା ଯାତ୍ରା କମିଟି

ଭୁବନେଶ୍ୱର,୫।୧୧(ମହାଭାରତ): ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କୁ ଭେଟିଲେ ଯାତ୍ରା କମିଟି ମହାସଂଘ। ଯାତ୍ରା ଅନୁଷ୍ଠାନ ଲାଗି ସ୍ୱତନ୍ତ୍ର ନିୟମ ଆଣିବା ଦାବିରେ ଆଇନ ମନ୍ତ୍ରୀଙ୍କୁ ଭେଟିଲା ଯାତ୍ରା କମିଟି ମହାସଂଘ। ଯାତ୍ରାକୁ ପ୍ରୋତ୍ସାହନ ବଦଳରେ ବ୍ୟବସାୟୀକରଣ କରାଇଥିବା ଏବଂ ଯାତ୍ରାରେ ଅଶ୍ଳୀଳତା, ଦ୍ୱିଅର୍ଥବୋଧକ ଶବ୍ଦ ଓ ସମାଜ ପ୍ରତି ଖରାପ ପ୍ରଭାବ ପକାଉଥିବା କିଛି ନାଟକ ଓ ବିଷୟକୁ ବିରୋଧ ନିମନ୍ତେ ମଧ୍ୟ ଦାବିପତ୍ର ପ୍ରଦାନ କରିଛି ସଂଘ। ସରକାର ଯାତ୍ରା ପରିବେଷଣ ପାଇଁ ଏକ ସ୍ୱତନ୍ତ୍ର ନିୟମାବଳୀ ଆଣିଲେ ଏହି ଅଶ୍ଳୀଳତାରେ ଅଙ୍କୁଶ ଲଗା ଯାଇପାରିବ ବୋଲି ସଂଘ କହିଛି।

## ସଂସ୍କୃତିର ସୁରକ୍ଷା ଦିଗରେ ଜାରି ହେବ ନିର୍ଦ୍ଦେଶାବଳୀ : ମନ୍ତ୍ରୀ

ସେପଟେ ଯାତ୍ରାରେ କୌଣସି ପ୍ରକାର ଅପସଂସ୍କୃତିକୁ ପ୍ରଶୟ ଦିଆଯିବ ନାହିଁ। ସଂସ୍କୃତିର ସୁରକ୍ଷା ଦିଗରେ ଖୁବଶୀଘ୍ର ଏକ ନିର୍ଦ୍ଦେଶାବଳୀ ଜାରି କରାଯିବ ବୋଲି କହିଛନ୍ତି ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି।

ସଂଘର ଅଭିଯୋଗ ଯେ ଏବେ ଯାତ୍ରାରେ ଅଶ୍ଳୀଳ ନୃତ୍ୟ ପରିବେଷଣକୁ ନେଇ ବିବାଦ ଚରମ ସୀମାରେ ପହଞ୍ଚିଛି। ବ୍ୟବସାୟିକ ଫାଇଦା ପାଇଁ ଯାତ୍ରା ଆୟୋଜକମାନେ ନଗ୍ନ ନୃତ୍ୟକୁ ପ୍ରଶ୍ରୟ ଦେଉଥିବା ସାଧାରଣରେ ଅଭିଯୋଗ ହେବା ପରେ ଏହା ଏବେ ବିତର୍କର ପ୍ରସଙ୍ଗ ପାଲଟିଛି। ଏନେଇ ଯାତ୍ରାପାର୍ଟି ମାଲିକମାନଙ୍କୁ ସିଧାସଳଖ ଦାୟୀ କରିଛି ଯାତ୍ରା କମିଟି ମହାସଂଘ। ଯାତ୍ରାର ରାତ୍ର ପିଛା ମୂଲ୍ୟ ସହିତ ଟିକେଟ ମୂଲ୍ୟ ବୃଦ୍ଧି ହେବାରୁ ଏଭଳି ପରିସ୍ଥିତି ଉପୁଜିଛି। ପ୍ରତ୍ୟକ୍ଷ ରେ ଯାତ୍ରା କୁ ନେଇ ମାଲିକ ମାନେ ଚାପ ପକାଉଛନ୍ତି, ଯାହାକୁ ନେଇ ଅଶ୍ଳୀଳତା ବୃଦ୍ଧି ପାଉଛି।

ସୂଚନାରୁ ପ୍ରକାଶ, ଯାତ୍ରାରେ ଅଶ୍ଳୀଳ ନୃତ୍ୟକୁ ଅନେକ ସମୟରେ ହଙ୍ଗାମା ହେଉଛି। ଏହାକୁ ନେଇ ଯାତ୍ରା ପ୍ରେମୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। ସ୍ଥିତି ବିଗୁଡୁଥିବା ଦେଖି ଆଇନ ମନ୍ତ୍ରୀ ଏଥିରେ ହସ୍ତକ୍ଷେପ କରିଥିଲେ। ଯାତ୍ରାରେ ଅଶ୍ଳୀଳ ନୃତ୍ୟ ବନ୍ଦ କରିବା ପାଇଁ ଖୁବଶୀଘ୍ର ଆଇନ ଆସିବ ବୋଲି ମନ୍ତ୍ରୀ କହିଥିଲେ। ଏହା ପରେ ଏହାକୁ ନେଇ ଆରମ୍ଭ ହୋଇଥିଲା ତର୍କବିତର୍କ। 'ଯାତ୍ରା କଳାକାର ଓ କର୍ମଚାରୀ ସଂଘ ଓଡ଼ିଶା' ଏବଂ 'ରାଜ୍ୟ କଳାକାର ମହାସଂଘ' ରାଜ୍ୟ ସରକାରଙ୍କ ଏପରି ନିଷ୍ପତ୍ତିକୁ ସ୍ୱାଗତ କରିଥିଲେ।







## ରୋଗ ଦୂର କରେ ଶୁଣ୍ଠି

ଶୁଖିଲା ଅଦା ବା ଶୁଣ୍ଠି କେବଳ କବଳ ଖାଦ୍ୟର ସ୍ୱାଦ ବଢ଼ାଇ ନ ଥାଏ, ଏହାର ଅନେକ ଔଷଧୀୟ ଗୁଣ ମଧ୍ୟ ରହିଛି। ବିଶେଷକରି ଶୀତଦିନେ ଶୁଣ୍ଠିର ବ୍ୟବହାର ଦ୍ୱାରା ଅନେକ ସମସ୍ୟାରୁ ମୁକ୍ତି ମିଳିଥାଏ। ଜାଣନ୍ତୁ ଏ ସମ୍ପର୍କରେ

■ ଆଣ୍ଠୁ ଗଣ୍ଠି ଯନ୍ତ୍ରଣା ପାଇଁ ଶୁଣ୍ଠି ଖୁବ୍ ଲାଭଦାୟକ। ଶୁଣ୍ଠି ଏବଂ ଜାଇଫଳକୁ ଗୁଣ୍ଡ କରି ରାଶି ତେଲରେ ମିଶାଇ ଯନ୍ତ୍ରଣା ସ୍ଥାନରେ ଲଗାଇବା ଦ୍ୱାରା ଉପଶମ ମିଳିଥାଏ।

■ ଶୁଣ୍ଠି ପାଚନ କ୍ରିୟାକୁ ଠିକ୍ କରିବା ସହ ଓଜନ କମାଇବାରେ ସାହାଯ୍ୟ କରିଥାଏ।

■ ଗର୍ଭବତୀ ମହିଳାମାନଙ୍କ ପାଇଁ ଶୁଣ୍ଠି ସର୍ବୋତ୍କୃଷ୍ଟ।

■ ଶୁଣ୍ଠିରେ କର୍କଟ ନିରୋଧୀ ଗୁଣ ରହିଥାଏ, ଯାହା କର୍କଟ କୋଷିକାକୁ ନଷ୍ଟ କରିଦିଏ।



..... ପରଦା ଖବର .....

## ଦୁବାଇ ଅନ୍ତର୍ଜାତୀୟ ଯୁବ ସମ୍ମିଳନୀରେ ଲିଟିଲ ମିସ ୟୁନିଭର୍ସ ପଦ୍ମାଳୟା ନନ୍ଦ ନିମନ୍ତ୍ରିତ

ଦୁବାଇଠାରେ ଅନୁଷ୍ଠିତ ୧୯ତମ ଅନ୍ତର୍ଜାତୀୟ ଯୁବ ସମ୍ମିଳନୀରେ ନିମନ୍ତ୍ରିତ ଅତିଥି ଭାବେ ଯୋଗ ଦେବାର ସୌଭାଗ୍ୟ ଅର୍ଜନ କରିଛନ୍ତି ଲିଟିଲ ମିସ ୟୁନିଭର୍ସ ଣ୍ଟରନେଟ୍ ପଦ୍ମାଳୟା ନନ୍ଦୟ ନଭେମ୍ବର ୫ରୁ ୧୦ ତାରିଖ ପର୍ଯ୍ୟନ୍ତ ଦୁବାଇ ଠାରେ ଜାତିସଂଘ ସହ ସହବନ୍ଧିତ ଅନ୍ତର୍ଜାତୀୟ ଓ୍ୱାଇଜମ୍ୟାନ ଇ□ରନାସନାଲ ପକ୍ଷରୁ ଅନୁଷ୍ଠିତ ୧୯ତମ ଅନ୍ତର୍ଜାତୀୟ ଯୁବ ସମ୍ମିଳନୀରେ ନିମନ୍ତ୍ରିତ ଅତିଥି ଭାବେ ଯୋଗ ଦେଇ ଉଦବୋଧନ ଦେବା ପାଇଁ ନିମନ୍ତ୍ରିତ ହୋଇଛନ୍ତି। ଏହି ଯୁବ ସମ୍ମିଳନୀରେ ପୃଥିବୀର ୭୫ଟି ଦେଶରୁ ବିଭିନ୍ନ କ୍ଷେତ୍ରରେ ସଫଳତା ଅର୍ଜନ କରିଥିବା ଯୁବ ପ୍ରତିନିଧିମାନେ ଯୋଗ ଦେବାରେ କାର୍ଯ୍ୟକ୍ରମ ରହିଛି। ୨୦୧୭ ମସିହାରେ ପଦ୍ମାଳୟା ନନ୍ଦ ପ୍ରଥମ ଭାରତୀୟ ଭାବେ ୟୁରୋପର ଜର୍ଜୀଆଠାରେ ଲିଟିଲ ମିସ ୟୁନିଭର୍ସ ଇଣ୍ଟରନେଟ୍ ହେବାର ସଫଳତା ଅର୍ଜନ କରିବା ସହ ଓଡ଼ିଆ ସଂସ୍କୃତି ଓ ସମ୍ବଲପୁରୀ ନୃତ୍ୟକୁ ଉପସ୍ଥାପନ କରି ଉଚ୍ଚ ପ୍ରଶଂସିତ ହୋଇଥିଲେ। ଏବେ ପଦ୍ମାଳୟା ରେଭେନ୍ସା ବିଶ୍ୱ ବିଦ୍ୟାଳୟର ମନସ୍ତତ୍ୱ ବିଭାଗ ଯୁକ୍ତ ୩ ତୃତୀୟ ବର୍ଷର ଛାତ୍ରୀ। ସେ ଓଡିଶା ହାଇକୋର୍ଟର ଆଇନଜୀବୀ ପ୍ରସନ୍ତ କୁମାର ନନ୍ଦ ଓ ଡାକ୍ତର ଶୁଭସୁଧା ପ୍ରିୟଦର୍ଶିନୀଙ୍କ ଜ୍ୟେଷ୍ଠ କନ୍ୟାୟ ଏଥି ପାଇଁ ତାଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିଛି।





## ପିମ୍ପୁଡି ଠାରୁ ରକ୍ଷା ପାଇବେ କେମିତି ?



ବର୍ଷାଦିନେ ଲୋକେ ନିଜ ଘର ଏବଂ ଅଗଣାରେ ଜନ୍ଦା ଓ ପିମ୍ପୁଡି ହେଉଥିବାରୁ ସମସ୍ୟାରେ ପଡିଥାନ୍ତି। ଘରେ ପିମ୍ପୁଡି ଅଧିକ ହେଲେ ଆପଣଙ୍କ ରୋଷେଇ ଘରେ ଥିବା ମିଠା ଓ ଅନ୍ୟାନ୍ୟ ଖାଦ୍ୟ ମଧ୍ୟ ଖରାପ ହୋଇଥାଏ। ଏହି ସମ୍ୟାରୁ ରକ୍ଷା ପାଇଁ କିଛି ଘରୋଇ ଉପାୟ ରହିଛି, ଯାହାକୁ ପ୍ରୟୋଗ କଲେ ଘରକୁ ଜନ୍ଦା, ପିମ୍ପୁଡି ଆସିବେ ନାହିଁ। ଆସନ୍ତୁ ଜାଣିବା ସେଗୁଡିକ କ'ଣ ?

ଲେମ୍ବୁ : ପିମ୍ପୁଡିଙ୍କୁ ଘରୁ ବାହାର କରିବା ପାଇଁ ଘରର ଯେଉଁ ସ୍ଥାନରେ ପିମ୍ପୁଡି ହେଉଛନ୍ତି, ସେଠାରେ ଲେମ୍ବୁ ଚୋପା ରଖନ୍ତୁ। ଏପରି କରିବା ଦ୍ୱାରା ଘରେ ପିମ୍ପୁଡି ପଶିବେ ନାହିଁ।

ତେଜପତ୍ର: ତେଜପତ୍ରର ବାସ୍ନା ପିମ୍ପୁଡିଙ୍କୁ ଭଲ ଲାଗେ ନାହିଁ। ଏହାର ବ୍ୟବହାର ଆପଣ ପିମ୍ପୁଡି ହେଉଥିବା ସ୍ଥାନରେ କରିପାରିବେ।

ଭିନେଗାର: ଘରର ଚଟାଣକୁ ପାଣିରେ ଭିନେଗାର ମିଶାଇ ପୋଛନ୍ତୁ। ଏପରି କଲେ ପିମ୍ପୁଡି ରହିବେ ନାହିଁ।

ପୋଦିନା ପତ୍ର: ଯଦି ଆପଣଙ୍କ ଚିନି ଡବାରେ ପିମ୍ପୁଡି ହେଉଛନ୍ତି, ତେବେ ସେଥିରେ ଶୁଖିଲା ପୋଦିନା ପତ୍ର ଏବଂ ଲବଙ୍ଗ ରଖନ୍ତୁ। ଦେଖିବେ ପିମ୍ପୁଡି ହେବେ ନାହିଁ।

ହଳଦୀ: ପିମ୍ପୁଡିଙ୍କୁ ବାହାର କରିବା ପାଇଁ ଆପଣ ହଳଦୀର ବ୍ୟବହାର ମଧ୍ୟ କରିପାରିବେ। ଯେଉଁଠି ପିମ୍ପୁଡି ହେଉଛନ୍ତି, ସେଠାରେ ହଳଦୀ ପାଉଡର ଛିଞ୍ଚି ଦିଅନ୍ତୁ।

କଫି ପାଉଡର: ପିମ୍ପୁଡି ହେଉଥିବା ସ୍ଥାନରେ କଫି ପାଉଡର ପକାନ୍ତୁ। ପିମ୍ପୁଡି ରହିବେ ନାହିଁ।

ସାବୁନ: ସାବୁନକୁ ଫେଣ କରି ପିମ୍ପୁଡି ହେଉଥିବା ସ୍ଥାନରେ ରଖନ୍ତୁ କିମ୍ବା ସ୍ପ୍ରେ କରନ୍ତୁ। ଘରେ ପିମ୍ପୁଡି ରହିବେ ନାହିଁ।

ଚକ ଖଡି: ଯେଉଁଠାରେ ପିମ୍ପୁଡି ହେଉଛନ୍ତି, ଚକ ଖଡିରେ ସେଠାରେ ଏକ ଗୋଲ ତିଆରି କରନ୍ତୁ। ଦେଖିବେ ପିମ୍ପୁଡି ଗୋଲ ବାହାରକୁ ଯିବେ ନାହିଁ।

## ରକ୍ତଚାପ ନିୟନ୍ତ୍ରଣ କରେ କପର୍ ବ୍ରେସଲେଟ୍

ତମ୍ବା ବା କପରରେ ଅନେକ ପ୍ରକାରର ସ୍ୱାସ୍ଥ୍ୟ ଉପକାରୀ ଗୁଣ ରହିଛି। ତେଣୁ ତମ୍ବା ପାତ୍ରରେ ପାଣି ରଖି ସକାଳେ ଖାଲି ପେଟରେ ପିଇବା ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ପରାମର୍ଶ ଦେଇଥାନ୍ତି। କେବଳ ତମ୍ବା ପାତ୍ରର ପାଣି ନୁହେଁ, ଏହାର ବ୍ରେସଲେଟ ଓ ମୁଦିରେ ମଧ୍ୟ ସ୍ୱାସ୍ଥ୍ୟ ଉପକାରୀ ଗୁଣ ରହିଛି।

ତମ୍ବା ଏପରି ଏକ ଧାତୁ ଯେଉଁଥିରେ ଆଣ୍ଟି ବ୍ୟାକ୍ଟେରିଆଲ୍ ଓ ମାଇକ୍ରୋ ବ୍ୟାକ୍ଟେରିଆଲ୍ ତତ୍ତ୍ୱ ରହିଛି। ଏହି ତତ୍ତ୍ୱ ବ୍ୟାକ୍ଟେରିଆଙ୍କ ସହିତ ଲଢେଇ କରିବା ପାଇଁ ସାହାଯ୍ୟ କରିଥାଏ। ତା'ହେଲେ ଆସନ୍ତୁ ଜାଣିବା ତମ୍ବା ବ୍ରେସଲେଟ ହାତରେ ପିନ୍ଧିଲେ ଶରୀରକୁ କେଉଁସବୁ ଲାଭ ମିଳିଥାଏ।



୧- ତମ୍ବା ବା କପର ରକ୍ତକୁ ସଫା କରିଥାଏ।

୨- ହିମୋଗ୍ଲୋବିନକୁ ଠିକ୍ ରଖି ରକ୍ତ ସଞ୍ଚାଳନକୁ ଠିକ୍ ରଖିଥାଏ।

୩- ଶରୀରକୁ ବିଷାକ୍ତ ଧାତୁର ପ୍ରଭାବରୁ ରକ୍ଷା କରିଥାଏ।

୪- କପର ବ୍ରେସଲେଟ ପିନ୍ଧିଲେ ହାର୍ଟ ସୁସ୍ଥ ରହିଥାଏ। ତେଣୁ ହାର୍ଟ ଆଟାକର ଆଶଙ୍କା କମ୍ ରହିଥାଏ।

୫- ତମ୍ବାର ମୁଦି କିମ୍ବା ବ୍ରେସଲେଟ ପିନ୍ଧିଲେ ରକ୍ତଚାପ ନିୟନ୍ତ୍ରିତ ହୋଇଥାଏ।

୬- କପରରେ ଆଣ୍ଟି-ଅକ୍ସିଡାଣ୍ଟ ଗୁଣ ରହିଛି, ଯାହା କୋଷରେ ଫ୍ରୀ ରାଡିକ୍ସ ହେବାକୁ ଦେଇନଥାଏ।

୭- ତମ୍ବା ମୁଦି ଶରୀରର ବିଭିନ୍ନ ଅଙ୍ଗ ଯେପରିକି ହାତ, ପାଦ ଓ ଆଙ୍ଗୁଳିରୁ ଆର୍ଲିଜ କମ୍ କରିଥାଏ।

୮- ଯଦି ପେଟ ସମ୍ବନ୍ଧୀୟ କୌଣସି ସମସ୍ୟା ରହିଛି କିମ୍ବା ଏସିଡିଟିକୁ ନେଇ ଚିନ୍ତାରେ ରହୁଛନ୍ତି, ତେବେ କପର ବ୍ରେସଲେଟ ପିନ୍ଧନ୍ତୁ।

## କେମିତି ବ୍ୟବହାର କରିବେ ଫେସ୍ ପାଉଡର୍

ବ୍ୟୁଟିସିଆନ୍ ମେକ୍ଅପ୍ କରିବା ସମୟରେ ପ୍ରାଇମର୍, କନ୍‌ସିଲର୍ ପରେ ପାଉଡର୍ ଲଗାଇଥାଆନ୍ତି। ପାଉଡର୍‌ର ବ୍ୟବହାର ମେକ୍ଅପ୍‌କୁ କିଛି ଘଣ୍ଟା ପର୍ଯ୍ୟନ୍ତ ସିଲ୍ କରି ଅତ୍ୟଧିକ ଗ୍ଲୋଇଙ୍ଗ୍ ଇଫେକ୍ଟ ଦିଏ, ସେହିଭଳି ଫାଉଣ୍ଡେସନ୍‌ର ଫାଇନାଲ୍ ଟଚ୍ ମେକ୍ଅପ୍‌କୁ ଫିନିଶ୍ ଦେବାରେ ସହାୟକ। କିନ୍ତୁ ଆମେ ଜାଣତରେ ହେଉ ବା ଅଜାଣତରେ ଏହାକୁ ନେଇ ଭୁଲ୍ କରିବସୁ। ଯେଉଁ କାରଣରୁ ଲୁକ୍ ପୁରା ଖରାପ ହୋଇଯାଏ। ଫେସ୍ ପାଉଡର୍‌କୁ କିଭଳି ବ୍ୟବହାର କରିବା ଦରକାର ତାହା ଜାଣିଯିବା ଉଚିତ୍।



- ମେକ୍ଅପ୍ ସେତେବେଳେ ଭଲ ଦିଶିବ ଯେତେବେଳେ ଏହାକୁ ଭଲ ଭାବେ ଆପ୍ଲାଏ କରାଯିବ। ଏଥିପାଇଁ ଗୁରୁତ୍ୱପୂର୍ଣ୍ଣ ହେଉଛି ସଠିକ୍ ମେକ୍ଅପ୍ ଟୁଲ୍ସ। ଏହା ଫେସ୍ ପାଉଡର୍ ସହ ଥାଏ। ଯଦି ଆପଣଙ୍କ ସ୍କିନ୍ ତୈଳାକ୍ତ ହୋଇଥାଏ ତେବେ ପାଉଡର୍ ପପ୍ ବ୍ୟବହାର କରନ୍ତୁ, ଅତ୍ୟଧିକ ତୈଳାକ୍ତ ଶୁଖି ମ୍ୟାଟ୍ ଫିନିଶ୍ ଲୁକ୍ ଦେଇପାରିବ। ସାଧାରଣ କିମ୍ବା ରୁକ୍ଷ ତ୍ୱଚା ହୋଇଥିଲେ ପାଉଡର୍ ବ୍ରଶ୍ ବ୍ୟବହାର କରାଯାଇପାରେ।
- ପ୍ରଡକ୍ଟ କିଣିବା ସମୟରେ ସ୍କିନ୍‌ଟୋନ୍ ଯଥେଷ୍ଟ ନୁହେଁ। ଏଥିପାଇଁ ସ୍କିନ୍ ଟାଇପ୍‌କୁ ଧ୍ୟାନରେ ରଖିବା ଜରୁରୀ। ଯଦି ଆପଣଙ୍କ ତ୍ୱଚା ତୈଳାକ୍ତ ହୋଇଥାଏ ତେବେ ଫେସ୍ ପାଉଡର୍ ଏଭଳି ବାଛନ୍ତୁ ଯେଉଁଥିରେ କେବଳ ଟ୍ୟାଲ୍‌କମ୍ ଥିବ। କାରଣ ଏହା ଚେହେରାରୁ ତୈଳାକ୍ତକୁ ପୋଛି ପରଫେକ୍ଟ ଫିନିଶ୍ ଦେବ। ସେହିଭଳି ଶୁଷ୍କ ତ୍ୱଚା ଥିଲେ ହାଇଡ୍ରୋନିକ୍ ଏସିଡ୍ ଓ ହାଇଡ୍ରେଟିଙ୍ଗ୍ ପ୍ରପର୍ଟି ଥିବା ଫେସ୍ ପାଉଡର୍ ବାହାର କରନ୍ତୁ।
- ମାର୍କେଟ୍‌ରୁ ଫାଉଣ୍ଡେସନ୍ କିଣନ୍ତୁ ବା କନ୍‌ସିଲର୍ କିମ୍ବା ଫେସ୍ ପାଉଡର୍, ତିନିଟି ମଧ୍ୟରେ ଗୋଟିଏ ହି ଫର୍ମୁଲା ଆପଣାନ୍ତୁ। ତ୍ୱଚା ଅନୁସାରେ ଏକ ସେଡ୍ ଲାଇଟ୍ ପାଉଡର୍ କିଣନ୍ତୁ।
- ଫେସ୍ ପାଉଡର୍ କେବଳ ତ୍ୱଚା ଓ ବେକର ଆଖପାଖରେ ଲଗାଯାଏ ତା ନୁହେଁ। ପାଉଡର୍ ସବୁବେଳେ ମଥା, ନାକ ଓ ଚିବୁକ ଉପରେ ଲଗାନ୍ତୁ। କାରଣ ତ୍ୱଚାର ଏହି ଭାଗ ହିଁ ସବୁବେଳେ ଅଧିକ ତୈଳାକ୍ତ ଜଣାପଡ଼େ। ମଥାରେ ଲଗାଇବା ସମୟରେ ପାଉଡର୍ ଯେପରି କେଶ ଆଡ଼କୁ ନଯାଏ ସେଥିପ୍ରତି ଧ୍ୟାନ ଦେବେ। ନଚେତ୍ ଆପଣଙ୍କ କେଶ ବିନ୍ୟାସ ମଧ୍ୟ ବିଗିଡ଼ିଯିବ ଓ ପାଉଡର୍ ଲିଭାଇବା ବି ମୁସ୍କିଲ ହେବ।
- ମେକ୍ଅପ୍ କରିବା ପୂର୍ବରୁ ତ୍ୱଚାକୁ ମଶ୍ଚରାଇଜ୍ କରିବା ଦରକାର। ଏଥିସହ ମେକ୍ଅପ୍ ପାଇଁ ନରମ ଆବରଣ ପ୍ରସ୍ତୁତ କରନ୍ତୁ। ଫେସ୍ ପାଉଡର୍‌କୁ ପରଫେକ୍ଟ ଫିନିଶ୍ ଦେବା ପାଇଁ ଏହା ବ୍ୟବହାର କରିବା ଜରୁରୀ। ଏହାଦ୍ୱାରା ମେକ୍ଅପ୍ ଅଧିକ ସମୟ ପର୍ଯ୍ୟନ୍ତ ସତେଜ ରହିବ।
- କୌଣସି ବି ପ୍ରଡ଼କ୍ଟକୁ ଦରକାର ଠାରୁ ଅଧିକ ବ୍ୟବହାର କରନ୍ତୁ ନାହିଁ। ଏହା ମଧ ଫେସ୍ ପାଉଡର୍ ପାଇଁ ଦରକାର। ଅଧିକ ମାତ୍ରାରେ ଲଗାଇବା ବଦଳରେ ଏହାର ଗୋଟିଏ ମାତ୍ର କୋଟ୍ ଲଗାଇ ଶେଷରେ ଅତ୍ୟଧିକ ପାଉଡର୍‌କୁ ବ୍ରଶ୍‌ରେ ହଟାନ୍ତୁ।

## ବେଡ଼ରୁମର ସୌନ୍ଦର୍ଯ୍ୟ ବୃଦ୍ଧି କରେ ବେଡ଼ସିଟ

ପୂରା ଦିନ ଘର କାମ, ଅଫିସ କାମ କରି ଥକି ଗଲା ପରେ ଆପଣଙ୍କର ଆରାମ କରିବାକୁ ନିଶ୍ଚିତ ଇଚ୍ଛା ହେବ। ଆଉ ଏହି ଆରାମ ଆପଣଙ୍କ ନିଜ ବେଡ଼ରୁମରେ ହିଁ ପାଇ ପାରିବେ। ତେବେ ଆପଣଙ୍କ ବେଡ଼ସିଟ ଏହି ଆରାମ ଦେବାରେ ଅନେକ ଭୂମିକା ନେଇଥାଏ। କାରଣ ସବୁ ଥକାପଣକୁ ଆପଣ ବେଡ଼ରେ ହିଁ ଦୂର କରିଥାନ୍ତି। ଅନେକ ଲୋକ ଅଛନ୍ତି ବେଡ଼ସିଟ କିଣିବା ବେଳେ ବହୁତ କନଫ୍ୟୁଜନ ହୋଇଥାନ୍ତି। କାରଣ ସେମାନଙ୍କର ବେଡ଼ିସିଟ କିଣିବାରେ କିଛି ବି ଜ୍ଞାନ ନଥାଏ। କିଭଳି ବେଡ଼ସିଟ କିଣିଲେ ବେଡ଼ରୁମରେ ସୌନ୍ଦର୍ଯ୍ୟ ବୃଦ୍ଧି କରିବା ସହ ଆରାମ ମିଳିବ , ଆସନ୍ତୁ ଜାଣିବା।



ଆପଣ ସିଜିନ ଅନୁସାରେ ବେଡ଼ସିଟ କିଣନ୍ତୁ। ଏଠି ଭାବନ୍ତୁ ନାହିଁ ଯେ ଆପଣଙ୍କ ପଡ଼ିଶା ର ମହିଳାଙ୍କ ଘରେ କିଭଳି ବେଡ଼ସିଟ ପଡ଼ିଛି ଆଉ ଆପଣଙ୍କର ତାହା ନାହିଁ। ଏହା ମଧ୍ୟ ଜାଣିବା ଜରୁରୀ ଯେ ଆପଣ ନିଜେ କେଉଁ ପ୍ରକାର ବେଡ଼ସିଟରେ ଆରାମ ଅନୁଭବ କରିପାରିବେ। ଗରମ ଦିନରେ ଆପଣ କଟନର ବେଡ଼ସିଟ କିଣନ୍ତୁ। ଏହା ଆପଣଙ୍କୁ ଖରା ଦିନରେ ଆରାମ ଦେବ ଏବଂ ବେଡ଼ରୁମ ମଧ୍ୟ ଫ୍ରେସ ରହିବ। ପ୍ରତିଦିନ ବ୍ୟବହାର କରିବା ପାଇଁ ଆପଣ ବେଡ଼ସିଟ କିଣୁଥିଲେ ପ୍ଲେନ ବା ସାଧା ବେଡ଼ସିଟ କିଣନ୍ତୁ। ଏହା ଆପଣଙ୍କ ବେଡ଼ରୁମକୁ ଏକ ଅଲଗା ଲୁକ ଦେବ।ଯଦି ଆପଣ କଟନ ବେଡ଼ସିଟ କିଣୁଛନ୍ତି ତାହାହେଲ ବେଡ଼ସିଟରେ ସାଇଜ ଉପରେ ଧ୍ୟାଦ ଦିଅନ୍ତୁ। କାରଣ କଟନ ବେଡ଼ସିଟ ଧୋଇଲା ପରେ ତାହା ଅଳ୍ପ ଛୋଟ ହୋଇଯାଏ। ବେଡ଼ସିଟରେ ଏପରି କିଣନ୍ତୁ ଯାହା ଆପଣଙ୍କ ବେଡ଼ର ଗଦିକୁ ପୂରା ଲୁଚାଉ ଥିବା ନ ନ ହେଲେ ଆପଣଙ୍କ ବେଡ଼ ସୁନ୍ଦର ଦେଖା ନଯିବା ସହ ଶୋଇଲା ବେଳେ ତାହା ବେଡ଼ରୁମକୁ ସୁନ୍ଦର କରିବାକୁ ଚାହୁଁଥିଲେ ଆପଣଙ୍କର କାନ୍ଥ ସହ ବେଡ଼ର ରଙ୍ଗକୁ ଦେଖି ବେଡ଼ସିଟ କିଣନ୍ତୁ। ଏହା ଆପଣଙ୍କ ରୁମକୁ ଏକ ଫ୍ରେସ ଲୁକ ଦେବ।



ମହାଭାରତ
ନଗରନକ୍ସା ମହାନଗରର ନିଜ ଭାଷା
ବୁଧବାର, ୬ ନଭେମ୍ବର, ୨୦୨୪


# ୟୁକେସ୍ଥିତ ଭାରତୀୟ ହାଇ-କମିଶନରଙ୍କୁ ସାକ୍ଷାତ କଲେ ଉପମୁଖ୍ୟମନ୍ତ୍ରୀ



**ଭୁବନେଶ୍ୱର,୫।୧୧ (ମହାଭାରତ):** ଓଡ଼ିଶାର ପର୍ଯ୍ୟଟନ କ୍ଷେତ୍ରକୁ ଅଧିକ ବିକଶିତ କରିବା ଦିଗରେ ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ନେତୃତ୍ୱରେ ଏକ ଉଚ୍ଚସ୍ତରୀୟ ପ୍ରତିନିଧି ୟୁନାଇଟେଡ୍ କିଙ୍ଗଡମ(ୟୁକେ) ଗସ୍ତ କରିଛନ୍ତି। ଏହି କ୍ରମରେ ୟୁକେରେ ଅବସ୍ଥିତ ଭାରତୀୟ ହାଇ-କମିଶନର ବିକ୍ରମ ଦୋରାଇସ୍ୱାମୀଙ୍କୁ ସାକ୍ଷାତ କରିଛନ୍ତି ଉପମୁଖ୍ୟମନ୍ତ୍ରୀ।

ଏଥି ସହିତ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ପର୍ଯ୍ୟଟନ ବିଭାଗର କମିଶନର ତଥା ଶାସନ ସଚିବ ବଲବନ୍ତ ସିଂ, ପର୍ଯ୍ୟଟନ ବିଭାଗ ନିର୍ଦ୍ଦେଶକ ସମର୍ଥ ବର୍ମା, ମୁଖ୍ୟମନ୍ତ୍ରୀ କାର୍ଯ୍ୟାଳୟ, ଅତିରିକ୍ତ ଶାସନ ସଚିବ, ଅନୁପମ ସାହା ପ୍ରମୁଖ ବରିଷ୍ଠ ଅଧିକାରୀ ଏହି ସାକ୍ଷାତକାରରେ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ୟୁନାଇଟେଡ୍ କିଙ୍ଗଡମ୍ ଏବଂ ୟୁରୋପିଆନ ପରିଦର୍ଶକଙ୍କ ମଧ୍ୟରେ ଓଡ଼ିଶାର ସମୃଦ୍ଧ ସଂସ୍କୃତି, ଐତିହ୍ୟ, କଳା ଓ ସୌନ୍ଦର୍ଯ୍ୟକୁ ପ୍ରୋତ୍ସାହିତ କରିବା ଦିଗରେ ଆଲୋଚନା କରାଯାଇଥିଲା । ଏହି ଅବସରରେ ହାଇ-କମିଶନର ଶ୍ରୀ ଦୋରାଇସ୍ୱାମୀ ଟୁର୍ ଅପରେଟର୍ ଏବଂ ଡେଷ୍ଟିନେସନ୍ ମ୍ୟାନେଜମେଣ୍ଟ କମ୍ପାନୀ (DMCs)ର ସହଭାଗିତା, ସହଯୋଗରେ ଓଡ଼ିଶାର ପର୍ଯ୍ୟଟନକୁ ଲୋକାଭିମୁଖୀ କରିବା ପାଇଁ ପ୍ରସ୍ତାବ ଦେଇଥିଲେ। ଏଥିସହିତ ଉପ ମୁଖ୍ୟମନ୍ତ୍ରୀ ଓଡ଼ିଶାର ପର୍ଯ୍ୟଟନ ନୀତି ସମ୍ପର୍କରେ ଆଲୋକପାତ କରିଥିଲେ, ଯାହା ନିବେଶକଙ୍କୁ ଅଧିକରୁ ଅଧିକ ଆକୃଷ୍ଟ କରିଆସିଛି। ବିଶେଷ କରି ଇକୋ ଟୁରିଜିମ୍, ଐତିହ୍ୟ ପର୍ଯ୍ୟଟନ, ସ୍ୱଚ୍ଛତା କ୍ଷେତ୍ରକୁ ସେ ପ୍ରାଧାନ୍ୟ ଦେଇଥିଲେ। ସେ ଓଡ଼ିଶାର ଅନନ୍ୟ ସମ୍ପଦ ଯଥା ବିସ୍ତୀର୍ଣ୍ଣ ବେଳାଭୂମି, ଘଞ୍ଚ ଅରଣ୍ୟ, ଅଭୟାରଣ୍ୟ, ମନ୍ଦିର, ସମୃଦ୍ଧ ହସ୍ତଶିଳ୍ପ ଓ କଳା ଉପରେ ଆଲୋକପାତ କରିଥିଲେ। ଅନ୍ୟପକ୍ଷେ, ଏସିଆର ସର୍ବବୃହତ ଖାରିଜଳ ହ୍ରଦ ଚିଲିକାରୁ ଅନୁପ୍ରାଣିତ ହୋଇ ୟୁନାଇଟେଡ୍ କିଙ୍ଗଡମ୍ ସ୍ଥିତ କେଣ୍ଟଠାରେ 'ଚିଲିକା' ନାମକ ଏକ ରେଷ୍ଟୋରାଁକୁ ଉଦଘାଟନ କରିଛନ୍ତି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା। ଉକ୍ତ ରେଷ୍ଟୋରାଁରେ ଭାରତୀୟ ଖାଦ୍ୟ ସହିତ ଓଡ଼ିଶାର ସମୃଦ୍ଧ ଖାଦ୍ୟପେୟ ମଧ୍ୟ ସ୍ଥାନ ପାଇଛି। ବେକ୍ସଲେର ମେୟରଙ୍କ ସମେତ କାଉନସିଲର ପ୍ରମୁଖ ଏବଂ ଓଡ଼ିଶା ସୋସାଇଟି ଅଫ୍ ୟୁକେର କାର୍ଯ୍ୟନିର୍ବାହୀ ଅଧିକାରୀମାନଙ୍କ ଗହଣରେ ଯୋଗଦେଇ ଓଡ଼ିଶାର ସଂସ୍କୃତିର ସନ୍ଦେଶ ପ୍ରଦାନ କରିଛନ୍ତି ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା। ଓଡ଼ିଶାର ସ୍ୱତନ୍ତ୍ର ସଂସ୍କୃତିକୁ ବିଶ୍ୱ ଦରବାରରେ ପରିଚୟ ଦେବା ପାଇଁ ୱାର୍ଲ୍ଡ ଟ୍ରାଭେଲ୍ ମାର୍କେଟ (WTM) ଲଣ୍ଡନ- ୨୦୨୪ ରେ ଅଂଶଗ୍ରହଣ କରିଛି ଓଡ଼ିଶା ପର୍ଯ୍ୟଟନ। ଏହି କାର୍ଯ୍ୟକ୍ରମ ଓଡ଼ିଶାର ପର୍ଯ୍ୟଟନ କ୍ଷେତ୍ରକୁ ବିଶ୍ୱସ୍ତରରେ ପ୍ରଚାରପ୍ରସାର କରିବା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ଏହା ଓଡ଼ିଶା ଏବଂ ୟୁନାଇଟେଡ୍ କିଙ୍ଗଡମ୍ ମଧ୍ୟରେ ସାଂସ୍କୃତିକ ବିନିମୟ ଓ ବିନିଯୋଗରେ ସୁଯୋଗ ସୃଷ୍ଟି କରିବ ବୋଲି ଆଶା କରାଯାଉଛି।

## ଇଣ୍ଡିଆ ମୋବାଇଲ କଂଗ୍ରେସ ୧.୭୫ ଲକ୍ଷରୁ ଅଧିକ ପ୍ରତିଯୋଗୀ

**ଭୁବନେଶ୍ୱର,୫।୧୧ (ମହାଭାରତ):** ଦୂରସଂଚାର ବିଭାଗ ଓ ସେଲ୍ୟୁଲାର ଅପରେଟର୍ସ ଆସୋସିଏସନ୍ ଅଫ୍ ଇଣ୍ଡିଆ (ସିଓଏଆଇ)ର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏସିଆର ସର୍ବବୃହତ ଟେଲିକମ୍, ମିଡିଆ ଓ ଟେକ୍ନୋଲୋଜି ଫୋରମ୍ ଅଷ୍ଟମ ଇଣ୍ଡିଆ ମୋବାଇଲ୍ କଂଗ୍ରେସ (ଆଇଏମ୍ସି) ୨୦୨୪ ୪ ଦିନିଆ ଫୋରମ୍ ରେ ୧.୭୫ ଲକ୍ଷରୁ ଅଧିକ ପ୍ରତିଯୋଗୀ ଯୋଗ ଦେଇ ସର୍ବବୃହତ୍ ଅଂଶଗ୍ରହଣ କରିଛନ୍ତି। ଏହି କାର୍ଯ୍ୟକ୍ରମକୁ ମାନ୍ୟବର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଉଦ୍ ଘାଟନ କରି ନୈତିକ ଏଆଇ ଏବଂ ଡାଟା ଗୋପନୀୟତାରେ ବିଶ୍ୱସ୍ତରୀୟ ମାନଦଣ୍ଡ ପାଇଁ ଆହ୍ୱାନ ଦେଇଥିଲେ ଏବଂ ତାଙ୍କ ଉଦ୍ଘାଟନୀ ଭାଷଣରେ ବିଶ୍ୱ ପାଇଁ ୬ଜି ଟେକ୍ନୋଲୋଜିକୁ ଅଗ୍ରଗତି କରିବା ପାଇଁ ଭାରତର ବିପୁଳ ସୁଯୋଗ ଉପରେ ଆଲୋକପାତ କରିଥିଲେ। ଇଣ୍ଡିଆ ମୋବାଇଲ୍ କଂଗ୍ରେସ, ୨୦୨୪ର ସଫଳତା ସମ୍ପର୍କରେ ଇଣ୍ଡିଆ ମୋବାଇଲ୍ କଂଗ୍ରେସର ସିଇଓ ଶ୍ରୀ ରାମକୃଷ୍ଣ ପି କହିଛନ୍ତି, "ଆଇଏମସି ୨୦୨୪ 'ଫ୍ୟୁଚର ଇଜ୍ ନାଓ' ଉପରେ ଫୋକସ୍ କରିବା ଅପେକ୍ଷା ଅଧିକ ଗୁରୁତ୍ୱ ବହନ କରିଥିଲା, ଯେଉଁଥିରେ ଅନେକ ବିଶୃଙ୍ଖଳାମୂଳକ ଉଦ୍ଭାବନ ଉପରେ ବିଚାର ବିନିମୟ ହୋଇଥିଲା ଏବଂ ଭବିଷ୍ୟତର ଅନେକ ଟେକ୍ନୋଲୋଜି ଉପରେ ଆକର୍ଷଣୀୟ ଆଲୋଚନା ହୋଇଥିଲା। ବର୍ଷ ବର୍ଷ ଧରି ଆଇଏମସିର ସଂଖ୍ୟା ବୃଦ୍ଧି ପାଇବା ଏକ ଭଲ ଅନୁଭୂତି ଥିଲା ଏବଂ ଆଇଏମସି ୨୦୨୪ ପରବର୍ତୀ ପିଢ଼ିର ଟେକ୍ନୋଲୋଜିରେ ପ୍ରଦର୍ଶନ ଏବଂ ସହଯୋଗ କରିବା ପାଇଁ ବିଶ୍ୱସ୍ତରୀୟ ନେତା, ଉଦ୍ଭାବକ ଏବଂ ଶିଳ୍ପ ବିଶେଷଜ୍ଞମାନଙ୍କୁ ଏକାଠି କରିଥିଲା।

# ହ୍ୟୁମ୍ୟାନ ରାଇଟ୍ସ ଆକ୍ଟର ସୁରକ୍ଷା ଉନ୍ମୋଚିତ



**ଭୁବନେଶ୍ୱର,୫।୧୧ (ମହାଭାରତ):** ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ଶ୍ରୀ ପୃଥ୍ୱୀରାଜ ହରିଚନ୍ଦନ 'ଦି ପ୍ରୋଟେକ୍ସନ ଅଫ ହ୍ୟୁମ୍ୟାନ ରାଇଟ୍ସ ଆକ୍ଟ-୧୯୯୩' ସଂକଳିତ ପୁସ୍ତକକୁ ଉନ୍ମୋଚନ କରିଛନ୍ତି। ଓଡିଶା ଉଚ୍ଚ ନ୍ୟାୟାଳୟର ବରିଷ୍ଠ ଆଇନଜୀବୀ ପ୍ରଦୀପ କୁମାର ପଟ୍ଟନାୟକଙ୍କ ଦ୍ୱାରା ସଂକଳିତ ଏହି ପୁସ୍ତକକୁ ମନ୍ତ୍ରୀ ଶ୍ରୀ ହରିଚନ୍ଦନ ଲୋକସେବା ଭବନସ୍ଥିତ ନିଜ କାର୍ଯ୍ୟାଳୟରେ ଉନ୍ମୋଚନ କରିଛନ୍ତି। ଏହି ପୁସ୍ତକରେ ମାନବାଧିକାର ସୁରକ୍ଷା ଆଇନ, ଓଡ଼ିଶା ମାନବାଧିକାର ଆୟୋଗ ନିୟମାବଳୀ- ୨୦୦୩, ଓଡ଼ିଶା ମାନବାଧିକାର ଆୟୋଗ (ଅଧକ୍ଷ ଓ ସଭ୍ୟଙ୍କ ବେତନ, ଭତ୍ତା ଓ ସର୍ତ୍ତାବଳୀ) ନିୟମ- ୨୦୦୩, ଜାତୀୟ ମାନବାଧିକାର ଆୟୋଗ ନିୟମାବଳୀ- ୧୯୯୪, ଜାତୀୟ ମାନବାଧିକାର ଆୟୋଗ (ବାର୍ଷିକ ହିସାବ ବିବରଣୀ) ନିୟମାବଳୀ- ୧୯୯୬, ମିଳିତ ଜାତିସଂଘର ମାନବାଧିକାର ସଂଗଠନ ଓ ଢାଞ୍ଚାଗତ ବ୍ୟବସ୍ଥା, ମାନବିକ ଅଧିକାରର ସାର୍ବଜନୀନ ଘୋଷଣାନାମା ଓ ପୋଲିସ ଅତ୍ୟାଚାର ଉପରେ ଗୁରୁତ୍ୱପୂର୍ଣ୍ଣ ରାୟ ସମ୍ପର୍କିତ ବିଭିନ୍ନ ଉପାଦେୟ ତଥ୍ୟ ସ୍ଥାନ ପାଇଛି। ଉକ୍ତ ପୁସ୍ତକ ଆଇନଜୀବୀ,ବୁଦ୍ଧିଜୀବୀ, ଛାତ୍ରଛାତ୍ରୀ ଓ ସବୁ ବର୍ଗର ବ୍ୟକ୍ତିବିଶେଷ ମାନଙ୍କୁ ସହାୟକ ହେବା ସହ ମାନବାଧିକାର ସମ୍ପର୍କରେ ଅଧିକ ତଥ୍ୟ ପ୍ରଦାନ କରିବ ବୋଲି ମନ୍ତ୍ରୀ ଶ୍ରୀ ହରିଚନ୍ଦନ ମତବ୍ୟକ୍ତ କରିଛନ୍ତି । ଏହି ଅବସରରେ ଆଡ଼ଭୋକେଟ ଜେନେରାଲ ପୀତାମ୍ବର ଆଚାର୍ଯ୍ୟ, ଆଇନ ବିଭାଗ ପ୍ରମୁଖ ଶାସନ ସଚିବ ଶ୍ରୀ ମାନସ ରଞ୍ଜନ ବାରିକ, ପ୍ରଫେସର ପୂର୍ଣ୍ଣଚନ୍ଦ୍ର ମଲ୍ଲିକ, ପୁସ୍ତକର ପ୍ରକାଶକ ପ୍ରସନ୍ନ କୁମାର ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

# ଅବସର ଦିନ କର୍ମଚାରୀଙ୍କୁ ପୂର୍ଣ୍ଣ ପେନସନ ଦେବାକୁ ନିଷ୍ପତ୍ତି



**ଭୁବନେଶ୍ୱର,୫।୧୧ (ମହାଭାରତ):** ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ ଅଧ୍ୟକ୍ଷତାରେ ସଚିବ ସ୍ତରୀୟ ବୈଠକ ଆଜି ଲୋକସେବା ଭବନ ସ୍ଥିତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଗୃହ, ଜଙ୍ଗଲ ଓ ପରିବେଶ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଦେଓ ରଂଜନ କୁମାର ସିଂଙ୍କ ସମେତ ବିଭିନ୍ନ ବିଭାଗର ପ୍ରମୁଖ ଶାସନ ସଚିବ ଏବଂ କମିଶନର ତଥା ଶାସନ ସଚିବ ମାନେ ଯୋଗ ଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକାରୀ ହେଉଥିବା ରାଜ୍ୟ ତଥା କେନ୍ଦ୍ର ସରକାରଙ୍କ ବିଭିନ୍ନ ଉନ୍ନୟନମୂଳକ ଯୋଜନାର ସଫଳ କାର୍ଯ୍ୟକାରିତା ନିମନ୍ତେ ସଚିବମାନେ ନିୟମିତ ସମୀକ୍ଷା ଓ ତଦାରଖ କରିବା ସହିତ ଜନସାଧାରଣଙ୍କୁ ସେବା ପ୍ରଦାନରେ ତ୍ୱରିତ ପଦକ୍ଷେପ ନିଆଯିବାକୁ ବୈଠକରେ ଆଲୋକପାତ କରାଯାଇ ଆବଶ୍ୟକ ପରାମର୍ଶ ଦିଆଯାଇଥିଲା।

ମୁଖ୍ୟ ଶାସନ ସଚିବ ଶ୍ରୀ ଆହୁଜା ବିଭିନ୍ନ ଯୋଜନାର କାର୍ଯ୍ୟାନ୍ୱୟନ ଅଗ୍ରଗତି ସଂପର୍କରେ ଗୁରୁତ୍ୱ ଦେବା ସହ ୨୦୨୪-୨୫ ଆର୍ଥିକ ବର୍ଷରେ ବଜେଟ ଅନୁମୋଦନ ଅନୁସାରେ ଧାର୍ଯ୍ୟ ଲକ୍ଷ୍ୟ ପୁରଣ ପାଇଁ କାର୍ଯ୍ୟକ୍ରମ ତ୍ୱରାନ୍ୱିତ କରିବାକୁ ନିର୍ଦ୍ଦେଶ ଦେଇଥିଲେ।

ବିଭିନ୍ନ ବିଭାଗରେ ଖାଲିପଡ଼ିଥିବା ପଦବୀ ପୂରଣ ନିମନ୍ତେ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ତରଫରୁ ନିଆଯାଇଥିବା ପଦକ୍ଷେପ, 'ଭିଜନଡକ୍ୟୁମେଣ୍ଟ': ବିକଶିତ ଓଡ଼ିଶା-୨୦୩୬ ଏବଂ ବିକଶିତ ଭାରତ-୨୦୪୭ ସଂପର୍କିତ ପ୍ରସ୍ତାବ ଗୃହୀତ ହୋଇଥିଲା। ଅବସରଗ୍ରହଣ ଦିନ ଯେପରି ସରକାରୀ କର୍ମଚାରୀ ଚୂଡ଼ାନ୍ତ ପେନସନ ପାଇପାରିବେ ସେଥିପାଇଁ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଥିଲେ।

ସେହିପରି ସମବାୟ କ୍ଷେତ୍ରରେ ମାର୍କେଟିଂ ସୁବିଧା ପାଇଁ ଆବଶ୍ୟକ ବ୍ୟବସ୍ଥା, ବିଭିନ୍ନ ସରକାରୀ ପ୍ରକଳ୍ପ କାର୍ଯ୍ୟାନ୍ୱୟନରେ ସବୁ ସ୍ତରରେ ସ୍ୱଚ୍ଛତା ରକ୍ଷା ସହ କାର୍ଯ୍ୟ ସଂପାଦନ କରିବାକୁ ଗୁରୁତ୍ୱ , ବିଭିନ୍ନ ଯୋଜନାରେ ହିତାଧିକାରୀଙ୍କୁ ଅର୍ଥ ବା ସବସିଡି ଅର୍ଥ ସିଧାସଳଖ ଅନ୍-ଲାଇନ୍ ଜରିଆରେ ପ୍ରେରଣ କରାଯିବା, ସୁଭଦ୍ରା ଯୋଜନା ପ୍ରଥମ କିସ୍ତିର ୩ୟ ପର୍ଯ୍ୟାୟ ହିତାଧିକାରୀଙ୍କୁ ଅର୍ଥପ୍ରେରଣ ସଂପର୍କରେ ଆଲୋଚନା କରାଯାଇ ଆବଶ୍ୟକ ପରାମର୍ଶ ଦିଆଯାଇଥିଲା। ଆହୁରି ମଧ୍ୟ ଗ୍ରାମୀଣ ଓ ରାଜ୍ୟ ରାଜପଥ ରାସ୍ତାନିର୍ମାଣ, ସହରାଂଚଳ ବିକାଶ ସମେତ ବୟନଶିଳ୍ପ, ଶିଳ୍ପ ଓ ଆନୁଷଙ୍ଗିକ ଶିଳ୍ପ, ସୂଚନା ଓ ପ୍ରଯୁକ୍ତି ବିଦ୍ୟା, ପର୍ଯ୍ୟଟନ ଆଦି ବିଭିନ୍ନ କ୍ଷେତ୍ରରେ ନିଯୁକ୍ତ ସୁଯୋଗ ସଂପର୍କରେ ଆଲୋଚନା କରାଯାଇଥିଲା।

# ଦୁଇ ଦିନିଆ ଆନ୍ତର୍ଜାତୀୟ ଶ୍ରୀ ଅନ୍ନ ଓ ବିସ୍ମୃତ ଖାଦ୍ୟ ସମ୍ମିଳନୀ ଆୟୋଜନ

**ଭୁବନେଶ୍ୱର,୫।୧୧ (ମହାଭାରତ):** କୃଷି ଓ କୃଷକ ସଶକ୍ତିକରଣ ବିଭାଗ, ଓଡ଼ିଶା ସରକାରଙ୍କ ତରଫରୁ ନଭେମ୍ବର ୧୦ ଓ ୧୧ ତାରିଖରେ ଭୁବନେଶ୍ୱର ସ୍ଥିତ ଲୋକସେବା ଭବନରେ ଦୁଇଦିନିଆ। 'ଅନ୍ତର୍ଜାତୀୟ ଶ୍ରୀ ଅନ୍ନ ଏବଂ ବିସ୍ମୃତ ଖାଦ୍ୟ ସମ୍ମିଳନୀ' ଆୟୋଜିତ ହେବ। ଏଥିରେ 'ଓଡ଼ିଶାର ଶ୍ରୀ ଅନ୍ନ ଓ କୃଷି ଐତିହ୍ୟ' ଶୀର୍ଷକ ବିଷୟବସ୍ତୁ ଉପରେ ଆଲୋଚନା କରାଯିବା ସହ ଖାଦ୍ୟ ନିରାପତ୍ତା ତଥା ଚିରନ୍ତନ କୃଷି ପଦ୍ଧତି ଏବଂ ବିସ୍ମୃତ ଖାଦ୍ୟର ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ପ୍ରୋତ୍ସାହନ ଦିଆଯିବ।



ବିସ୍ମୃତ ଫସଲଗୁଡ଼ିକ ଜଳବାୟୁ ପରିବର୍ତ୍ତନ, ଚିରନ୍ତନ ଚାଷ ପଦ୍ଧତିରେ ସହାୟତା ଏବଂ ପୌଷ୍ଟିକତା ବୃଦ୍ଧିରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ। ଏଥି ମଧ୍ୟରୁ ଅନେକ ଫସଲ ମରୁଡ଼ି ସହନଶୀଳ ଏବଂ କୀଟନାଶକକୁ ପ୍ରତିରୋଧ କରିବାର କ୍ଷମତା ରଖିଥାଏ। ଓଡ଼ିଶାର ପାରମ୍ପରିକ ଶସ୍ୟଗୁଡ଼ିକ ଏହି ଫସଲ ସହିତ ଜଡ଼ିତ, ଯାହା ଯେକୌଣସି ପରିବେଶରେ ଖାପଖୁଆଇ ଭଲ ଭାବେ ବିପାରେ।

ଶ୍ରୀ ଅନ୍ନ ଏବଂ ବିସ୍ମୃତ ଖାଦ୍ୟ ସମ୍ମିଳନୀ ବିଷୟରେ ସୂଚନା ଦେଇ ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ କହିଥିଲେ, ଆମେ ନିଜର ଦୈନନ୍ଦିନ ଜୀବନରେ ଶ୍ରୀ ଅନ୍ନ ଏବଂ ବିସ୍ମୃତ ଖାଦ୍ୟକୁ ସାମିଲ କରି ଓଡ଼ିଶାର କୃଷି ଐତିହ୍ୟକୁ ସୁରକ୍ଷା ଦେବା ସହ ନିଜକୁ ସୁସ୍ଥ ରଖିପାରିବା। ଏହି ସମ୍ମିଳନୀରେ ଶ୍ରୀ ଅନ୍ନ ଓ ବିଲୁପ୍ତପ୍ରାୟ ଫସଲ ଚାଷ, ଏହାର ପ୍ରକ୍ରିୟାକରଣ ଓ ପ୍ରୋତ୍ସାହନ ଆଧାରିତ ବିଭିନ୍ନ ବିଷୟବସ୍ତୁକୁ ନେଇ ୧୧ଟି ଅଧିବେଶନ ଅନୁଷ୍ଠିତ ହେବ। ଏହି କାର୍ଯ୍ୟକ୍ରମରେ ୯ଟି ଷ୍ଟଲରେ ବିଲୁପ୍ତପ୍ରାୟ ଖାଦ୍ୟଶସ୍ୟ, ବିଭିନ୍ନ କିସମର ପୁଷ୍ଟିଶସ୍ୟ, ଡାଲି, ବିହନ, ଶାଗ ଓ କୃଷି ଉପକରଣ ଆଦି ପ୍ରଦର୍ଶିତ ହେବ, ଯାହାଦ୍ୱାରା ଲୋକେ ପାରମ୍ପରିକ ଓ ଅଭିନବ କୃଷି ପ୍ରଣାଳୀ ସମ୍ବନ୍ଧରେ ଅବଗତ ହୋଇପାରିବେ। ଏହା ସହିତ ସମ୍ମିଳନୀରେ 'ଉଦ୍ଭିଦ କିସମ ଓ କୃଷକ ଅଧିକାର ଆଇନ ସୁରକ୍ଷା', ଯୋଜନାର ନିର୍ଦ୍ଦେଶାବଳୀ-'ଓଡ଼ିଶାରେ ବିସ୍ମୃତ ଖାଦ୍ୟ ଓ ବିଲୁପ୍ତପ୍ରାୟ ଶସ୍ୟର ପୁନରୁଦ୍ଧାର ଓ ଏହାର ସ୍ଥାୟିତ୍ୱ' ଏବଂ 'ବିସ୍ମୃତ ଖାଦ୍ୟର ମହକ- ଓଡ଼ିଶାର ଖାଦ୍ୟ ସମ୍ଭାର' ଶୀର୍ଷକ ରନ୍ଧନ ପୁସ୍ତକ ଉନ୍ମୋଚନ କରାଯିବ। ଏହି ପ୍ରକାଶନୀଗୁଡ଼ିକ କୃଷକ ଏବଂ ଜନଜାତି ସମ୍ପ୍ରଦାୟଙ୍କୁ ଚିରନ୍ତନ କୃଷି ପଦ୍ଧତି ସମ୍ପର୍କରେ ଅବଗତ କରାଇବାରେ ସହାୟକ ହେବ।

ଶ୍ରୀ ଅନ୍ନ ଓ ବିଲୁପ୍ତପ୍ରାୟ ଫସଲ ଚାଷ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନକୁ ସ୍ୱୀକୃତି ଦେଇ ଶ୍ରେଷ୍ଠ ପୁଷ୍ଟିଶସ୍ୟ ଚାଷୀ, ଶ୍ରେଷ୍ଠ ବିଲୁପ୍ତପ୍ରାୟ ଫସଲ ସଂରକ୍ଷକ କୃଷକ, ଶ୍ରେଷ୍ଠ କୃଷକ ଉତ୍ପାଦକ ସଂଗଠନ, ଶ୍ରେଷ୍ଠ ସହଭାଗୀ ସଂସ୍ଥା, ଶ୍ରେଷ୍ଠ ପ୍ରଦର୍ଶନକାରୀ ବ୍ଲକ୍/ ଜିଲ୍ଲା ଏବଂ ଶ୍ରେଷ୍ଠ ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ସମ୍ମାନିତ କରାଯିବ। ଓଡ଼ିଶାର ପାରମ୍ପରିକ ଖାଦ୍ୟ ରନ୍ଧନ ଐତିହ୍ୟକୁ ସଂରକ୍ଷିତ କରି ରଖିଥିବା ମହିଳାମାନଙ୍କୁ ସେମାନଙ୍କ ଅବଦାନ ନିମନ୍ତେ ମଧ୍ୟ ସମ୍ମାନିତ କରାଯିବ। ବିସ୍ମୃତ ଖାଦ୍ୟ/ଶସ୍ୟକୁ ପ୍ରୋତ୍ସାହନ ଦେବା ପାଇଁ ଏଭଳି ସମ୍ମିଳନୀ ଆୟୋଜନ କରିବାରେ ଓଡ଼ିଶା ଦେଶର ପ୍ରଥମ ରାଜ୍ୟ ।

## ବାତ୍ୟା ସମୟରେ ସହାୟତା ପାଇଁ ଏଶ୍ରୀ ଇଣ୍ଡିଆ ପକ୍ଷରୁ ମନିଟରିଂ ଆପ୍ଲିକେସନ୍ ବିକଶିତ

**ଭୁବନେଶ୍ୱର,୫।୧୧ (ମହାଭାରତ):** ବାତ୍ୟାର ଗତିବିଧି ସମ୍ପର୍କରେ କର୍ତ୍ତୃପକ୍ଷ ଏବଂ ଜନସାଧାରଣଙ୍କୁ ଗୁରୁତ୍ୱପୂର୍ଣ୍ଣ ସୂଚନା ପ୍ରଦାନ କରିବା ପାଇଁ ଏଶ୍ରୀ ଇଣ୍ଡିଆ ପକ୍ଷରୁ ଆଜି ଡାନା ସାଇକ୍ଲୋନ ମନିଟରିଂ ଆପ୍ଲିକେସନର ଶୁଭାରମ୍ଭ କରାଯାଇଛି । ଏହି ଆପ୍ଲିକେସନ୍ ଆଇଏମଡି ପାଣିପାଗ ବୁଲେଟିନ୍, ୱିଣ୍ଡିର ଗତିଶୀଳ ଡାଟା ଏବଂ ଇଣ୍ଡୋ ଆର୍କୁଆଇଏସ୍ ଲିଭିଂ ଆଟଲାସ୍ରୁ ଆସୁଥିବା ଡାଟାକୁ ସମନ୍ୱିତ କରେ ଏବଂ ଏହାକୁ ଏଶ୍ରୀର ଲାଇଭ୍ ଡାଇନାମିକ୍ ଡ୍ୟାସବୋର୍ଡ ଆକାରରେ ଉପଲବ୍ଧ କରେ । ଏଶ୍ରୀ ଇଣ୍ଡିଆର ପରିଚାଳନା ନିର୍ଦ୍ଦେଶକ ଅଗେନ୍ଦ୍ର କୁମାର କହିଛନ୍ତି ଯେ, " ବିପର୍ଯ୍ୟୟ ପ୍ରସ୍ତୁତି ଜୀବନ, ସମ୍ପତ୍ତି ଏବଂ ଜୀବିକାର ସୁରକ୍ଷା କରିବା ସହିତ ଦ୍ରୁତ ପୁନରୁଦ୍ଧାର ସୁନିଶ୍ଚିତ କରିବା ଏବଂ ଦୀର୍ଘମିଆଦୀ ପ୍ରଭାବକୁ ହ୍ରାସ କରିବାରେ ସାହାଯ୍ୟ କରେ । ବାତ୍ୟା ଦାନା ଭଳି ବିପର୍ଯ୍ୟୟ ସମୟରେ ଲାଇଭ୍ ଡାଟା କର୍ତ୍ତୃପକ୍ଷଙ୍କୁ ଗୁରୁତ୍ୱପୂର୍ଣ୍ଣ ନିଷ୍ପତି ନେବାକୁ ସକ୍ଷମ କରିଥାଏ, ଯେପରିକି କେଉଁଠାରେ ସ୍ଥାନାନ୍ତର ଆଦେଶ ଜାରି କରାଯିବ, ସମ୍ବଳ ସଂଗ୍ରହ କିପରି କରାଯିବ ଏବଂ ଆହୁରି ଅନେକ। ଏହା ଅଧିକ ପ୍ରଭାବଶାଳୀ ତଦାରଖ ଏବଂ ବିପର୍ଯ୍ୟୟ ମୁକାବିଲା ସୁନିଶ୍ଚିତ କରେ, ଶେଷରେ ଜୀବନ ଏବଂ ସମ୍ବଳ କୁ ବଂଚାଇଥାଏ ।

# ରାଜ୍ୟପାଳଙ୍କ ହସ୍ତକ୍ଷେପ ଲୋଡ଼ିଲା କଂଗ୍ରେସ



**ଭୁବନେଶ୍ୱର,୫।୧୧ (ମହାଭାରତ):** କନ୍ଧମାଳରେ ଆମ୍ବ ଟାକୁଆ। ଖାଇ ୨ ଜଣଙ୍କ ମୃତ୍ୟୁ ଘଟଣାରେ ତେଜିଛି ରାଜନୀତି। ଏହି ଘଟଣା ପାଇଁ ରାଜ୍ୟ ସରକାରଙ୍କ ଅପାରଗତାକୁ ଦାୟୀ କରି ରାଜ୍ୟପାଳଙ୍କୁ ଭେଟିଛି କଂଗ୍ରେସ ପ୍ରତିନିଧି ଦଳ। ଏହି ପ୍ରତିନିଧି ଦଳରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା, ପୂର୍ବତନ ବିଧାୟକ ମହମ୍ମଦ ମୋକିମ୍, ପୂର୍ବତନ ବିଧାୟକ ସନ୍ତୋଷ ସିଂ ସାଲୁଜା, ଜୟଦେବ ଜେନାଙ୍କ ସହ ଅନେକ ବରିଷ୍ଠ ନେତା ଏହି ଘଟଣାରେ ରାଜ୍ୟପାଳଙ୍କ ହସ୍ତକ୍ଷେପ ଲୋଡ଼ିଛନ୍ତି। ସରକାର ଖାଦ୍ୟ ନିରାପତ୍ତା ଯୋଜନାରେ କାହାରିକୁ ଭୋକରେ ରଖିବାକୁ ଦେବୁନି ବୋଲି କହୁଥିବାବେଳେ କନ୍ଧମାଳ ଘଟଣା ସାରା ଦେଶରେ ରାଜ୍ୟକୁ ନିନ୍ଦା ବୋଲି କହିଛନ୍ତି କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡ଼ାମ।ଏହି ଘଟଣାରେ କ'ଣ କାର୍ଯ୍ୟାନୁଷ୍ଠାନ ନିଆଯାଇଛି, ତାହା ଜାଣିବାକୁ ମୁଖ୍ୟ ଶାସନ ସଚିବଙ୍କୁ ଡାକି ଆଲୋଚନା କରିବେ ବୋଲି ରାଜ୍ୟପାଳ ପ୍ରତିଶ୍ରୁତି ଦେଇଥିବା କହିଛନ୍ତି କଂଗ୍ରେସ ବିଧାୟକ ଦଳ ନେତା।

ଅନ୍ୟପଟେ ଗତକାଲି ଖାଦ୍ୟ ଯୋଗାଣ ମନ୍ତ୍ରୀ ପ୍ରତିକ୍ରିୟା ରଖି କହିଥିଲେ ଯେ ଆମ୍ବ ଟାକୁଆ। ସେମାନଙ୍କ ପାରମ୍ପାରିକ ଖାଦ୍ୟ। ଯେତେ ମନାକଲେ ମଧ୍ୟ ସେମାନେ ଆମ୍ବ ଟାକୁଆ। ଖାଇବା ଛାଡ଼ିନଥାନ୍ତି। ପର୍ଯ୍ୟାପ୍ତ ଚାଉଳ ଦିଆଯାଉଥିଲା। ଖାଦ୍ୟ ଅଭାବରୁ ସେମାନେ ଆମ୍ବ ଟାକୁଆ। ଖାଉଥିବା ଅଭିଯୋଗକୁ ଯୋଗାଣ ମନ୍ତ୍ରୀ ଖଣ୍ଡନ କରିଥିଲେ।

# ହିରୋ ମୋଟୋକର୍ପ ଆସନ୍ତା ଉତ୍ସବ ଋତୁ

**ଭୁବନେଶ୍ୱର,୫।୧୧ (ମହାଭାରତ):** ହିରୋ ମୋଟୋକର୍ପ, ପୃଥିବୀର ସର୍ବବୃହତ୍ ମୋଟରସାଇକେଲ ଏବଂ ସ୍କୁଟର ନିର୍ମାଣକାରୀ ପ୍ରତିଷ୍ଠାନ ଭାବରେ ନବରାତ୍ରୀରୁ ଆରମ୍ଭ ହୋଇଥିବା ସଦ୍ୟତମ ଅଦ୍ୟାବଧି ରହିଥିବା ସର୍ବୋଚ୍ଚ ଖୁଚୁରା ବିକ୍ରୟର ସଫଳତା ଲାଭ କରିଛି। ୧୫.୯୮ ଲକ୍ଷ (୧.୬ ମିଲିୟନ)ରୁ ଅଧିକ ୟୁନିଟ୍ ବିକ୍ରୟ ସହିତ ଏହି ପ୍ରତିଷ୍ଠାନ ୨୦୨୩ ଉତ୍ସବ ଋତୁକାଳୀନ ବିକ୍ରୟ ତୁଳନାରେ ୧୩ ପ୍ରତିଶତ ବୃଦ୍ଧିର ଏକ ଦୃଷ୍ଟି ଆକର୍ଷଣକାରୀ ପଞ୍ଜିକୃତର ରେକର୍ଡ଼ କରିଛି। ହିରୋ ମୋଟୋକର୍ପ ଉତ୍ପାଦନର ଏହିବିଶାଳ ଚାହିଦା ଉଭୟ ସହରାଂଚଳ ଏବଂ ଗ୍ରାମାଂଚଳରେ ପରିଲକ୍ଷିତ ହୋଇଛି। ୧୨୫ସିସି ମୋଟୋର ସାଇକେଲ ବିଭାଗରେ, ୧୨୫ଆର ଏକ୍ସଟ୍ରିମ ସହିତ ଏହା ଏକ ପ୍ରମୁଖ ବୃଦ୍ଧିର ବାହକ ହୋଇପାରିଛି, ଯେତେବେଳେକି ୧୦୦ସିସି ବିଭାଗ ମଧ୍ୟ କମ୍ପାନୀର ବିକ୍ରୟ କାର୍ଯ୍ୟକଳାପକୁ ଅତି ଦୃଢ଼ସକାରାତ୍ମକ ଭାବରେ ଉପସ୍ଥାପିତ କରିପାରିଛି। ଏହି ସମୟ ମଧ୍ୟରେ ଭିଡ଼ା, ଯାହାକି ହିରୋ ମୋଟୋକର୍ପର ଏକ ଇଲେକ୍ଟ୍ରିକ୍ ଯାନ ବ୍ରାଣ୍ଡ ଅଟେ, ୧୧୬୦୦ ୟୁନିଟ୍ ଖୁଚୁରା ବିକ୍ରୟର ସଫଳତା ଆଣିବା ସହିତ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଂଟ ସ୍ଥାପିତ କରିଛି।

ଭିଡ଼ା ଯାନର ନେଟୱାର୍କ ବର୍ତମାନ ପ୍ରସାରିତ ହେବା ସହିତ ହିରୋ ପ୍ରିମିଆ ତଥା ହିରୋ ୨.୦ ସମସ୍ତ ଆଉଟଲେଟକୁ ଶକ୍ତିଶାଳୀ କରୁଛି ତଥା ପ୍ରମୁଖ ୩୦ଟି ସହରକୁ ସଂଯୋଗ କରିବା ସହିତ ଏହି ବୃଦ୍ଧିର ସକାରାତ୍ମକ ଫଳାଫଳକୁ ଆହୁରି ତୀବ୍ର କରିବାର ଯୋଜନା ରଖିଛି। ଆସନ୍ତା ପୋର୍ଟଫୋଲିଓ ପ୍ରସାରଣ ଏହି ବ୍ରାଣ୍ଡର ମିଶ୍ରଣକୁ ନେଇ ଅଧିକ ପ୍ରେରଣାଦାୟକ ପରିସ୍ଥିତି ଆଣିବାକୁ ଯାଉଛି। ବ୍ରାଣ୍ଡର ଲୋକପ୍ରିୟତାକୁ ଆହୁରି ଅଧିକ ଆକର୍ଷଣୀୟ କରିବା ପାଇଁ ହାର୍ଲେ-ଡ଼ାଭିଡ଼ସନ ଏକ୍ସ୪୪୦ ୨୮୦୦ରୁ ଅଧିକ ୟୁନିଟ୍ ବିକ୍ରୟର ଏକ ରେକର୍ଡ଼ ସୃଷ୍ଟି କରିଛି। ଚଳିତ ଆର୍ଥିକ ବର୍ଷର ଶେଷ ଭାଗରେ କମ୍ପାନୀ ୧୦୦ରୁ ଅଧିକ ସ୍ଥାନରେ ପ୍ରିମିଆ ନେଟୱାର୍କକୁ ଆହୁରି ଅଧିକ ସଂପ୍ରସାରଣ କରିବାର ଲକ୍ଷ୍ୟ ରଖିଥିବା ବେଳେ ଏହା ସେହି ଉଚ୍ଚକାଂକ୍ଷୀ ବ୍ରାଣ୍ଡର ଗ୍ରହଣୀୟତାରେ ପହଂଚାଇବା ପାଇଁ ନିଜ ପ୍ରଚେଷ୍ଟା ବୃଦ୍ଧି କରିବାକୁ ଯାଉଛି।

# କଂଗ୍ରେସ ପାଇଁ ନୈରାଶ୍ୟ

ହରିୟାନାରେ ଭୋଟ ଗ୍ରହଣ ପରେ ପ୍ରକାଶ ପାଇଥିବା ସବୁ ଏକଜିଟ ପୋଲ ରିପୋର୍ଟରେ ଏଥର କଂଗ୍ରେସ ହରିୟାନାରେ କ୍ଷମତାକୁ ଫେରିବ ବୋଲି କହିଥିଲେ। ସଂଖ୍ୟାରେ ଅସମାନତା ଥାଇପାରେ, କିନ୍ତୁ କେହି ଜଣେ ହେଲେ ବିଜେପି ପୁଣି ଥରେ ବିଜୟୀ ହେବ ବୋଲି ଆକଳନ କରିନଥିଲେ। କିନ୍ତୁ ବିଜେପି ଗତ ଥର ତୁଳନାରେ ଏଥର ଅଧିକ ଆସନ ସହ କ୍ରମାଗତ ତୃତୀୟ ଥର ନିମନ୍ତେ ବିଜୟୀ ହୋଇଛି। ରାଜ୍ୟରେ ପ୍ରଥମ ଥର ପାଇଁ ଏକ ରାଜନୈତିକ ଦଳ କ୍ରମାଗତ ତୃତୀୟ ଥର ପାଇଁ ନିର୍ବାଚନରେ ବିଜୟୀ ହୋଇଛି। ଏହା କଂଗ୍ରେସ ପାଇଁ ନୈରାଶ୍ୟଜନକ ସାବ୍ୟସ୍ତ ହୋଇଛି। ଏଥର ପରିବର୍ତ୍ତନ ହାୱାରେ କଂଗ୍ରେସ ନିଶ୍ଚିତ ବିଜୟୀ ହେବ ବୋଲି ଦଳୀୟ ନେତାମାନେ ଭାବି ନେଇଥିଲେ। ଏହି ମାତ୍ରାଧିକ ଆତ୍ମବିଶ୍ୱାସ ଦଳ ପାଇଁ କାଳ ହେଲା। ଦଳରେ ଗୋଷ୍ଠୀ କନ୍ଦଳ, ପ୍ରାର୍ଥୀ ଚୟନରେ ତ୍ରୁଟି, ଅନ୍ୟ ସମଭାବାପନ୍ନ ଦଳ ସହିତ ଆସନ ବୁଝାମଣା ନକରିବା କଂଗ୍ରେସ ପାଇଁ ମହଙ୍ଗା ସାବ୍ୟସ୍ତ ହୋଇଛି। ନିର୍ବାଚନ ପୂର୍ବରୁ କଂଗ୍ରେସ ଓ ଆପ ମଧ୍ୟରେ ଆସନ ବୁଝାମଣା ହେବ ବୋଲି ଚର୍ଚ୍ଚା ହେଉଥିଲା। କିନ୍ତୁ ଉଭୟ ଦଳ ନିଜ ନିଜ ଜିଦରେ ଅଟଳ ରହିବା ହେତୁ ଆସନ ବରଝାମଣା ହୋଇପାରିଲା ନାହିଁ। ଫଳରେ ଉଭୟ ଦଳ କ୍ଷତିଗ୍ରସ୍ତ ହେଲେ। ସେହିପରି ଦୁଷ୍ୟନ୍ତ ଚୌ୍ତାଲାଙ୍କ ଜେଜେପି ଏବଂ ଅଭୟ ଚୌ୍ତାଲାଙ୍କ ଆଇଏନଏଲଡି ଅଣ ବିଜେପି ଭୋଟ ବିଭାଜନ କରିବା ହେତୁ କଂଗ୍ରେସର କ୍ଷମତାକୁ ଫେରିବା ସ୍ୱପ୍ନ ଧୂଳିସାତ ହୋଇଗଲା। ଏବେ କଂଗ୍ରେସ ଆତ୍ମସମୀକ୍ଷା କରିବା ଉଚିତ। ବିଜେପିର ବିଜୟରେ ଏଥର ମଧ୍ୟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଭୂମିକା ନିର୍ଣ୍ଣାୟକ ହୋଇଛି। ବିଜେପି ଏଥର ପୂର୍ବାପେକ୍ଷା ଅଧିକ ସଙ୍ଗଠିତ ହୋଇ ଲଢ଼ିଲା। କଂଗ୍ରେସର ଜାତିଗତ ରାଜନୀତି ବିଜେପିକୁ ସହାୟକ ହେଲା ଏବଂ ଅଣଜାଠ ଭୋଟ ସବୁ ବିଜେପି ସପକ୍ଷରେ ଗଲା। ଏଥର ବିଜେପି ବିପକ୍ଷରେ ପ୍ରତିକୂଳ ପରିସ୍ଥିତି ରହିଥିଲା। ଦଳ କ୍ରାଗତ ୧୦ ବର୍ଷ ହେବ କ୍ଷମତାରେ ରହିଥିବାରୁ ଲୋକେ ଏଥର ପରିବର୍ତ୍ତନ ସପକ୍ଷରେ ରାୟ ଦେବେ ବୋଲି ଅନେକ ଭାବି ନେଇଥିଲେ। କଂଗ୍ରେସ ମଧ୍ୟ ଏଭଳି ଆଶା କରି ନିଶ୍ଚିନ୍ତ ହୋଇଯାଇଥିଲା। କୃଷକ ଆନ୍ଦୋଳନର ପ୍ରଭାବ ହରିୟାନାରେ ପଡ଼ିବ ଏବଂ କୃଷକମାନେ ବିଜେପି ବିରୋଧରେ ଭୋଟ ଦେବେ ବୋଲି ଅନେକ ନିଶ୍ଚିତ ଥିଲେ। କିନ୍ତୁ ଏହା ଭୁଲ ପ୍ରମାଣିତ ହୋଇଛି। କୃଷକଙ୍କ କାନ୍ଧରେ ବନ୍ଧୁ ରଖି ରାଜନୀତିକୁ ହରିୟନାବାସୀ ଗ୍ରହଣ କରି ନାହାଁନ୍ତି। ଅନ୍ୟ ପକ୍ଷରେ ବିଭିନ୍ନ ଅତ୍ୟାବଶ୍ୟକ ସାମଗ୍ରୀର ଦରବୃଦ୍ଧି , ଅଗ୍ନିବୀର ଯୋଜନା ନେଇ ଯୁବକଙ୍କ ମଧ୍ୟରେ ସୃଷ୍ଟି ହୋଇଥିବା ଅସନ୍ତୋଷ ବିଜେପି ବିପକ୍ଷରେ ଯିବ ବୋଲି ଅନେକ ବିଚାର କରୁଥିଲେ। ଏଭଳି ଚିନ୍ତାଧାରାର ଯଥାର୍ଥତା ମଧ୍ୟ ରହିଛି। କିନ୍ତୁ ବିଜେପି ଏହାକୁ ଅତି ସଫଳତାର ସହ ମ୍ୟାନେଜ କରିପାରିଲା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ଜେ ପି ନଡ୍ଡା ଏବଂ ଅମିତ ଶାହାଙ୍କ ପ୍ରଚାର ହରିୟାନାବାସୀଙ୍କୁ ପ୍ରଭାବିତ କରିଥିଲା। ଲୋକସଭା ନିର୍ବାଚନରେ ବିଜେପିର ପ୍ରଦର୍ଶନ ହରିୟାନାରେ ଆଶାନୁରୂପ ନଥିଲା। କିନ୍ତୁ ଏହା ସତ୍ତ୍ୱେ ବିଜେପି କର୍ମୀମାନେ ଆତ୍ମବିଶ୍ୱାସର ସହ ଲଢ଼ି ବିଜୟ ହାସଲ କରିଛନ୍ତି। କଂଗ୍ରେସ ମୁହଁରୁ ବିଜେପି ଆହାର ଛଡ଼େଇ ନେଇଛି। ଏବେ କଂଗ୍ରେସ ଶିକ୍ଷା ଲାଭ କରୁ ଏବଂ ଇଣ୍ଡି ମେଣ୍ଟର ସବୁ ଅଂଶୀଦାର ଦଳ ତଥା ସହଯୋଗୀଙ୍କୁ ସାଥିରେ ନେଇ ଲଢ଼ିବା ଶିଖୁ। ଜାମ୍ମୁ-କାଶ୍ମୀରରେ କଂଗ୍ରେସ ନ୍ୟାସନାଲ କନଫରେନ୍ସ ସହ ମେଣ୍ଟ କରି ଫାଇଦା ହାସଲ କରିଛି।

# କ୍ଷେପଣାସ୍ତ୍ରଧାରୀ ବେଲୁନ ପାଇଁ ଚିନ୍ତା

**॥ ସୌମେନ୍ଦ୍ର ଜେନା ॥**

*"ଆମେରିକା ପ୍ରତିରକ୍ଷା ଅଧ୍ୟୟନ ସଂସ୍ଥାର ଅଧକ୍ଷ ପଲ୍ କ୍ରେସ୍‌ପୋ ଆଶଙ୍କା ପ୍ରକାଶ କରି କହିଛନ୍ତି ଯେ ନିକଟରେ ଆମେରିକା ଏବଂ କାନାଡାର ଜାତୀୟ ଆକାଶ ସୀମାକୁ ଅତିକ୍ରମ କରିପାରିଥିବା ଚୀନର ବେଲୁନ ସାହାଯ୍ୟରେ ଆକ୍ରମଣ ପାଇଁ ଏହା ଅଭ୍ୟାସ ମାତ୍ର ରହିଥିଲା । ପୂର୍ବରୁ ଚୀନ ପକ୍ଷରୁ ହାଇପରସୋନିସ କ୍ଷେପଣାସ୍ତ୍ର ସଫଳତାର ସହ ପରୀକ୍ଷା ହେବା ବେଳେ ତାହା ଚୀନର ଆକାଶ ସୀମାରେ ହୋଇଥିଲା ।"*

ଆମେରିକାର ପ୍ରତିରକ୍ଷା ବିଭାଗର ତଥ୍ୟ ସଂଗ୍ରହ କରୁଥିବା ଚୀନର ବିଶାଳକାୟ ବେଲୁନକୁ ଆମେରିକା ବାୟୁସେନା କ୍ଷେପଣାସ୍ତ୍ର ମାଡକରି ନଷ୍ଟ କରିଥିବା ଖବର ନିକଟରେ ସମସ୍ତଙ୍କ ଦୃଷ୍ଟିକୁ ଆସିଛି । ଉକ୍ତ ବେଲୁନଟି ଦୀର୍ଘ ସମୟ ଘରି ତଥ୍ୟ ଗ୍ରେରୀ କରିବାକୁ ଫଟୋ ଉଠାଉଥିବା କଥା କୁହାଯାଇଥିଲା । ଆମେରିକା ଏବଂ କାନାଡାରେ ଏମିତି ପ୍ରାୟ ତିନୋଟି ବେଲୁନ ସଂପ୍ରତି ଦେଖିବାକୁ ମିଳିଛି । ଚୀନ ସରକାର ଏହାକୁ ପାଣିପାଗ ପରୀକ୍ଷା ପାଇଁ ଛଡାଯାଇଥିବା କଥା କହୁଥିଲେ ହେଁ ଏହି ବେଲୁନର ସହାୟତାରେ ଆଗାମୀ ଦିନରେ କିପରି ମହାକାଶରୁ ବହୁ ଉଚ୍ଚରୁ ହାଇପରସୋନିକ କ୍ଷେପଣାସ୍ତ୍ର ମାଡ କରାଯାଇପାରିବ ସେହି ଲକ୍ଷ୍ୟରେ ଚୀନ ପରୀକ୍ଷା-ନିରୀକ୍ଷା ଚଳାଇଛି ।

ଚୀନ ସରକାରଙ୍କ ମାଲିକାନାରେ ଥିବା ସିସିଟିଭିରେ ୨୦୧୮ରେ ଏମିତି ଏକ ଭିଡିଓ ଛଡାଯାଇଥିଲା ଯେଉଁଥିରେ ବହୁ ଉଚ୍ଚକୁ ଖୋଲା ମଇଦାନରୁ ବେଲୁନଟିକୁ ଛଡାଯାଉଛି । ବେଲୁନଟି ସହ ତ୍ରିକୋଣ ବିଶିଷ୍ଟ କ୍ଷେପଣାସ୍ତ୍ର ସବୁ ଏକ ହାଇପରସୋନିକ ଗ୍ଲାଇଡ ଭେହିକିଲ୍‌ସରେ ଲାଗିଥିବା ଅବସ୍ଥାରେ ଉପରକୁ ଉଠୁଛନ୍ତି । ପରେ ନିର୍ଦ୍ଦିଷ୍ଟ ଉଚ୍ଚତାକୁ ବେଲୁନ୍‌ଟି ଉଠିବା ପରେ ଗୋଟିଏ ପରେ କ୍ଷେପଣାସ୍ତ୍ରଗୁଡିକ ତଳମୁହାଁ ହୋଇ ଖସୁଛି ଗୋଟିଏ ଯାହାକୁ ସେତେବେଳେ ଚୀନ କର୍ତ୍ତୃପକ୍ଷ କ୍ଷେପଣାସ୍ତ୍ର ପରୀକ୍ଷାର ଆଖ୍ୟା ଦେଇଥିଲେ । ହଂକଂସ୍ଥିତ ସାଉଥ୍ ଚାଇନା ମର୍ଣ୍ଣିଂ ପୋଷ୍ଟ ଜଣାଇଥିଲା ଯେ ବେଲୁନ ଆକାଶରୁ ତଳକୁ ପକାଇଥିବା ହାଇପରସୋନିକ୍ ଗ୍ଲାଇଡ ଭେହିକିଲଗୁଡିକ ହାଇପରସୋନିକ କ୍ଷେପଣାସ୍ତ୍ର ବିକାଶ କାର୍ଯ୍ୟକ୍ରମର ଅନ୍ତର୍ଗତ, ଯାହାକି ଆଗାମୀ ଦିନରେ ଚୀନ ସେନାକୁ ଅଦମ୍ୟ ଆଣବିକ ଅସ୍ତ୍ରର କ୍ଷମତା ପ୍ରଦାନ କରିବ । ୨୧ ସେପ୍ଟେମ୍ବର ୨୦୧୮ରେ 'ଦାଫେଙ୍ଗ୍ କାଓ' ନାମଟ ଟ୍ୱିଟର ଆକାଉଣ୍ଟରୁ ଏ ସଂକ୍ରାନ୍ତରେ ଏକ ପୋଷ୍ଟ କରାଯାଇଥିଲା । ଯେଉଁଥିରେ କୁହାଯାଉଥିଲା ଯେ ବହୁ ଉଚ୍ଚରୁ ବେଲୁନ ସାହାଯ୍ୟରେ ତଳକୁ କ୍ଷେପଣାସ୍ତ୍ର ମାଡର ପରୀକ୍ଷା ସଫଳତାର ସହ ଶେଷ ହୋଇଛି । ଚୀନର ଉତ୍ତର ପଶ୍ଚିମରେ ଆକାଶରେ ଏହି ପରୀକ୍ଷା ହୋଇଥିଲା । ଦିନ ୧୨ଟା ୪୭ମିନିଟରେ ୨୫ସେକେଣ୍ଡର ଭିଡିଓଟିକୁ ଟ୍ୱିଟର ଆକାଉଣ୍ଟରେ ଅପ୍‌ଲୋଡ କରିବା ଦେଖାଯାଇଥିଲା ।

ଚୀନର ମଧମ ଦୂରଗାମୀ ବାଲିଷ୍ଟିକ କ୍ଷେପଣାସ୍ତ୍ର ଡଙ୍ଗ୍‌ଫେଙ୍ଗ୍-୧୭ ଯାହା ୫-୧୦ ମାକ୍ ଗତିରେ ଯିବାର କ୍ଷମତା ରଖିଛି ଏବଂ ଯେଉଁଥିରେ ପାରମ୍ପାରିକ ଏବଂ ଆଣବିକ କ୍ଷେପଣାସ୍ତ୍ର ବହନ କରିବାର କ୍ଷମତା ମଧ ରହିଛି , ତାହା ଏହି ବେଲୁନକୁ ମହାକାଶକୁ ନେଇଯାଇପାରିବ । ଡଙ୍ଗ୍‌ଫେଙ୍ଗ୍‌ର ଓଜନ ୧୫ଟନ ଥିଲାବେଳେ ମାରକ କ୍ଷମତା ୧୮୦୦ରୁ ୨୫୦୦କିମି ପର୍ଯ୍ୟନ୍ତ ରହିଥିବାର ଜଣାଯାଏ । ଭିଡିଓ ଦୃଶ୍ୟରେ ଆକାଶରୁ ତଳକୁ ବେଲୁନ ସାହାଯ୍ୟରେ କ୍ଷେପଣାସ୍ତ୍ରମାଡ କରାଯିବା ଦୃଶ୍ୟକୁ ସେ ସମୟରେ ଆମେରିକାର ପ୍ରତିରକ୍ଷା ବିଶେଷଜ୍ଞମାନେ ଗୁରୁତ୍ୱର ସହ ନେଇଥିଲେ । ଜୁଲାଇ ୨୦୨୧ରେ ଚୀନ ସେନା ପକ୍ଷରୁ ଅତି ଗୋପନୀୟ ଭାବେ ହୋଇଥିବା ଏହି ପରୀକ୍ଷା ସମୟକ୍ରମେ ଭାରତ, ତାଇୱାନ ଏବଂ ଜାପାନର ଆକାଶ ସୀମାରେ ମଧ ହୋଇଥିବା କଥା କୁହାଯାଉଛି । ସେହି ପରୀକ୍ଷା ବେଳେ ୨୪୮୦୦ ମାଇଲ (୩୯୯୧୧ କିମି) ଦୂରକୁ ମହାକାଶରେ ଅତିକ୍ରମ କରି ତାହା ବାୟୁମଣ୍ଡଳରେ ପ୍ରବେଶ କରି ମାଟି ଉପରେ ଥିବା ଟାର୍ଗେଟକୁ କ୍ଷେପଣାସ୍ତ୍ରମାଡ କରିବାକୁ ସକ୍ଷମ ହୋଇଥିଲା । ଏହି ବିଷୟରେ ଯୁକ୍ତରାଷ୍ଟ୍ର ଆମେରିକାର ପ୍ରତିରକ୍ଷା ଗୋଇନ୍ଦା ବିଭାଗ (ଡିଆଇଓ)ର ରିପୋର୍ଟରେ ମଧ ପ୍ରକାଶ ପାଇଥିଲା । ସେଥିଲେ ଉଲ୍ଲେଖ କରାଯାଇଥିଲା ଯେ ପରୀକ୍ଷା ୧୦୦ ମିନିଟରୁ ଅଧିକ ସମୟ ପାଇଁ ହୋଇଥିଲା, ଯାହା ଚୀନ ଦ୍ୱାରା ପ୍ରସ୍ତୁତ କୌଣସି ସ୍ଥଳଭାଗ ଆକ୍ରମଣକାରୀ ଅସ୍ତ୍ର ବ୍ୟବସ୍ଥାଠାରୁ ସର୍ବାଧିକ ଦୂର ଅତିକ୍ରମ କରିବା ସହ ଟାର୍ଗେଟକୁ ଧ୍ୱଂସ କରିବାକୁ ସକ୍ଷମ ହୋଇଥିଲା । ଆମେରିକାକୁ ଟାର୍ଗେଟ କରି ଆକ୍ରମଣ ପାଇଁ ଚୀନ ପକ୍ଷରୁ ଚାଲିଥିବା ପ୍ରସ୍ତୁତିର ସେହି ପରୀକ୍ଷା ଏକ ଅଂଶ ବିଶେଷ ବୋଲି ଆମେରିକା ସେନାର ଉପମୁଖ୍ୟ ଜେନେରାଲ ଜନ୍ ହାଇଟେନ୍ ସେତେବେଳେ ପ୍ରକାଶ କରିଥିଲେ । ପ୍ରଥମେ ଆଣବିକ ଆକ୍ରମଣ ପାଇଁ ଉକ୍ତ ଗୋପନୀୟ ପରୀକ୍ଷା ଉଦ୍ଦିଷ୍ଟ ଥିବା କଥା କୁହାଯାଇଥିଲା।

ଆମେରିକା ପ୍ରତିରକ୍ଷା ଅଧ୍ୟୟନ ସଂସ୍ଥାର ଅଧକ୍ଷ ପଲ୍ କ୍ରେସ୍‌ପୋ ଆଶଙ୍କା ପ୍ରକାଶ କରି କହିଛନ୍ତି ଯେ ନିକଟରେ ଆମେରିକା ଏବଂ କାନାଡାର ଜାତୀୟ ଆକାଶ ସୀମାକୁ ଅତିକ୍ରମ କରିପାରିଥିବା ଚୀନର ବେଲୁନ ସାହାଯ୍ୟରେ ଆକ୍ରମଣ ପାଇଁ ଏହା ଅଭ୍ୟାସ ମାତ୍ର ରହିଥିଲା । ପୂର୍ବରୁ ଚୀନ ପକ୍ଷରୁ ହାଇପରସୋନିସ କ୍ଷେପଣାସ୍ତ୍ର ସଫଳତାର ସହ ପରୀକ୍ଷା ହେବା ବେଳେ ତାହା ଚୀନର ଆକାଶ ସୀମାରେ ହୋଇଥିଲା । ଇପୋକ୍ ଟାଇମ୍ସକୁ ନିଜର ପ୍ରତିକ୍ରିୟା ପ୍ରଦାନ କରି କ୍ରେସ୍‌ପୋ କହିଛନ୍ତି ଯେ, ଆମେରିକା ଉପରକୁ ଉଚ୍ଚାକାଶରେ ଉଡିବାକୁ ସକ୍ଷମ ଏହିପରି ଗୋଟିଏ କିମ୍ବା ଅଧିକ ବେଲୁନ ସହ ଛୋଟ ଆଣବିକ ଇଏମ୍‌ପି (ଇଲେକ୍ଟ୍ରୋ ମ୍ୟାଗନେଟିକ୍ ପଲ୍ସ ) ସାହାଯ୍ୟରେ ଆକ୍ରମଣ ହେବାର ଆଶଙ୍କା ରହିଛି । କେବଳ ଏତିକି ନୁହେଁ ଉଚ୍ଚାକାଶରୁ ସେମାନେ ବିନା ଗୁଳିରେ ଏହି ବେଲୁନ ସାହାଯ୍ୟରେ ଆମେରିକାର ଯୋଗାଯୋଗ ଏବଂ ବିଦ୍ୟୁତ ଯୋଗାଣ ବ୍ୟବସ୍ଥାକୁ ବର୍ଷାଧିକ କାଳ ପାଇଁ ନଷ୍ଟ କରିଦେବାକୁ ସକ୍ଷମ ହେବା ସହ ଜନସାଧାରଣଙ୍କ ମଧରେ ଭୟର ବାତାବରଣ ସୃଷ୍ଟି କରିପାରିବେ । କାରଣ ଆମେରିକାର ବାଇଡେନ ପ୍ରଶାସନ ବିଦ୍ୟୁତ ଯୋଗାଣ ବ୍ୟବସ୍ଥାର ସୁରକ୍ଷାଗତ ସଂକ୍ରାନ୍ତରେ ବିଶେଷ ସଚେତନ ନଥିବା ହେତୁ ଏପରି ଆକ୍ରମଣ ହେବା କିଛି ବଡ କଥା ନୁହେଁ ବୋଲି କୁହାଯାଉଛି । ମହାକାଶରୁ ସ୍ଥଳଭାଗ ଉପରେ ଆକ୍ରମଣ ସଂକ୍ରାନ୍ତରେ ଜୁଲାଇ ୨୦୨୦ରେ ଯୁକ୍ତରାଷ୍ଟ୍ର ଆମେରିକାର ଇଏମ୍‌ପି ଟାସ୍କଫୋର୍ସର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଭାବେ ଦାୟିତ୍ୱରେ ଥିବା ତତ୍କାଳୀନ ଅଧିକାରୀ ଡକ୍ଟର ପିଟର ଭିନସେଣ୍ଟ ପ୍ରି ତାଙ୍କର ଏକ ରିପୋର୍ଟରେ ଜାତୀୟ ଏବଂ ପ୍ରାଦେଶିକ ସୁରକ୍ଷା ବିଷୟରେ ଉଲ୍ଲେଖ କରି ପ୍ରକାଶ କରିଥିଲେ ଯେ ଚୀନରୁ ପ୍ରକାଶିତ ପ୍ରତିରକ୍ଷା ସଂକ୍ରାନ୍ତୀୟ ଅନେକ ଲେଖାରେ ଆମେରିକା ବିରୁଦ୍ଧରେ ଉଚ୍ଚାକାଶରୁ ବିସ୍ଫୋରଣ କରି ଗାମାରଶ୍ମିର ବିକିରଣ ଦ୍ୱାରା ସ୍ଥଳଭାଗରେ କାର୍ଯ୍ୟରତ ସଂଚାର ଏବଂ ବିଦ୍ୟୁତ ଯୋଗାଣ ବ୍ୟବସ୍ଥାକୁ ନଷ୍ଟ କରିବା ପାଇଁ ହେଉଥିବା ଆଲୋଚନା ନିଶ୍ଚିତ ରୂପେ ଆମେରିକା ବିରୁଦ୍ଧରେ ଯୁଦ୍ଧ ପ୍ରସ୍ତୁତି ବୋଲି ବୁଝିବାକୁ ହେବ । କାରଣ ଆମେରିକା ପ୍ରତିରକ୍ଷା ବିଭାଗର ବିଶେଷଜ୍ଞଙ୍କ କହିବାନୁସାରେ ଆମେରିକାର ପୂର୍ବ ଉପକୂଳରେ ଇଏମ୍‌ପି ଦ୍ୱାରା ଆକ୍ରମଣ ହେଲେ ଗୋଟିଏ ବର୍ଷ ଭିତରେ ୯୦ ପ୍ରତିଶତ ଜନସଂଖ୍ୟାକୁ ଧ୍ୱଂସ କରାଯାଇପାରିବ ଏବଂ ସେହି ଅଞ୍ଚଳରେ ବିଦ୍ୟୁତ ବ୍ୟବସ୍ଥାକୁ ଠିକ୍ କରିବାକୁ ୧୮ ମାସ ସମୟ ଲାଗିବ । ଏହି ପରିସ୍ଥିତିରେ ୯୯ ଆଣବିକ ରିଆକଟର ଥଣ୍ଡା ହେବା ପାଇଁ ବିଦ୍ୟୁତ ନପାଇ ତରଳିଯିବେ । ଆଣବିକ ବିଦ୍ୟୁତ ଉତ୍ପାଦନ କେନ୍ଦ୍ର ଅଞ୍ଚଳର ୪୧ଲକ୍ଷ ଲୋକଙ୍କୁ ବାସଚ୍ୟୁତ ହେବାକୁ ପଡିବ ।

ଦେଖିବାକୁ ଗଲେ କେବଳ ଚୀନ ଯେ ଉଚ୍ଚାକାଶ ବେଲୁନ ଆକ୍ରମଣ କଥା ଏକାକୀ ଚିନ୍ତା କରୁଛି ତା ନୁହେଁ । ଆମେରିକା ସମେତ ଅନେକ ରାଷ୍ଟ୍ର ଏ କ୍ଷେତ୍ରରେ ଗୋପନରେ ସେମାନଙ୍କ ଗବେଷଣା ଜାରି ରଖିଛନ୍ତି । ଉଚ୍ଚାକାଶର ୨୩୦୦୦ ଫୁଟରୁ ୬୬୦୦୦ ଫୁଟ ମଧରେ ସଂଖ୍ୟାଧିକ ଡ୍ରୋନ ସାହାଯ୍ୟରେ ମଧ ଶତ୍ରୁପକ୍ଷ ଉପରେ ଆକ୍ରମଣ ପାଇଁ ଯୋଜନା ହେଉଛି । ଶତ୍ରୁପକ୍ଷର ନିରୀକ୍ଷଣକାରୀ ଗୁଇନ୍ଦା ଉପକରଣ, ହାଇପରସୋନିକ ଅସ୍ତ୍ର ଉପରେ ନଜର ରଖିବାଲାଗି ଯୁକ୍ତରାଷ୍ଟ୍ର ଆମେରିକାର ପ୍ରତିରକ୍ଷା ବିଭାଗ ଲକ୍ଷ ଲକ୍ଷ କୋଟି ଡଲାର ବେଲୁନ ପ୍ରସ୍ତୁତି ଏବଂ ଉଡାଣ ପାଇଁ ଖର୍ଚ୍ଚ କରୁଛି । ତେବେ ଚଳିତମାସ ୧୦ ଫେବୃଆରୀ ଦିନ ବାଇଡେନ ପ୍ରଶାସନ ପକ୍ଷରୁ ଚୀନର ଗୁଇନ୍ଦା ତଥ୍ୟ ସଂଗ୍ରହକାରୀ ବେଲୁନ ସଂପର୍କରେ ସୂଚନା ପ୍ରଦାନ କରାଯାଇଛି । ଏଥିରେ କୁହାଯାଇଛି ଯେ ଚୀନ ଦ୍ୱାରା ଯେଉଁସବୁ ବେଲୁନଗୁଡିକୁ ୫ଟି ଉପମହାଦେଶର ୪୦ଟି ଦେଶ ଉପରେ ଉଡି ତଥ୍ୟ ସଂଗ୍ରହ ପାଇଁ ଛଡାଯାଇଥିଲା,ଏହି ବେଲୁନ ତନ୍ମଧ୍ୟରୁ ଗୋଟିଏ । ଫେଡେରାଲ ବ୍ୟୁରୋ ଅଫ୍ ଇନ୍‌ଭେଷ୍ଟିଗେସନ ଦ୍ୱାରା ପରିଚାଳିତ ଭର୍ଜିନିଆର କ୍ୟାଣ୍ଟିକୋ ପରୀକ୍ଷାଗାରରେ ଚୀନା ବେଲୁନର ପରୀକ୍ଷା କରାଯାଇଥିଲା । ଏହିପରି ଏକ ବେଲୁନ ଗତ ୩୧ ଡିସେମ୍ବର ୨୦୨୨ଦିନ ତାଇୱାନର ଚେଙ୍ଗ୍‌ଚେନ୍‌ଫେଙ୍ଗ୍ (ନାନ୍‌ତୋଉ)ଠାରେ ଉଡୁଥିବା ଅବସ୍ଥାରେ ଗୁଳିକରି ଖସାଯାଇଥିଲା । ତେବେ ଏହି ବିଷୟକୁ ନେଇ ଆମେରିକାର ସଂସଦରେ ଏବେ ଢେର ତୁମ୍ଭିତୋଫାନ ହୋଇଛି । ଚୀନ ପକ୍ଷରୁ ଏହି ବେଲୁନ ଆକ୍ରମଣ ପାଇଁ ଜାପାନ ଓ ଭାରତ ଟାର୍ଗେଟରେ ଥିବାରୁ ଭାରତ ସରକାର ଏବେଠୁ ସତର୍କ ହେବା ଜରୁରୀ ।

ଭୁବନେଶ୍ୱର-୭୫୧୦୦୩

# ଅମୃତ ଦୀପ୍ତି ସନ୍ତାନ ତୁମେ, ମରଣ ତୁମର କାହିଁ

**॥ ସମ୍ବିତ କୁମାର ସ୍ୱାଇଁ ॥**

ଶ୍ରୀମଦ୍ ଭାଗବତରେ ଉଲ୍ଲେଖ ଅଛି - 'ଦେହ ବହିଲେ ନିଶ୍ଚେ ମରି, ସଂସାର ନୁହଁଇ କାହାରି। ବୃକ୍ଷର ତଳେ ଜେହ୍ନେ ଆସି, ପଥକୁ ବିଶ୍ରାମନ୍ତି ବସି। ପୁଣି ଚଳନ୍ତି ଶ୍ରମ ସାରି, ସେ ବୃକ୍ଷ ନୁହଁଇ କାହାରି।' ଏହା ଅବିସମ୍ବାବିତ ସତ୍ୟ। ମୋହମାୟା ସଂସାରରେ ସମସ୍ତେ ନିଜ ନିଜ କର୍ମକୁ ଆଧାତ୍ମିକ ପଥରେ କ୍ୱଚିତ୍ ନେଇଥାନ୍ତି। ଆମ ସମୟରେ ଜଣେ ନୀରବ ଜୀବନ ସାଧକ ଥିଲେ ମୋ ବାପା ଶାରଦା ପ୍ରସାଦ ସ୍ୱାଇଁ। ଜୀବନକୁ ସେ କେବଳ ବଞ୍ଚି ନାହାନ୍ତି, ଜୀବନକୁ କେବଳ ସେ ସାଧି ସାଧି ପରିଶେଷରେ ଈଶ୍ୱର ପ୍ରାପ୍ତି ହୋଇଛନ୍ତି। ଜଣେ ତେଲ ଲୁଣ ସଂସାର ଓ ସାମାଜିକ ଦାୟିତ୍ୱ ପ୍ରତିପାଦନ ସହ ସାର୍ବଜନୀନ ସାଧନା ଦ୍ୱାରା କିପରି ଦିବ୍ୟତ୍ୱ ପ୍ରାପ୍ତି ବା ଦିବ୍ୟ ଜୀବନ ଲାଭ ହୋଇପାରିବ ସେ ତା'ର ଯଥାର୍ଥ ପ୍ରତୀକ ଥିଲେ।

ମନେପଡୁଛି ଏକ ବେଦ ଉପନିଷଦର ଦର୍ଶନର ଧାଡିଟିଏ - 'ସ ଜାତୋ ଯେନ ଜାତେନ ଯାତି ବଂଶଃ ସମୁନ୍ନତିମ୍। ପରିବର୍ତ୍ତିନି ସଂସାରେ ମୃତଃ କୋବା ନ ଜାୟତେ।' ଦୁର୍ଲଭ ମଣିଷ ଜୀବନର ସଫଳତା କର୍ମ ଉପରେ ହିଁ ନିର୍ଭର କରିଥାଏ। ଏ ସଂସାରରେ କେତେ ବର୍ଷ ଜୀବନ ଧାରଣ କରାଗଲା ତାହା କେବେ ହେଲେ ଜୀବନର ମୂଲ୍ୟାୟନର ମାପକାଠି ହୋଇନପାରେ। ନିଜ ଗୁରୁ, ଇଷ୍ଟ, ଭଗବାନଙ୍କ ଉପରେ ଅଖଣ୍ଡ ବିଶ୍ୱାସ ରଖି ସଦାସର୍ବଦା କର୍ମତତ୍ପର ଓ ଆଦର୍ଶଣୀୟ ଜୀବନଯାପନ କରିବା ହେଉଛି ମାନବିକତାର ପରିଚୟ। ମୁଁ ଲେଖୁଥିବା ବ୍ୟକ୍ତିତ୍ୱ ହେଉଛନ୍ତି ମୋ ଜନ୍ମଦାତା ଶାରଦା ପ୍ରସାଦ ସ୍ୱାଇଁ ଏହିପରି ଏକ ଜୀବନର ମୁକ୍ତିମନ୍ତ ପ୍ରତୀକ ଥିଲେ ଏହି ମହନୀୟ ବ୍ୟକ୍ତିତ୍ୱ। ମନେପଡୁଛି ଏକ ବହିର ଧାଡ଼ିଟି - ''ଅବନ୍ଧୁ ଜୀବନ ଅସୁର୍ଯ୍ୟମହୀ ଦେହ ଧରି କିଏ ପାରଇ ରହି।''

ଯଥାର୍ଥରେ କୁହାଯାଏ ବ୍ୟକ୍ତିତ୍ୱ ବ୍ୟକ୍ତିର ପରିଚୟ ବ୍ୟକ୍ତିତ୍ୱରୁ ଚିହ୍ନିତ ହୁଏ ପ୍ରତିଭା, ଉତ୍କର୍ଷ ଓ ସ୍ୱାତନ୍ତ୍ର୍ୟ। ଜଣ ଜଣଙ୍କର ସ୍ୱତନ୍ତ୍ର ଓ ଉତ୍କର୍ଷ ସାମାଜିକ ଜୀବନକୁ ସେବା ମନୋଭାବ ସମ୍ପନ୍ନ ଶ୍ରେଷ୍ଠତା ଜୀବନକୁ କରେ ମହିମାନ୍ୱିତ। ସମସ୍ତେ ଏକ ପ୍ରକାର ଜନ୍ମ ଲାଭ କରିଥିଲେ ବି ବ୍ୟକ୍ତିତ୍ୱ ଭିନ୍ନ ପ୍ରକାର ହୋଇଥାଏ। ସେହିଭଳି ସ୍ମୃତିମାନ ବ୍ୟକ୍ତିତ୍ୱର ଅଧିକାରୀ ଥିଲେ ଶାରଦା ପ୍ରସାଦ ସ୍ୱାଇଁ। ଶାରଦା ପ୍ରସାଦ ସ୍ୱାଇଁଙ୍କ ଜନ୍ମସ୍ଥାନ ଜଗତସିଂହପୁର ଜିଲ୍ଲା ଅନ୍ତର୍ଗତ ଉଗାଳପୁର ଗ୍ରାମ। ଆମ ଜିଲ୍ଲାର ଆରାଧ ଦେବୀ ମା' ଶାରଳା ହେଉଛନ୍ତି ତାଙ୍କର ଇଷ୍ଟଦେବୀ ଓ ସବୁବେଳେ ସେ ମାଆଙ୍କ ପୂଜାର୍ଚ୍ଚନାରେ ନିଜକୁ ବ୍ୟସ୍ତ ରଖୁଥିଲେ। ଯେଉଁ ମୁହଁର ତେଜଦୀପ୍ତ ଚାହାଣି ଆଜି ଆମ ମାନଙ୍କୁ ସମାଜରେ ପ୍ରତିଷ୍ଠିତ କରିପାରିଛି କର୍ତ୍ତବ୍ୟନିଷ୍ଠତାର ସାଧୁତାର ପ୍ରତିପାଦନ କରିବା ପାଇଁ ମାନବୀୟ ମୂଲ୍ୟବୋଧ ଜୀବନ ବଞ୍ଚିବାର କଳାନିମିତ୍ତ। ତାଙ୍କ ଗୃହସ୍ଥ ଧର୍ମର ଆଦର୍ଶରେ ମୋ ଧର୍ମପତ୍ନୀ ଶିବସ୍ନିଗ୍ଧା, ନାତୁଣୀ ବ୍ରିଟିକା, ଭଉଣୀ ସୋନାଲୀ ସ୍ୱାଇଁ ଓ ଭିଣୋଇ ରାହୁଲ ଜେନା ପ୍ରତିଷ୍ଠିତ ହୋଇପାରିଛନ୍ତି ଏକ ଆଦର୍ଶଣୀୟ ସମାଜରେ। ଆଜି ବାପାଙ୍କ ଅବର୍ତ୍ତମାନରେ ମୋ ମାଆ ଗୀତାରାଣୀ ହିଁ ମୋତେ ଧୈର୍ଯ୍ୟ, ସାହାସ ପ୍ରଦାନ କରୁଛନ୍ତି।

ବାପାଙ୍କ ଦୁଇ ଭଣଜା ସେସ୍କୋର ଏସଡିଓ ଇଞ୍ଜିନିୟର ସନ୍ତୋଷ ଖୁଣ୍ଟିଆ, ଡକ୍ଟର ଦେବୀଦତ୍ତ ପ୍ରଧାନ ଓ ନିହାର ରଞ୍ଜନ ରାଉତ ଅତ୍ୟନ୍ତ ମ୍ରିୟମାଣ। କେବଳ ସେତିକି ନୁହେଁ ମୋର ଭାତୃତୁଲ୍ୟ ପଡ଼ୋଶୀ ଜଗନ୍ନାଥ ଦାସ, ସମାଜସେବୀ ଶ୍ରୀଧର କୁମାର ରାଉଳ, ଚମ୍ପାନାରାୟଣ ଚାରିଟେବଲ ଟ୍ରଷ୍ଟର ଆବାହକ ତ୍ରିନାଥ ଓଝା, ବିଜୟ କୁମାର ଶତପଥୀ, ନିରଞ୍ଜନ ବାରିକ, ନରୋତ୍ତମ ସାମଲ, ଶ୍ରୀଧର କୁମାର ସାହୁ, ସୁନୀଲ କୁମାର ବେହେରା, ରଜତ କୁମାର ବୋଷ, ସନାତନ ନାୟକ, ମନୋଜ ସାହୁ, ସନ୍ତୋଷ ମିଶ୍ର ପ୍ରମୁଖ ସମସ୍ତେ ତାଙ୍କୁ ମନେପକଉଛନ୍ତି ତାଙ୍କ ପରପୋକାର ଓ ମମତାର ବନ୍ଧୁବତ୍ସଳତା ପାଇଁ।

ମହାପ୍ରଭୁ ଶ୍ରୀଜଗନ୍ନାଥ ଓ ଇଷ୍ଟଦେବୀ ମା'ଶାରଳାଙ୍କ ଆଦର୍ଶରେ ଅନୁପ୍ରାଣୀତ ହୋଇ କରୁଣାସିକ୍ତ ଚିନ୍ତାଧାରା, ସରଳ ଜୀବନ, ମିଷ୍ଟ ବଚନ, ସେବାର ଅମୃତ ଧାରା ଆଉ ସାନ୍ତ୍ୱନା ଦାୟକ ଅନୁଭବୀ କଥୋପକଥନ ଓ ସମସ୍ତ ଗଠନମୂଳକ କାର୍ଯ୍ୟକ୍ରମ ଅନେକ ପ୍ରତିକୂଳତା ଭିତରେ ଏହାରି ଜରିଆରେ ତାଙ୍କର ସମସ୍ତ ସମୟ ନିଷ୍କାମ ସେବାରେ ବିନିଯୋଗ କରିଛନ୍ତି। ତାଙ୍କର ଏକନିଷ୍ଠ କର୍ତ୍ତବ୍ୟପରାୟଣତା, ସାଧୁତା, ନିଜ ଉତ୍ସର୍ଗୀକୃତ ଓ ଦୃଷ୍ଟାନ୍ତମୂଳକ ପରୋପକାରିତା ଆମ ସମସ୍ତଙ୍କ ନିକଟରେ ଆଦର୍ଶ ହୋଇ ରହିବ। ଭକ୍ତି, ଜ୍ଞାନ ଓ କର୍ମର ଅପୂର୍ବ ସଂଶ୍ଲେଷଣ ଏବଂ ତାଙ୍କର ସୀମିତ ନିଜସ୍ୱ ଆୟ, ଶକ୍ତି, ସମୟ ଓ ଜ୍ଞାନର ସର୍ବୋତ୍କୃଷ୍ଟ ବିନିଯୋଗ ଫଳରେ ତାଙ୍କର ଜୀବନ ପ୍ରତ୍ୟେକ ମୁହୂର୍ତ୍ତକୁ ଅତିବାହିତ କରିଛନ୍ତି ତାହା କେବଳ ପ୍ରତିଟି ଆଧାତ୍ମିକ ଶ୍ରଦ୍ଧାଳୁ ମାନଙ୍କ ପାଇଁ ନୁହେଁ ବରଂ ଆମ ସମସ୍ତଙ୍କ ପାଇଁ ସବୁ ସମୟରେ ପ୍ରେରଣା ଯୋଗାଇବ ଏଥିରେ ସନ୍ଦେହର ଅବକାଶ ନାହିଁ। ଭଗବାନ ତାଙ୍କର ଅସଂଖ୍ୟ ଛାଞ୍ଚ ଭିତରୁ ଗୋଟିଏ ଦିବ୍ୟ ସ୍ୱୟଂ ସମ୍ପୂର୍ଣ୍ଣ ଦିବ୍ୟ ଛାଞ୍ଚ ବାଛି ସେଥିରେ ମୋ ବାପା ଶାରଦା ପ୍ରସାଦ ସ୍ୱାଇଁଙ୍କୁ ଗଢ଼ି ମୂଳରୁ ସଂପୂର୍ଣ୍ଣ କରି ଓ ସମ୍ପନ୍ନ କରି ତାଙ୍କୁ ଏ ପୃଥିବୀକୁ ପଠାଇଛନ୍ତି ବୋଲି ମୋର ଧାରଣା ହୁଏ। ସୁଖ ଶରୀରରେ ମିଳେ। ଶାନ୍ତି ମନରେ ମିଳେ ଆଉ ହୃଦୟରେ ମିଳେ ଆନନ୍ଦ।

ଜୀବନ ଭିତରେ ଯେଉଁ ଯଶ ଓ କୀର୍ତିର ଅଧିକାରୀ ହୋଇଛନ୍ତି ନିଜ ଆତ୍ମାର ସଦ୍‌ଗତି ପାଇଁ ସେ ନିଜେ ଜୀବନ କାଳ ମଧରେ ପଥ ପରିଷ୍କାର କରିଦେଇ ଯାଇଛନ୍ତି। ଏ ମର ଶରୀର ନଷ୍ଟ ହେଲେ ବି ସେ ନିଜେ ଅତ୍ୟନ୍ତ ଆନନ୍ଦରେ ଭଗବାନଙ୍କ ପାଖକୁ ଚାଲିଯାଇଛନ୍ତି। ଜଣେ ମହାମନିଷୀଙ୍କ ଏକ ବାଣୀ ଯାହାର ଭାଷାନ୍ତର ହେଉଛି 'ପୃଥିବୀରେ ଗୋଟିଏ ଭାଷା ଅଛି, ତାହା ହେଉଛି ହୃଦୟର ଭାଷା।' ଏଭଳି ଜଣେ ଯଶକୀର୍ତ୍ତିର ଅଧିକାରୀଙ୍କୁ ମୃତ୍ୟୁ କ'ଣ କେବେ ଛୁଇଁପାରେ ବରଂ ସେ ମୃତ୍ୟୁକୁ ଛୁଇଁ ଦେଇଛନ୍ତି ଓ ସବୁଦିନ ପାଇଁ ଅମର ହୋଇ ରହିଯାଇଛନ୍ତି, କେବଳ ମୃତ୍ୟୁ ହିଁ ମରିଛି। ଓଁ ଶାନ୍ତିଃ ଶାନ୍ତିଃ ଶାନ୍ତିଃ।

ପ୍ଲଟ ନଂ-୭ଜିଏଚ/୧୩୫୩, ଡି-୧୮, ସେକ୍ଟର-୯, ସିଡିଏ , କଟକ, ଦୂରଭାଷ : ୯୦୪୦୬୬୧୬୩୦ / ୭୦୦୮୨୨୬୨୧୩

# କାହାଣୀ ଶୁଣାନ୍ତୁ ପିଲାଙ୍କୁ

**॥ ଜୟନ୍ତୀ ପଣ୍ଡା ॥**

ଆଜି ଯେଉଁମାନଙ୍କୁ ମହାମାନବ କୁହାଯାଉଛି, ସେମାନଙ୍କ ବାଲ୍ୟକାଳରେ ସେମାନେ ଯେ ଏହି ସ୍ତରରେ ପହଞ୍ଚିବେ ତାହା କେହି କଳ୍ପନ କରିନଥିଲେ । ଏପରିକି ସେମାନଙ୍କର ପିତା, ମାତା ମଧ୍ୟ । ତେବେ ପିଲାମାନଙ୍କର ବ୍ୟକ୍ତିତ୍ୱ ଗଠନ କରିବା ପାଇଁ ସେମାନଙ୍କ ପିତାମାତା ଆନ୍ତରିକ ପ୍ରୟାସ କରୁଥିଲେ । ପିଲାଙ୍କ ବ୍ୟକ୍ତିତ୍ୱ ଗଠନର ଏକ ଉତ୍ତମ ପ୍ରୟାସ ହେଉଛି କାହାଣୀ । ଅର୍ଥାତ୍ ପିଲାଙ୍କୁ କାହାଣୀ ଶୁଣାଇବା । ଇତିହାସରେ ଏହାର ଶହ ଶହ ଦୃଷ୍ଟାନ୍ତ ରହିଛି । ଗୋଟିଏ କାହାଣୀ ହେଉଛି - ପଞ୍ଚତନ୍ତ୍ରର ମନ୍ଦବୁଦ୍ଧିଯୁକ୍ତ ଅଯୋଗ୍ୟ ରାଜକୁମାର । ରାଜାପୂର୍ଣ୍ଣତଃ ନିରାଶ ହୋଇଯାଇଥିଲେ । ସବୁ ପ୍ରକାର ଉପାୟ କରାଗଲେ ସୁଦ୍ଧା କୌଣସି ପ୍ରକାରେ ରାଜକୁମାରଙ୍କୁ ଯୋଗ୍ୟ କରାଯାଇପାରିଲା ନାହିଁ । ଅନ୍ତିମ ପ୍ରୟାସ ରୂପେ ରାଜ୍ୟରେ ଘୋଷଣା କରାଗଲା ଯେ ଯେଉଁ ବ୍ୟକ୍ତି ରାଜକୁମାରଙ୍କୁ ଶିକ୍ଷା ଦେବାର ଦାୟିତ୍ୱ ଗ୍ରହଣ କରିବେ ଏବଂ ତାଙ୍କୁ ସବୁ ଦିଗରୁ ଯୋଗ୍ୟ କରିବାରେ ସକ୍ଷମ ହେବେ, ସେ ଇଚ୍ଛାନୁରୂପ ପୁରସ୍କାର ପାଇବେ । ବିଷ୍ଣୁଶର୍ମା ନାମକ ଜଣେ ବିଦ୍ୱାନ ତପସ୍ୱୀ ରାଜପୁତ୍ରଙ୍କୁ ରାଜନୀତି, ଧର୍ମ ଓ ଶିକ୍ଷାରେ ନିଷ୍ଣାତ (ନିପୁଣ) କରାଇବାର ଦାୟିତ୍ୱ ବହନ କଲେ ଏବଂ କିଛି ସମୟ ଭିତରେ ପଶୁପକ୍ଷୀଙ୍କ ବିଷୟରେ ରୁଚିକର କାହାଣୀ ଶୁଣାଇ ବୁଦ୍ଧିହୀନ ରାଜକୁମାରଙ୍କୁ ନୀତି, ସଦାଚାର, ଧର୍ମ, ବ୍ୟବହାର କୁଶଳତା ଇତ୍ୟାଦିରେ ପାରଙ୍ଗମ କରିଦେଲେ । ଛତ୍ରପତି ଶିବାଜୀ ପିଲାଦିନେ ପ୍ରତିଭାବାନ ମନେ ହେଉନଥିଲେ । ପରେ କିଛି ଉଲ୍ଲେଖନୀୟ କାମ କରିବା ଯୋଗ୍ୟ ପରିସ୍ଥିତି ମଧ୍ୟ ନଥିଲା । ପତି-ଉପେକ୍ଷିତ ତାଙ୍କର ମାତା ଜୀଜାବାଇ ପୁଅ ସହିତ ରହୁଥିଲେ ପୁନାରେ । ବାଳକ ଶିବାର ଲାଳନ ପାଳନଠାରୁ ଆରମ୍ଭ କରି ଶିକ୍ଷା ଦୀକ୍ଷା ପର୍ଯ୍ୟନ୍ତ ସମସ୍ତ ଦାୟିତ୍ୱ ତାଙ୍କ ଉପରେ ଥିଲା । ଏହି ଦାୟିତ୍ୱକୁ ସରଳ ଭାବରେ ନିର୍ବାହ କରିବାର ଉପାୟ ଜୀଜାବାଇ ଖୋଜି ନେଲେ । ସେ ନିଜ ଆଦରର ପୁଅକୁ ରାମାୟଣ, ମହାଭାରତ, ହନୁମାନ, କୃଷ୍ଣ ଓ ଅର୍ଜୁନଙ୍କ ଜୀବନର ପ୍ରେରଣାମୟ ବୀରତ୍ୱପରିପୂର୍ଣ୍ଣ କାହାଣୀ ଶୁଣାଇବା ଆରମ୍ଭ କଲେ ।



ସେମିତି ଆଦର୍ଶ ବୀର ପୁରୁଷ ହେବାର ଅଭିଳାଷ ଜାଗ୍ରତ ହେଲା ବାଳକ ଶିବାଙ୍କ ମନରେ । ପିଲାଦିନରୁ ସେ ମାବଲା ଜାତିର ଅନୁନ୍ନତ ଆଦିବାସୀ ପିଲାମାନଙ୍କୁ ଭାଲୁ, ମାଙ୍କଡ଼ ଭଳି ସଂଗଠିତ କରିବା ଆରମ୍ଭ କଲେ । ସେମାନଙ୍କୁ ଯୁଦ୍ଧ ବିଦ୍ୟା ଶିକ୍ଷା ଦେଲେ । ବାଲ୍ୟକାଳର ପ୍ରେରଣାରୁ ଉଦ୍‌ଭୁତ ଶୁଭ ଅଭିଳାଷ ବଳରେ ସେ ନାନାଜୀ, ବାଜି ପ୍ରଭୁ, ଦେଶ ପାଣ୍ଡେ ଓ ସୂର୍ଯ୍ୟାଜୀଙ୍କ ଭଳି କେତେ ନର ରତ୍ନଙ୍କୁ ଖୋଜି ବାହାର କଲେ । ପରବର୍ତ୍ତୀ କାଳରେ ସେମାନେ ବିଶାଳ ମୋଗଲ ସାମ୍ରାଜ୍ୟ ଅଧିପତି ଆଉରଙ୍ଗଜେବଙ୍କ ଆଖିରୁ ନିଦ ଉଡ଼ାଇନେଲେ । ବର୍ତ୍ତମାନ ଯୁଗର ମହାମାନବ ମହାତ୍ମା ଗାନ୍ଧୀଙ୍କ ଜୀବନରେ ମଧ୍ୟ ଏଭଳି ଘଟିଥିଲା । ତାଙ୍କର ମାତା ପୁତଲୀବାଇ ଗାନ୍ଧୀଙ୍କୁ ପିଲାଦିନେ ରାମାୟଣ ଓ ମହାଭାରତର ଚରିତ୍ର ନିର୍ମାଣକାରୀ ପ୍ରସଙ୍ଗ ଶୁଣାଉଥିଲେ । ଏହାର ପରିଣାମ ରୂପେ ସେ ଆଜୀବନ ଚରିତ୍ର ଓ ନୈତିକତାକୁ ସର୍ବୋପରି ମହତ୍ତ୍ୱ ଦେଇଥିଲେ । ମହାରାଜା ହରିଶ୍ଚନ୍ଦ୍ର ନାଟକ ଦେଖି ଓ ତାଙ୍କର କାହାଣୀ ଶୁଣି ତାଙ୍କ ମନରେ ସତ୍ୟ ପ୍ରତି ଅବିଚଳ ନିଷ୍ଠା ଜାତ ହୋଇଥିଲା । ଯିଶୁ ଓ ବୁଦ୍ଧଙ୍କ ପ୍ରସଙ୍ଗ ଶୁଣି ଓ ପଢ଼ି ଅହିଂସା ଓ ପ୍ରେମ ପ୍ରତି ଶ୍ରଦ୍ଧା ଓ ନିଷ୍ଠା ଜାଗ୍ରତ ହୋଇଥିଲା ।

ଫରିଦାବାଦ, ହରିୟାନା



ମହାଭାରତ

# ରାଇଜ କଥା

ଆଖି ଦେଖୁଥା କାନ ଶୁଣୁଥା
ପ୍ରତିଟି ଖବରରେ ଟଳୁଛି ମଥା



ବୁଧବାର ୬ ନଭେମ୍ବର ୨୦୨୪




୬୧୧ ।

## ମହାନ୍ତ କୁଡୁମୀ ସମ୍ପ୍ରଦାୟର ନିଆରା ପରମ୍ପରା ବାନ୍ଦନା ପର୍ବ ଉଦଯାପିତ

କରଞ୍ଜିଆ,(ମହାଭାରତ) ଓଡ଼ିଶା , ପଶ୍ଚିମବଙ୍ଗର , ବିହାର, ଝାଡ଼ଖଣ୍ଡ, ଆସାମ ଆଦି ବିଭିନ୍ନ ରାଜ୍ୟରେ ବସବାସ କରୁଥିବା କୁଡୁମୀ ବା ମହାନ୍ତ ସଂପ୍ରଦାୟର ଲୋକମାନଙ୍କ ର ' ହାତୀ ଲେଖେନ' ପର୍ବ ବା ବଡପର୍ବ ବାନ୍ଦନା ପର୍ବ। ଦେଶ ସାରା ସମସ୍ତେ ମା କଳୀ ଧନଦେବୀ ଓ ବନଦେବୀଙ୍କର ପ୍ରତୀକ ଭାବେ ପୂଜାର୍ଚ୍ଚନା କରଥାନ୍ତି। ହେଲେ ପ୍ରକୃତି ର ପୂଜାରୀ କୁଡୁମୀ ସମ୍ପ୍ରଦାୟର ଲୋକମାନେ ସାଧାରଣତଃ ଋଷ କାର୍ଯ୍ୟରେ ଜୀବନ ଜୀବିକା ଧାରଣର ପ୍ୟାଭାବେ ବାଛି ନେଇଥିଲାବେଳେ , ଧାନଋଷ ପାଇଁ ମୁଖ୍ୟ ସାହାୟତା ପ୍ରଦାନ କରୁଥିବା ଗୋ ସମ୍ପଦ କୁ ପୂଜାର୍ଚ୍ଚନା କରିବା ସେମାନଙ୍କର ଏକ ନିଆରା ପରମ୍ପରା ମା କାଳୀପୂଜା ଅବସରରେ ବନ୍ଦନା ପବ। କୁଡୁମୀ ମାନେ ବାନ୍ଦନା ପର୍ବକୁ ତିନି ଦିନଧରି ମହାଆଡମ୍ବରେ ପାଳନ କରିଥାନ୍ତି ।ଏଥିପାଇଁ ସାତଦିନ ପୂର୍ବ ରୁ ପ୍ରସ୍ତୁତି କରିଥାନ୍ତିୟ ଏଥିପାଇଁ ଗୋରୁଗାଇଙ୍କୁ ଭଲ ଭାବେ ଧୋଇବା ସହ ଘର କୁ ଲିପାପୋଛା ଓ ରଙ୍ଗ ମାରିଥାନ୍ତି ୟ ଦିପାବଳୀ ପ୍ରଥମ ଦିନର ପୂଜାକୁ ଗୋଠ ପୂଜା କୁହାଯାଏ, ସେହି ଦିନ ଅପରାହ୍ନରେ ଗୋଧୂଳି ସମୟରେ ଏହା ପାଳନ କରାଯାଇଥାଏ ୟ ଗ୍ରାମର ଦେହୁରୀ ପୂଜକ ଭାବେ ଗାଁ ମୁଣ୍ଡ କିମ୍ବା ଜାହିଁରାଶାଳ ପାଖପଡିଆରେ ଗ୍ରାମର ଦେହୁରୀ ଏକ ଅଣ୍ଡାପୂଜା କରିଥାନ୍ତି ଏବଂ ସେହି ପୂଜା ଅଣ୍ଡାକୁ ଗୋରୁଗାଇଙ୍କ ଦ୍ୱାରା ମଡାଯିବାର ପ୍ରଥା ରହିଛି । ସେହିପରି ଯେଉଁ ସ୍ଥାନରେ ଅଣ୍ଡା ପୂଜାର୍ଚ୍ଚନା ଯାଇଥିବ ସେହି ସ୍ଥାନକୁ ଗାଈ ବଳଦ ମାନଙ୍କୁ ନିଆଯାଇ ବାଜା ଏବଂ ବାଣ ସାହାଯ୍ୟରେ ଭୋଳକା ଯାଇଥାଏ ,ଯେଉଁ ବଳଦ ସେ ଅଣ୍ଡା ଟିକୁ ଭାଙ୍ଗି ଥାଏ ତାର ମାଲିକଙ୍କୁ ଭାଗ୍ୟବାନ ମଣିଥାନ୍ତି ଏବଂ ତାଙ୍କ ଘରକୁ ପ୍ରଥମେ ଧିଙ୍ଗୁଆନୀ ଯାଇଥାନ୍ତି । ସେଇଠାରୁ ଏକ ଶୋଭାଯାତ୍ରା ପାରମ୍ପରିକ ବାଦ୍ୟ ମାନ୍ଦଳ,ନାଗରା ତାଳେତାଳେ ଗୀତଗାଇ ନାଚି ନାଚି ଯାଇଥାନ୍ତି ତାଙ୍କ ଘରକୁ ସେଠାରେ ଏକ ଭଜି କରିବା ସହିତ ଗାଁ ର ସମସ୍ତଙ୍କ ଘରକୁ ବୁଲି ଥାନ୍ତି ପାରମ୍ପରିକ ରୀତିରେ ୟତହିଁ ପରଦିନ ଗୋରୟାପୂଜା (ଗୁହାଳପୂଜା) କରିବା ସହ ପିତୃପୁରୁଷଙ୍କୁ ଭୋଗ ନୈବେଦ୍ୟ ଅର୍ପଣ କରାଯିବା ସହିତ କିଛି କିଛି ଲୋକ କୁକୁଡ଼ା ଛେଳି ବଳୀ ମଧ ପ୍ରଦାନ କରିଥାନ୍ତି ।ଏହିଦିନ ଦାଣ୍ଡ ରୁ ଗୁହାଳ ପର୍ଯ୍ୟନ୍ତ ସ୍ୱତନ୍ତ୍ର ଝୋଟି ପକାଇଥାନ୍ତି, ସ୍ତ୍ରୀ ଲୋକମାନେ ନୂତନ ଲୁଗାପଟା ପିନ୍ଧି ଚୁନା ତିଆରି ଗୁଡ ଓ ଘିଅରେ ପିଠା ତିଆରି କରିଥାଆନ୍ତି। ଗୁହାଳ ରେ ଗରୟା ଠାକୁର ଙ୍କୁ କଇଁଫୁଲ ପିଠାକୁ ଭୋଗ ଓ ନୈବେଦ୍ୟ ଅର୍ପଣ କରିବା ସହ କୁକୁଡା ବଳିପ୍ରଦାନ କରିଥାନ୍ତି । ସେହିପରି ତହିଁ ପରଦିନ ସନ୍ଧ୍ୟାରେ ଗାଁର କିଛି ଲୋକ ନିଜର ବଳଦ ମାନଙ୍କୁ ଗାଁଦାଣ୍ଡରେ ଏକ ଖୁଣ୍ଟରେ ବାନ୍ଧି ବଳଦ ମାନଙ୍କୁ ବନ୍ଦାପନା କରିବା ସହିତ ଗ୍ରାମବାସୀ ପାରମ୍ପାରିକ ବାଦ୍ୟ ନାଚ ଗୀତରେ ବଳଦ ମାନଙ୍କୁ ଖେଳାଇ ଥାନ୍ତି ଗ୍ରାମବାସୀ ।

## କୃଷି ବିଜ୍ଞାନ କେନ୍ଦ୍ରରେ 'ପି.ଏମ. କୁସୁମ' ପକ୍ଷରୁ ଏକ ଦିନିଆ କର୍ମଶାଳା



କେନ୍ଦ୍ରାପଡ଼ା,(ମହାଭାରତ): ଜଜାଙ୍ଗ ସ୍ଥିତ କୃଷିବିଜ୍ଞାନ କେନ୍ଦ୍ରରେ ଆସ୍କି ଆନୁକୁଲ୍ୟରେ ପିଏମ୍ କୁସୁମ ଯୋଜନା ଉପରେ ଏକ ଦିନିଆ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି ।ଏହି କାର୍ଯ୍ୟକ୍ରମକୁ ଆଭାସୀ ମାଧ୍ୟମରେ ଓୟୁଏଟିର ସମ୍ପ୍ରସାରଣ ଅଧକ୍ଷ ଓ ପ୍ରସନ୍ତ କ୍ରି ମିଶ୍ର ଉଦଘାଟନ କରିଥିଲେ ଓ ଅଟାରି କୋଲକାତାର ନିର୍ଦ୍ଦେଶକ ଡ.ପ୍ରଦୀପ ଦେ ଏହାକୁ ସମ୍ବୋଧନ କରିଥିଲେ ୟଏହି କାର୍ଯ୍ୟକ୍ରମକୁ କେନ୍ଦ୍ରାପଡ଼ା କୃଷି ବିଜ୍ଞାନ କେନ୍ଦ୍ରର ମୁଖ୍ୟ ଡ.ଅରବିନ୍ଦ ଦାସ ସଂଯୋଜନା କରିଥିଲେ । ଆସ୍କିର ତାଲିମ ଅଫିସର ସନ୍ତୋଷ ପଣ୍ଡା ଋଷୀ ମାନଙ୍କୁ ଏହି ଯୋଜନା ମାଧ୍ୟମରେ ସୌର ଶକ୍ତିକୁ କିଭଳି ଭାବେ ବିଦ୍ୟୁ ଶକ୍ତି ଉତ୍ପାଦନ କରି ଋଷୀମାନେ ଲାଭବାନ ହୋଇ ପାରିବେ, ସେ ବିଷୟରେ ଆଲୋଚନା କରିଥିଲେ ।କେନ୍ଦ୍ରାପଡ଼ାର ସମସ୍ତ ୯ ଗୋଟି ବ୍ଲକରୁ ୪୦ରୁ ଉର୍ଦ୍ଧ୍ୱ ଅଗ୍ରଣୀ ଋଷୀ ଏଥିରେ ଅଂଶଗ୍ରହଣ କରିଥିଲେ ।ଏହି କାର୍ଯ୍ୟକ୍ରମରେ କୃଷି ବିଜ୍ଞାନ କେନ୍ଦ୍ରର ସମସ୍ତ ବୈଜ୍ଞାନିକ ଡ.ତାପସ ରଂଜନ ସାହୁ, ଡ.ପ୍ରଭଞ୍ଜନ ମିଶ୍ର,ଶ୍ରୀମତୀ ନମିତା ମହାପାତ୍ର, ଡ.ଗାୟତ୍ରୀ ସାହୁ,ଶ୍ରୀଯୁକ୍ତ ମାନସ ରଞ୍ଜନ ବେହେରା ଓ ଅନ୍ୟାନ୍ୟ କର୍ମକ□। ପ୍ରମୁଖ ସହଯୋଗ କରିଥିଲେ।

# ବାସୁଦେବ ମନ୍ଦିରରେ କଳାକନା ବୁଲାଇଲେ ଲୁଟେରା

## କାକଟପୁର ରେ ବୃଦ୍ଧି ହେଉଛି ଚୋରୀ ଘଟଣା

କାକଟପୁର, (ମହାଭାରତ): ମହାଭାରତ କାର୍ତ୍ତିକ ମାସ ଏକ ଧର୍ମ ମାସ, ଗାଁ ଠୁ ସହର ବିଭିନ୍ନ ଆଧାତ୍ମିକ ପୀଠ ରେ ଭଜନ ସଂକୀର୍ତନ ଲାଗିରୁହେ, ଆଉ ଏହାର ସୁଯୋଗ ନେଇ କାକଟପୁର ବାଉରୀଆକଣ ସ୍ଥିତ ବହୁ ପୁରାତନ ବାସୁଦେବ ଙ୍କ ମନ୍ଦିର ରୁ କିଛି ଦୁର୍ବୃର୍ତ୍ତ ଗତକାଲି ବିଳମ୍ବିତ ରାତିରେ କଳାକନା ବୁଲାଇଛନ୍ତି । ସୁର୍ଯ୍ୟକାନ୍ତ ଜେନା (ପ୍ରତ୍ୟକ୍ଷଦର୍ଶୀ )ଙ୍କ କହିବା ମୁତାବକ ସେ ପ୍ରତ୍ୟେକ ଦିନ ଭୋର ୫ ଘଟିକା ରେ ଆସି ମନ୍ଦିର ଭଣ୍ଡାର ଘର ଋବି ଖୋଲି ମାଇକ ଲଗାନ୍ତି, ଆଜି ଭୋର ସମୟ ରେ ଆସି ତାଲା ଖୋଲିବାକୁ ଗଲାବେଳେ ହଟାତ ଦେଖିବାକୁ ପାଇଥିଲେ ମନ୍ଦିର ତାଲା ଭଙ୍ଗା ଯାଇଛି, ଭିତରେ ମାଇକ,



ମେସିନ, ସଂକୀର୍ତନ ସାମଗ୍ରୀ ଓ ଠାକୁର ଙ୍କ ଆସବାବ ଦ୍ରବ୍ୟ ସବୁ ଗାୟବ, ତେଣୁ ସେ ସଙ୍ଗେ ସଙ୍ଗେ ଗ୍ରାମବାସୀ ଙ୍କୁ ଖବର ଦେଇଥିଲେ । ହଟାତ ଗ୍ରାମବାସୀ ଏକତ୍ରିତ ହୋଇ କାକଟପୁର ଥାନା କୁ ସୂଚନା ଦେଇଥିଲେ, ଘଟଣା ସ୍ଥଳରେ କାକଟପୁର ଥାନା ଆସି ଘଟଣା ର ତଦନ୍ତ ଆରମ୍ଭ କରିଛି ଓ ଏଥିନେଇ କାକଟପୁର ଥାନା ରେ ଗ୍ରାମବାସୀ ଙ୍କ ତରଫରୁ ଏକ ଲିଖିତ ଅଭିଯୋଗ ମଧ କରାଯାଇଛି । ଏହି ଘଟଣା ପରେ ଗ୍ରାମବାସୀ ଙ୍କ ମନରେ ଏକ ପ୍ରକାର ଦୁଃଖଦାୟକ ପରିସ୍ଥିତି ସୃଷ୍ଟି ହୋଇଛି, ଆଉ ଦୋଷୀ ଙ୍କୁ ଧରି ଦୃଢ କାର୍ଯ୍ୟାନୁଷ୍ଠାନ ପାଇଁ ଗ୍ରାମ ର ମୁରବୀ ଗଙ୍ଗାଧର ନାୟକ, ମନ୍ଦିର ପୂଜାରୀ ରଞ୍ଜନ କୁମାର ମିଶ୍ର ଙ୍କ ସମେତ ଗ୍ରାମବାସୀ ମଧ ଦାବୀ କରିଛନ୍ତି , ଅତୀତ ରେ କାକଟପୁର ରେ ସୁନା ଦୋକାନୀ ଙ୍କୁ ଗୁଳିମାଡ଼, ତା ପରେ ଡେଲିଭରୀ କାର୍ଯ୍ୟାଳୟ ରୁ ଚୋରୀ ଏବେ ବାସୁଦେବ ଙ୍କ ମନ୍ଦିର ରୁ ଲୁଟ ଅଞ୍ଚଳ ରେ ଏକ ଭୟାଭୟ ବାତାବରଣ ସୃଷ୍ଟି କରିଛି, ଆଗାମୀ ଦିନ ରେ ପୋଲିସ କି ପ୍ରକାର କାର୍ଯ୍ୟାନୁଷ୍ଠାନ ନେଉଚି ତାହା ଦେଖିବାକୁ ବାକି ରହିଲା ।

## ଐତିହାସିକ ରାଜନଗର ବୈତବନ୍ଧାଣ ଉତ୍ସବ ପାଇଁ ଗ୍ରାମ ଚଳଚଞ୍ଚଳ

ପାଟଣା:-(ମହାଭରତ)କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ଐତିହାସିକ ଗ୍ରାମ ରାଜନଗର ରେ ପୂର୍ ପ୍ରସ୍ତୁତି ଅନୁଯାଇ ପ୍ରଥମ ଥର ପାଇଁ ବୈତବନ୍ଧାଣ ଉତ୍ସବ ପାଇଁ ମିନା ବଜାର ଆରମ୍ଭ ହୋଇଛି ।ଅନେକ ବର୍ଷ ହେଲା ରାଜନଗର ରେ ପୁଣ୍ୟ ତୋୟା ବୈତରଣୀ ନଦୀ କୁଳ ରେ ବୈତବନ୍ଧାଣ ଉତ୍ସବ ପାଳନ ହେଉ ଥିବା ବେଳେ ଏ ବର୍ଷ ପ୍ରଥମ ଥର ପାଇଁ ମିନା ବଜାର ସହିତ ବାଲି ଯାତ୍ରା ଅନୁଷ୍ଠିତ ହେବା ପାଇଁ ରାଜନଗର ଗ୍ରାମ ର ବୈତବନ୍ଧାଣ କମିଟି ପୂର୍ ପ୍ରସ୍ତୁତି କରି ଛି । ଆଜି ଠାରୁ ଦୋକାନ ବଜାର ଲାଗିବା ଆରମ୍ଭ ହେବା ସହ ଏହି ଉତ୍ସବ ରେ ପୂର୍ ରୁ କେନ୍ଦୁଝର ଜିଲ୍ଲା ସହିତ ଅନେକ ଜିଲ୍ଲାର ଭକ୍ତ ମାନେ ଆସି ପୁଣ୍ୟ ତୋୟା ବୈତରଣୀ ନଦୀ କୁ ଆସି ନଦୀ କୂଳରେ ସ୍ନାନ କରି ପୁଣ୍ୟ ଲାଭ କରିଥାନ୍ତି । ଏବର୍ଷ ମିନା ବଜାର ର ମଧ୍ୟ ଆନନ୍ଦ ଉଠାଇ ପାରିବେ ବୈତବନ୍ଧାଣ କମିଟି ତରଫରୁ ଏବର୍ଷ ଯୋଗ ଦାନ ପାଇଁ ଆପଣ ମାନଙ୍କୁ ବିନମ୍ର ଅନୁରୋଧ କରିଛନ୍ତି ।

## ଜିଲ୍ଲା ସ୍ତରୀୟ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳିତ

ରଜପତି(ମହାଭାରତ):ଗଜପତି ଜିଲ୍ଲା ସ୍ତରୀୟ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ-୨୦୨୪ ଆଜି ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷ ଠାରେ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଜିଲ୍ଲାପାଳ ଶ୍ରୀଯୁକ୍ତ ବିଜୟ କୁମାର ଦାଶ ଯୋଗଦେଇ ଉପସ୍ଥିତ ଥିବା ଜିଲ୍ଲାର ସମସ୍ତ ଅଧିକାରୀ,କର୍ମଋରୀ, ଶିକ୍ଷକ ଶିକ୍ଷୟତ୍ରୀ, ଛାତ୍ର ଛାତ୍ରୀ, ଗଣମାଧ୍ୟମ ପ୍ରତିନିଧି ମାନଙ୍କୁ ଶପଥ ପାଠ କରାଇବା ସହିତ ସଚେତନତାର ବାର୍ତ୍ତା ପ୍ରଦାନ କରିଥିଲେୟ ଅନ୍ୟମାନଙ୍କ ମଧ୍ୟରେ ଶ୍ରୀ ଜତିନ୍ଦ୍ର କୁମାର ପଣ୍ଡା,ଆରକ୍ଷୀ ଅଧିକ୍ଷକ ଗଜପତି, ଶ୍ରୀ ସନ୍ତୋଷ କୁମାର ମିଶ୍ର, ଓଏସଡି, ଦୁର୍ନୀତି ନିବାରଣ ଖଣ୍ଡ ବ୍ରହ୍ମପୁର, ଶ୍ରୀ ଜି.ତିରୁପତି ରାଓ, ସଭାପତି, ଜିଲ୍ଲାପରିଷଦ, ଶ୍ରୀମତୀ ନିର୍ମଳା ସେଠୀ, ଅଧକ୍ଷା ପୌରପରିଷଦ ପାରଳାଖେମୁଣ୍ଡି, ଡ଼. ଗୁଣନିଧି ନାୟକ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ଗଜପତି ଓ ଶ୍ରୀ ଅନୁପ ପଣ୍ଡା, ଉପ-ଜିଲ୍ଲାପାଳ ପାରଳାଖେମୁଣ୍ଡି ପ୍ରମୁଖ ମଞ୍ଚାସିନ ଥିଲେ । ଆଜିର ଜିଲ୍ଲାସ୍ତରୀୟ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳନର ସତ୍ୟନିଷ୍ଠ ସଂସ୍କୃତି ହିଁ ରାଷ୍ଟ୍ର ସମୃଦ୍ଧିର ଭିତ୍ତି ବିଷୟରେ ଆଲୋଚନା କରାଯାଇଛି। ଏହି ଅବସରରେ ଜିଲ୍ଲାପାଳ ଶ୍ରୀଯୁକ୍ତ ଦାଶ ଛାତ୍ରଛାତ୍ରୀ ମାନଙ୍କୁ ଉତ୍ସାହିତ କରି କହିଥିଲେ ଯେ ଏବେ ଠାରୁ ସାଦୁତା, ସ୍ୱଚ୍ଛତା ଓ ସମୟାନୁ ବର୍ତ୍ତିତା ପାଳନ କରିବାକୁ ହେବ ଏବଂ ଦୁର୍ନୀତି ମୂଳ ଉତ୍ପାଟନ ନିମନ୍ତେ ସରକାର, ନାଗରିକ, ଘରୋଇ କ୍ଷେତ୍ରରେ ସମସ୍ତେ ଏକତ୍ରିତ ହୋଇ କାର୍ଯ୍ୟ କରିବା ଉଚିତୟ ସେହିପରି ସାଧୁତା ସ୍ୱଚ୍ଛତା ଓ ସମୟାନୁ ବର୍ତ୍ତିତା ହିଁ କର୍ମର ମୂଳମନ୍ତ୍ର ବୋଲି ସେ କହିଛନ୍ତ। ସେହିପରି ଆରକ୍ଷୀ ଅଧିକ୍ଷକ ଗଜପତି ସମ୍ମାନିତ ଅତିଥି ଭାବରେ ଯୋଗଦେଇ କହିଥିଲେ ଦେଶର ଆର୍ଥିକ, ରାଜନୈତିକ ଓ ସାମାଜିକ ଉନ୍ନତିରେ ଦୁର୍ନୀତି ବାଧକ ସାଜିଛି ତେଣୁ ସମାଜର ପ୍ରତ୍ୟେକ ବର୍ଗ ଓ ଦୁର୍ନୀତିର ମୂଳ ଉତ୍ପାଟନ ପାଇଁ ଆଗେଇ ଆସିବା ଉଚିତ ବୋଲି କହିଛନ୍ତି । ଗତ ମାସ ୨୮ ଅକ୍ଟୋବର ତାରିଖ ଠାରୁ ନଭେମ୍ବର ୦୩ ତାରିଖ ପର୍ଯ୍ୟନ୍ତ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳନ କରାଯାଉଛି ବୋଲି ଶ୍ରୀଯୁକ୍ତ ମିଶ୍ର,ଓଏସଡି,ଦୁର୍ନୀତି ନିବାରଣ ଖଣ୍ଡ ବ୍ରହ୍ମପୁର କହିଛନ୍ତି। ସମସ୍ତ ଅତିଥି ମାନେ ଯୋଗଦେଇ କହିଥିଲେ ଯେ ଦୁର୍ନୀତି ନିବାରଣ ଦିଗରେ ସରକାରଙ୍କ ଦ୍ୱାରା କରାଯାଉଥିବା ସମସ୍ତ ବ୍ୟବସ୍ଥାକୁ କଡାକଡି ଭାବରେ ପାଳନ କରିବା ସହିତ ସାଦୁତା, ସ୍ୱଚ୍ଛତା ଓ ସମୟାନୁ ବ□ିତା ହିଁ କର୍ମର ମୂଳମନ୍ତ୍ର ବୋଲି କହିଛନ୍ତି। ସମସ୍ତେ ଏକତ୍ରିତ ହୋଇ ସଚେତନତା ଓ ସତର୍କତା ରହି ଜନସାଧାରଣଙ୍କୁ ଏହି ଦିଗରେ ଅଧିକରୁ ଅଧିକ ସଚେତନ କରାଇବାକୁ ପଡ଼ିବ ବୋଲି କହିଥିଲେ। ଏହି ଅବସରରେ ଆଜି ସକାଳେ ମହାରାଜଙ୍କ ବାଳକ ଉଚ୍ଚ ବିଦ୍ୟାଳୟ ଠାରୁ ଜିଲ୍ଲାପରିଷଦ ସମ୍ମିଳନୀ କକ୍ଷ ପର୍ଯ୍ୟନ୍ତ ଦୁର୍ନୀତି ନିବାରଣ ସଚେତନତା ସଚେତନା ରାଲୀ ଆୟୋଜନ କରାଯାଇଥିଲା । ଦୁର୍ନୀତି ନିବାରଣ ସପ୍ତାହ ପାଳନ ଅବସରରେ ଉଚ୍ଚ ବିଦ୍ୟାଳୟ ଓ ମହାବିଦ୍ୟାଳୟ ମଧ୍ୟରେ ଓଡ଼ିଆ ପ୍ରବନ୍ଧ ଓ ବକ୍ତୃତା ପ୍ରତିଯୋଗିତାର ଅନୁଷ୍ଠିତ ହୋଇଥିଲା ଏଥିରେ କୃତୀ ପ୍ରତିଯଗୀମାନଙ୍କୁ ଅତିଥି ମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଶ୍ରୀଯୁକ୍ତ ଭାସୁଦେବ ରାଓ, ଜିଲ୍ଲା ଦୁର୍ନୀତି ନିବାରଣ ଅଧିକାରୀ,ଗଜପତି, ଆଞ୍ଚଳିକ ପରିବହନ (ଏମ.ଭି.ଆଇ.) ଶ୍ରୀ ତୁଷାର ହେମ୍ବ୍ରମ,ଶ୍ରୀ ତ୍ରିଲୋଚନ ଷଡ଼ଙ୍ଗୀ ଦୁର୍ନୀତି ନିବାରଣ ଗଜପତି, ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀ ଶିକ୍ଷକ ଶିକ୍ଷୟତ୍ରୀ, ଗଣମାଧ୍ୟମ ପ୍ରତିନିଧି ଗଣ ସମେତ ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀ ଗଣ ଓ କର୍ମଋରୀ ଉପସ୍ଥିତ ଥିଲେ । ଏହି କାର୍ଯ୍ୟକ୍ରମକୁ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପ୍ରଦୀପ୍ତ ଗୁରୁମାଇ କାର୍ଯ୍ୟକ୍ରମକୁ ପରିଋଳନା କରିଥିବା ବେଳେ ଜିଲ୍ଲା ସଂସ୍କୃତି ଅଧିକାରୀ ସୁଶ୍ରୀ ଅର୍ଚ୍ଚନା କୁମାରୀ ମଙ୍ଗରାଜ ଧନ୍ୟବାଦ ଅର୍ପଣ କରିଥିଲେ।

## କାଳକ୍ଷଣ୍ଡପୁର ପଞ୍ଚାୟତ ରେ ବରିଷ୍ଠ ନାଗରିକ ଚିତ୍ତ ବିନୋଦନ କେନ୍ଦ୍ର ଉଦଘାଟିତ

ଆସିକା (ମହାଭାରତ): କାଳକ୍ଷଣ୍ଡପୁର ପଞ୍ଚାୟତ ରେ ବରିଷ୍ଠ ନାଗରିକ ଚିତ୍ତ ବିନୋଦନ କେନ୍ଦ୍ର ସରପଞ୍ଚ ଜୟନ୍ତୀ ବେହେରା ଙ୍କ ଦ୍ୱାରା ଉଦଘାଟନ କରାଯାଇଛି ।ଏହି ଅବସରରେ ପଞ୍ଚାୟତର ପ୍ରାୟ ୧୦୦ରୁ ଉର୍ଦ୍ଧ ବରିଷ୍ଠ ନାଗରିକ ଉପସ୍ଥିତ ଥିଲେ। ଏହି କେନ୍ଦ୍ରରେ ଆଗାମୀ ଦିନରେ ଏକ ସ୍ଥାୟୀ କମିଟି ଗଠନ କରାଯିବା, ପ୍ରତେକ ମାସରେ ଏକ କମିଟି ବୈଠକ ହେବ,ସମସ୍ତ ଙ୍କ ପାଇଁ ପରିଚୟ ପତ୍ର ତିଆରି କରିବା, ମାସିକ ସ୍ୱାସ୍ଥ୍ୟ ପରୀକ୍ଷା କରାଇବା,ଆସବାବ ପତ୍ର ପ୍ରଦାନ, ଗୋଟିଏ ମୃଦୁଙ୍ଗ ସେଟ ପ୍ରଦାନ ଆଦି ବିଷୟରେ ଆଲୋଚନା କରାଯାଇଥିଲା। ଏହି ବୈଠକ ରେ ସରତ ଚନ୍ଦ୍ର ଆର୍ଋର୍ଯ୍ୟ,ପରମାନନ୍ଦ ସାହୁ,ନିତ୍ୟାନନ୍ଦ ପାତ୍ର,ପଦ୍ମଚରଣ ଆର୍ଋର୍ଯ୍ୟ,ଗଦାଧର ସ୍ୱାଇଁ,କାଶି ବିଶ୍ୱନାଥ ସାହୁ,ଅଶୋକ ମହାରଣା,ବୃନ୍ଦାବନ ଗୌଡ଼,ଉଦୟ ନାଥ ବିଶ୍ୱାଳ,କେଶବ ଭଞ୍ଜପ୍ରମୁଖ ଉପସ୍ଥିତ ଥିଲେ।

# ପ୍ରଶାସନ ଅପାରଗତା ଯୋଗୁଁ କ୍ୟାନସର ରୋଗୀ ଆଖି ବୁଜିଦେଲା



ନୂଆଗାଁ (ମହାଭାରତ) : ନୟାଗଡ଼ ଜିଲ୍ଲା ନୂଆଗାଁ ବ୍ଲକ ଅନ୍ତର୍ଗତ ଉଦୟପୁର ଗ୍ରାମ ପଞ୍ଚାୟତ ଅଧୀନରେ ଥିବା ସିଙ୍ଗପୁର ଗ୍ରାମର ବଳରାମ କହଁର (୫୭) ଦୀର୍ଘ ୮ମାସ ଧରି କ୍ୟାନସର ରୋଗରେ ପୀଡିତ ଥିଲେ । ସୂଚନା ଥାଉକି କିଛି ଦିନ ତଳେ ସ୍ୱାମୀ ବଳରାମ ଙ୍କୁ ଚିକିତ୍ସା ପାଇଁ ସ୍ତ୍ରୀ ସୁବନୀ କହଁର (୪୫) ଓ ଦୁଇ ଝିଅଙ୍କୁ ସାଙ୍ଗରେ ଧରି ଭୁବନେଶ୍ୱର ଏକ ଘରୋଇ ହସ୍ପିଟାଲ କୁ ନେଇଥିଲେ। ସେଠାରେ ଡାକ୍ତରଙ୍କ ପରାମର୍ଶ କ୍ରମେ କ୍ୟାନସର ରୋଗୀଙ୍କୁ ଭଲ କରିବାକୁ ହେଲେ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରିବାକୁ ପଡିବ ବୋଲି ଡାକ୍ତର ତାଙ୍କ ଧର୍ମପତ୍ନୀଙ୍କୁ କହିଥିଲେ। କିନ୍ତୁ ଡାକ୍ତର କହିବା ଅନୁଯାୟୀ ରାସନ୍ କାର୍ଡରେ ତୁମ ସ୍ୱାମୀ ଙ୍କ ନାଁ ନଥିବାରୁ ଚିକିତ୍ସା ହୋଇପାରିବନି ବୋଲି କହିଥିଲେୟ ସ୍ତ୍ରୀ ଙ୍କ ପାଖରେ ରାସନ୍ କାର୍ଡ ଥିଲେ ମଧ ସ୍ୱାମୀ ବଳରାମ ଙ୍କ ନାଁ ନଥିବାରୁ ଡାକ୍ତର ଚିକିତ୍ସା ପାଇଁ ମନା କରିଦେଇଥିଲେ ।ସ୍ତ୍ରୀ ଙ୍କ ପାଖରେ ଟଙ୍କା ନଥିବାରୁ ଶେଷରେ ନିରୁପାୟ ହୋଇ ସ୍ୱାମୀଙ୍କୁ ଘରକୁ ଫେରାଇ ଆଣିଥିଲାୟ ସ୍ତ୍ରୀ ସ୍ୱାମୀଙ୍କ ନାଁ ରାସନ୍ କାର୍ଡ ସଂଯୋଗ ନେଇ ବ୍ଲକ କାର୍ଯ୍ୟାଳୟକୁ ଯାଇଥିଲେ କିନ୍ତୁ ବର୍ତ୍ତମାନ ର-କଣ ଋଲିଥିବାରୁ ନାଁ ସଂଯୋଗ ହୋଇପାରିବନି ବୋଲି ବିଭାଗୀୟ ଅଧିକାରୀ ମନା କରିଦେଇଥିଲେ। ସ୍ୱାମୀଙ୍କ ନାଁ ସଂଯୋଗ ନେଇ ସ୍ତ୍ରୀ ସୁବନି କ୍ୟାନସର ରୋଗୀ ସ୍ୱାମୀ ବଳରାମ ଙ୍କୁ ସାଙ୍ଗରେ ଧରି ନୂଆଗାଁ ବ୍ଲକ କାର୍ଯ୍ୟାଳୟରେ ଅକ୍ଟୋବର ତା ୨୮ ରେ ଆୟୋଜିତ ଜିଲ୍ଲାପାଳ ଙ୍କ ଜନଶୁଣାଣୀ ଶିବିରରେ ଦ୍ୱାରସ୍ତ ହୋଇଥିଲା ଏବଂ ଗୁହାରି ମଧ କରିଥିଲା। କିନ୍ତୁ ସ୍ତ୍ରୀ ଯେଉଁ ଆଶା ନେଇ ପହଞ୍ଚିଥିଲା ହେଲେ ପ୍ରଶାସନ ଙ୍କ ପକ୍ଷରୁ କୌଣସି ସୁବିଧା ପାଇ ପାରିଲା ନାହିଁ। ଯାହା ଫଳରେ ସେ ନିରାଶ ହୋଇ ସ୍ୱାମୀଙ୍କୁ ଧରି ଘରକୁ ଫେରିଥିଲା। ସରକାରଙ୍କ ଠାରୁ ଆରମ୍ଭ କରି ପ୍ରଶାସନ ପର୍ଯ୍ୟନ୍ତ ଜଣେ ନିରୀହ ଗରୀବ ଆଦିବାସୀ ମହିଳା ସୁବନି, ସ୍ୱାମୀଙ୍କ ନାଁ ରାସନ୍ କାର୍ଡରେ ସଂଯୋଗ ହୋଇଥିଲେ ଚିକିତ୍ସା ସୁବିଧା ପାଇ ପାରିଥାନ୍ତା ହେଲେ ସ୍ୱାମୀଙ୍କୁ ବଞ୍ଚାଇବା ପାଇଁ କେତେ କାକୁତି ବିନତୀ ହୋଇ ଗୁହାରି କରିଥିଲା କିନ୍ତୁ ବଡ଼ ଦୁର୍ଭାଗ୍ୟର କଥା କେହି ବି ଶୁଣିଲେ ନାହିଁୟ ଗୋଟିଏ ଅଭାବି ପରିବାର ହୋଇଥିବାରୁ ସ୍ତ୍ରୀ ଙ୍କ ପାଖରେ ଟଙ୍କା ପଇସା କି ସ୍ୱାସ୍ଥ୍ୟ କାର୍ଡ ନଥିଲା ଯାହାକି ଚିକିତ୍ସା ପାଇଁ ଟଙ୍କା ଅଭାବ ଦେଖା ଦେଇଥିଲା ଶେଷରେ କ୍ୟାନସର ପୀଡ଼ିତ ବଳରାମ ଶୁକ୍ରବାର ଦିନ ଆଖି ବୁଜିଦେଇଥିଲା। ଫଳରେ ଗୋଟିଏ ସୁନାର ସଂସାର ଉଜୁଡିଗଲା। ବର୍ତ୍ତମାନ ପରିସ୍ଥିତିରେ ସେମାନଙ୍କୁ କିଏ ହେବ ସାହା ଭରଷା। ସେମାନଙ୍କୁ ଆହା କରିବା ପାଇଁ ଆଗକୁ କେହି ନାହାନ୍ତି କି ପଛକୁ କେହି ନାହାନ୍ତି । ଅନ୍ୟପଟେ ଗରିବ ଆଦିବାସୀ ଲୋକଙ୍କର ହିତସାଧନ ପାଇଁ କେନ୍ଦ୍ର ଓ ରାଜ୍ୟ ସରକାର ବିଭିନ୍ନ ଯୋଜନା ନାଁରେ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିବା ନେଇ ଡିଣ୍ଡିମ ପିଟୁଥିବା ବେଳେ ଜଣେ ନୀରିହ ଗରିବ ଆଦିବାସୀ ମହିଳା ସୁବନି ଙ୍କୁ ସରକାରଙ୍କ ତରଫରୁ ଆର୍ଥିକ ସହାୟତା ମିଳିଲା ନାହିଁ କି ରାସନ୍ କାର୍ଡରେ ନାଁ ସଂଯୋଗ ହେଲା ନାହିଁ ଶେଷରେ ଚିକିତ୍ସା ଅଭାବରୁ କ୍ୟାନସର ରୋଗୀ ବଳରାମ ଜୀବନ ଋଲିଗଲା। ଆଜି ସରକାର ଓ ପ୍ରଶାସନ ଙ୍କ ଅପାରଗତା ଯୋଗୁଁ ଗୋଟିଏ ଅସହାୟ ଗରିବ ପରିବାର ଟି ଉଜୁଡ଼ିଗଲା ଏଥି ସହ ଦୁଇ ଝିଅ ବାପା ଛେଉଣ୍ଡ ହେଇଗଲେ। ଯାହାକୁ ନେଇ ସାଧାରଣରେ ଘୋର ନିନ୍ଦା କରାଯାଉଥିବା ଶୁଣିବାକୁ ମିଳିଛି।

## ଦୁଇ ନାବାଳିକା କୁ ବଳାତ୍କାର ମାମଲା ରେ ପୃଥକ ପୃଥକ ଭାବେ ଦୁଇଟି ମାମଲା ରୁଜୁ ଦୁଇ ଅଭିଯୁକ୍ତ ଗିରଫ

କରଞ୍ଜିଆ,(ମହାଭାରତ) ମୟୂରଭଞ୍ଜ ଜିଲ୍ଲା ଠାକୁରମୁଣ୍ଡା ଥାନା ଅଞ୍ଚଳରେ ମଙ୍ଗଳବାର ପୃଥକ ପୃଥକ ସ୍ଥାନ ରେ ଦୁଇ ଜଣ ନାବାଳିକା କୁ ବଳାତ୍କାର ଅଭିଯୋଗ ରେ ଦୁଇଟି ମାମଲା ଠାକୁରମୁଣ୍ଡା ଥାନା ରେ ରୁଜୁ ହୋଇ ଥିବାର ଠାକୁରମୁଣ୍ଡା ଥାନା ଅଧିକାରୀଣୀ ଙ୍କ ଠାରୁ ସୂଚନା ମିଳିଛି । ସୂଚନା ଅନୁଯାୟୀ ଠାକୁରମୁଣ୍ଡା ଥାନା ଅନ୍ତର୍ଗତ ସଲାଇବେଡ଼ା ପଞ୍ଚାୟତ ଅ□ଳରେ ଜଣେ ନାବାଳିକା କୁ ବଳାତ୍କାର କରି ଗର୍ଭବତୀ କରିବା ଅଭିଯୋଗରେ ଲେବେଆ ହୋ ଙ୍କୁ ଠାକୁରମୁଣ୍ଡା ଥାନା ପୋଲିସ କେଶ ନମ୍ବର ୧୦୦ ଅନୁଯାୟୀ ଏକ ମାମଲା ରୁଜୁ କରି ତାଙ୍କୁ ଅଟକ ରଖିଛନ୍ତି । ସେହିପରି ହାତିଗଡା ଅଞ୍ଚଳ ରେ ଜଣେ ନାବାଳିକା ଛେଳି ଚରେଇ ବାକୁ ଯାଇ ଘରକୁ ଫେରିବା ପରେ ସେ ଘରେ ଏକୁଟିଆ ଥିବା ର ସୁଯୋଗ ନେଇ ଜଣେ ୩୪ ବର୍ଷୀୟ ଯୁବକ ପ୍ରଶାନ୍ତ ଗିରୀ ନାବାଳିକା କୁ ବଳାତ୍କାର ଉଦ୍ୟମ କରିଥିଲା ।ଏ ନେଇ ନାବାଳିକା ଙ୍କ ଅଭିଯୋଗ କ୍ରମେ ଠାକୁରମୁଣ୍ଡା ଥାନା ପୋଲିସ ତାଙ୍କୁ ଗିରଫ କରି କେସ ନମ୍ବର ୧୦୧ ଅନୁଯାୟୀ ମାମଲା ରୁଜୁ କରି ଅଭିଯୁକ୍ତ କୁ ଗିରଫ କରି କୋର୍ଟ ଋଲାଣ କରିଥିବା ଠାକୁରମୁଣ୍ଡା ଥାନା ପୋଲିସ ଠାରୁ ସୂଚନା ମିଳିଛି।

## ସୁଧର୍ମା ମହାସଭା ର ଧାର୍ମିକ ସମାବେଶ



ବାଲିପାଟଣା ତା (ମହାଭାରତ)ଶିଶୁ ଅନନ୍ତ ଙ୍କ ପବିତ୍ର ପୀଠରେ ସୁଧର୍ମା ମହାସଭା ତରଫରୁ ଏକ ଧାର୍ମିକ ସମାବେଶ ତନ୍ମୟ ଦାସ ଗୋ ସ୍ୱାମୀ ଙ୍କ ଦ୍ୱାରା ଅନୁଷ୍ଠିତ ହୋଇ ଯାଇଚି ।ପ୍ରାତଃ ରୁ ଏକ ପବିତ୍ର ପରିବେଶରେ ଭଜନ,କୀ□ନ ଓ ସାଧୁ ମାନଙ୍କ ପ୍ରବଚନ ମାଧ୍ୟମରେ ଏହି କାର୍ଯ୍ୟକ୍ରମ ଆରମ୍ଭ ହୋଇ ଅପରାହ୍ନ ରେ ଉଦଯାପିତ ହୋଇଛି ।ଧାନକୁଦ ମଠର ମଠାଧୀଶ ବାବା ଅରକ୍ଷିତ ଦାସ ଏଥିରେ ପ୍ରବଚନ ଦେଇ ସନାତନ ଧର୍ମର ସୁରକ୍ଷା ସହିତ ସାମାଜିକ ବ୍ୟବସ୍ଥାରେ ଶୃଙ୍ଖଳା ଓ ନୈତିକତା ସମ୍ପନ୍ତ ହୋଇ ଈଶ୍ୱର ଙ୍କ ସହିତ ନିରନ୍ତର ସଂଯୁକ୍ତ ରହିବାକୁ ପରାମର୍ଶ ଦେଇଥିଲେ ।ଅନ୍ୟାନ୍ୟ ସାଧୁ ସ୍ୟ ଙ୍କ ମଧ୍ୟରେ ଜ଼କା ଭୀମ ନଙ୍ଗଳା ଆଶ୍ରମର ନାରଣ ବାବା,ବଡ଼ବିଲ ପଞ୍ଚସଖା ଆଶ୍ରମ ର ଶିଶୁ ସିଦ୍ଧ ଧୁନ୍ଦା ରାମ ମହାରାଜ,ନେମାଳ ପୀଠର ଗୁରୁଦ□ ପୃଷ୍ଟି,ଖୋର୍ଦ୍ଧା ଜୋହଳ ଆଶ୍ରମର ଭୋଳା ବାବା,କୋଣାର୍କ ଅନନ୍ତ ଅବଧୂତ ମଠ ର ଆଦିତ୍ୟ ମହାରାଜ,ମାଛଗାଁ ସୀତାରାମ ଆଶ୍ରମ ର ଦାସିଆ ବାବା,ଅଯୋଧା ରୁ ଆସିଥିବା ଅଶ୍ୱିନୀ ବାବା,ସିଦ୍ଧ ବଟ ପିଙ୍ଗଳା ଆଶ୍ରମ ର ଦେବାନନ୍ଦ ସରସ୍ୱତୀ ପ୍ରମୁଖ ଯୋଗଦେଇ ବେଦ,ପୁରାଣ ଓ ଧର୍ମ ଗ୍ର୍ୟ ମାନଙ୍କରେ ରହିଥିବା ନିର୍ଦ୍ଦେଶ ପାଳନ କରି ଶାନ୍ତି ଓ ଆନନ୍ଦମୟ ଜୀବନ ଯାପନ ପାଇଁ ପରାମର୍ଶ ଦେଇଥିଲେ ।ଶିଶୁ ଅନନ୍ତ ମଣ୍ଡଳ ତରଫରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଶହ ଶହ ସଂଖ୍ୟାରେ ଭକ୍ତବୃନ୍ଦ୍ ଯୋଗଦେଇଥିଲେ। କାହ୍ନୁ ପରମାଣିକ, ବାସୁଦେବ ଜେନା,କୈଳାଶ ଦ□,ସୋମନାଥ ସାହୁ, ଭୋଳା ବାବା,ମାଧବ ବାବା ପ୍ରମୁଖ ଆୟୋଜନ ରେ ସହଯୋଗ କରିଥିଲେ।

## ଗଜପତି ମହୋତ୍ସବ-୨୦୨୪ ପ୍ରସ୍ତୁତି ବୈଠକ ଅନୁଷ୍ଠିତଞ୍ଚ



ଗଜପତି ଜିଲ୍ଲାସ୍ତରୀୟ ଗଜପତି ମହୋତ୍ସବ-୨୦୨୪ ନେଇ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଅଛି ।ଗଜପତି ଜିଲ୍ଲାର ଲୋକ କଳା ସାଂସ୍କୃତିକ ଉତ୍ସବକୁ ସୁରୁଖୁରୁରେ ତୁଲାଇବା ପାଇଁ ଜିଲ୍ଲାପାଳ ତଥା ଜିଲ୍ଲା ସଂସ୍କୃତ ପରିଷଦ ଅଧ୍ୟକ୍ଷ ଶ୍ରୀଯୁକ୍ତ ବିଜୟ କୁମାର ଦାଶଙ୍କ ଅଧକ୍ଷତାରେ ସ୍ଥାନୀୟ ଗ୍ରାମୀଣ ଆତ୍ମ ନିଯୁକ୍ତି ପ୍ରଶିକ୍ଷଣ କେନ୍ଦ୍ର ସଭା ଗୃହଠାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିବା ବେଳେ ମୁଖ୍ୟ ଅତିଥି ଭାବରେ ଜିଲ୍ଲାପରିଷଦ ଅଧକ୍ଷ ଶ୍ରୀ ଜି.ତିରୁପତି ରାଓ, ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବରେ ପାରଳାଖେମୁଣ୍ଡି ପୌରପରିଷଦ ଅଧକ୍ଷା ଶ୍ରୀମତୀ ନିର୍ମଳା ସେଠୀ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ଡ଼.ଗୁଣନିଧି ନାୟକ,ଡିଏସପି ଡ଼.ଚନ୍ଦ୍ର ଶେଖର ହୋତା ,ଉପ-ଜିଲ୍ଲାପାଳ ଶ୍ରୀ ଅନୁପ ପଣ୍ଡା, ଶ୍ରୀ ଅନାଦ୍ଧି ପ୍ରାଣିଗ୍ରାହୀ,କୋଷାଧକ୍ଷ ଗଜପତି ଉତ୍ସବ ଓ ଜିଲ୍ଲା ସଂସ୍କୃତି ଅଧିକାରୀ ଅର୍ଚ୍ଚନା କୁମାରୀ ମଙ୍ଗରାଜ ପ୍ରମୁଖ ମଞ୍ଚାସିନ ରହିଥିଲେ । ଗଜପତି ମହୋତ୍ସବ ୨୦୨୪ର ପବିତ୍ର ମହେନ୍ଦ୍ରଗିରି ପର୍ବତ ଗିରିଶୃଙ୍ଗଠାରୁ ମଶାଲ ଶୁଭାରମ୍ଭ ହେବ । ଆସନ୍ତା ଡ଼ିସେମ୍ବର ୧୮ ଠାରୁ ୨୨ ତାରିଖ ଗଜପତି ଉତ୍ସବ ପଲ୍ଲୀଶ୍ରୀ ମେଳା ଗଜପତି ଷ୍ଟାଡିୟମ୍ ଠାରେ ଅନୁଷ୍ଠିତ ହେବ । ଏହି ମହୋତ୍ସବରେ ଗଜପତି ଜିଲ୍ଲାର ବିଭିନ୍ନ ଅ□ଳର ଆଦିବାସୀଙ୍କ କଳା ଓ ସଂସ୍କୃତି ପ୍ରଦର୍ଶନ ହେବା ସହ ରାଜ୍ୟର ବିଭିନ୍ନ ଆଦିବାସୀ ନୃତ୍ୟ ଓ ସଙ୍ଗୀତକୁ ମଧ ସ୍ଥାନ ଦିଆଯିବ ବୋଲି ଜିଲ୍ଲାପାଳ ଜଣାଇଛନ୍ତି । ଏହି ବୈଠକରେ ପୌରପରିଷଦ ନିର୍ବାହୀ ଅଧିକାରୀ ଶ୍ରୀ ଗୌର ଚନ୍ଦ୍ର ପଟ୍ଟନାୟକ, ବିଭିନ୍ନ ବ୍ଲକ୍ ର ପଞ୍ଚାୟତ ସମିତି ଅଧକ୍ଷ ଅଧକ୍ଷା, ଜିଲ୍ଲାପରିଷଦ ସଭ୍ୟ ସଭ୍ୟା, ବଶିଷ୍ଠ ନାଗରିକ, ବୁଦ୍ଧିଜୀବୀ, ଆଇନଜୀବୀ ବିଭିନ୍ନ ବିଭାଗର ଅଧିକାରୀ ଗଣ ଓ ସମସ୍ତ ଗଣମାଧ୍ୟମ ପ୍ରତିନିଧି ଗଣ ପ୍ରମୁଖ ଉପସ୍ଥିତ ଥିଲେ।

## ଆସିକା ବିଜ୍ଞାନ ମହାବିଦ୍ୟାଳୟରେ ଦୁର୍ନୀତି ନିବାରଣ ସପ୍ତାହ ପାଳିତ




ଆସିକା (ମହାଭାରତ) : ଭାରତ ସରକାରଙ୍କ ଆହ୍ୱାନ କ୍ରମେ ଆସିକା ବିଜ୍ଞାନ ମହାବିଦ୍ୟାଳୟର ଅଧକ୍ଷ ଡ. ଜୀବାନନ୍ଦ ତ୍ରିପାଠୀଙ୍କ ଅଧକ୍ଷତାରେ ଏବଂ ଯୁବ ରେଡକ୍ରସ, ଜାତୀୟ ସେବା ଯୋଜନା ଏବଂ ରାଷ୍ଟ୍ରୀୟ ସମର ଶିକ୍ଷାର୍ଥୀ ବାହୀନିର ମିଳିତ ସହଭାଗିତାରେ ସ୍ୱେଚ୍ଛାସେବୀ ଛାତ୍ରଛାତ୍ରୀ ତଥା ମହାବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ମଧ୍ୟରେ ଦୁର୍ନୀତି ନିବାରଣ ସପ୍ତାହ ଆନୁଷ୍ଠାନିକ ରୂପେ ସଂପାଦିତ ହୋଇଯାଇଛି । ଏହି ଅବସରରେ ନାଗରିକଙ୍କ ପାଇଁ ସାଧୁତାର ଶପଥ ପ୍ରତିପାଦନ କରାଯାଇଥିଲା। ସ୍ୱତନ୍ତ୍ର ରୂପେ ଅଧକ୍ଷ ଯୁବା ପୀଢ଼ୀଙ୍କୁ ଉତ୍କୋଚ୍ ଉପରେ ଯଥାର୍ଥତା ପ୍ରତିପାଦନ କରି କହିଥିଲେ, ଉତ୍କୋଚ୍ ନେବା ନାହିଁ କିମ୍ବା ଦେବା ନାହିଁ। ଏହା ଦ୍ୱାରା ମେଧାବୀ ତଥା ପ୍ରତିଭା ସମ୍ପନ୍ନ ଶିକ୍ଷାର୍ଥୀ ସରକାରୀ କିମ୍ବା ବେସରକାରୀ ଚାକିରି କ୍ଷେତ୍ରରୁ ନିବୃ□ ହୋଇଯାନ୍ତି। ଦୁର୍ନୀତି ହିଁ ଦେଶର ଆର୍ଥିକ, ରାଜନୈତିକ ଓ ସାମାଜିକ ପ୍ରଗତି ପଥରେ ସବୁଠାରୁ ବଡ଼ ପ୍ରତିବନ୍ଧକ ବୋଲି ସମସ୍ତ କର୍ତ୍ତୃପକ୍ଷ ନିଜ ନିଜ ସଫେଇରେ ଅନୁରୂପ ମନ୍ତବ୍ୟ ରଖିଥିଲେଯ ଯୁବା ପୀଢ଼ୀଙ୍କୁ ସମସ୍ତ ପ୍ରକାରର ସାଧୁତାର ମାର୍ଗକୁ ଅବଲମ୍ବନ କରିବା ପାଇଁ ଶପଥ ପାଠ କରାଯାଇଥିଲା। ଜୀବନ ର ପ୍ରତ୍ୟେକ କ୍ଷେତ୍ର ରେ ସଚ୍ଚୋଟତା ଓ ଆଇନ ର ଶାସନ କୁ ପାଳନ କରିବା, ଉତ୍କୋଚ ନେବା ନାହିଁ କିମ୍ବା ଦେବା ନାହିଁ, ସମସ୍ତ ଦାୟିତ୍ୱ କୁ ସାଧୁତା ଓ ସ୍ୱଚ୍ଛତାର ସହ ସମ୍ପାଦନ କରିବା, ଜନ ସାଧାରଣଙ୍କ ହିତ ସାଧନା ପାଇଁ କାର୍ଯ୍ୟ କରିବା, ନିଜ ବ୍ୟକ୍ତିଗତ ଆଚରଣ ରେ ଦୃଷ୍ଟାନ୍ତମୂଳକ ସାଧୁତା ବଜାୟ ରଖି ଉଦାହରଣ ହେବା, ଦୁର୍ନୀତି ସମ୍ପର୍କିତ କୌଣସି ଘଟଣା ଉପଯୁକ୍ତ କର୍ତ୍ତୃପକ୍ଷ ଙ୍କୁ ଅବଗତ କରାଇବା ଇତ୍ୟାଦିର ଶପଥ ପାଠ କରାଯାଇଥିଲା। ଏହି ଅବସରରେ ମହାବିଦ୍ୟାଳୟର ପ୍ରଶାସନିକ ଅଧିକାରୀ ତଥା ଏନସିସି ମେଜର ଡ଼ ଶଂକର ପ୍ରସାଦ ଅଧିକାରୀ, ସହ ପ୍ରଶାସନିକ ଅଧିକାରୀ ଡ. ଅଭୟ କେଶରୀ ପରିଚ୍ଛା ପଟ୍ଟନାୟକ, ଏକାଡେମିକ ବର୍ସର ଡ. ସନ୍ତୋଷ କୁମାର ଚୌଧୁରୀ, ରିଡର ଡ. ବସନ୍ତ କୁମାର ଆଚାରୀ, ଡ. ସ୍ମିତାରାଣୀ ପଣ୍ଡା, ପ୍ରଫେସର ବିଘ୍ନରାଜ ପୀଢ଼ୀ, ଡ. ନନ୍ଦିତା ଦାଶ, ଯୁବ ରେଡକ୍ରସ କାଉଁସେଲର ଡ. ଅଜି କୁମାର ମୁନୀ, ଏନଏସ୍‌ଏସ୍ ଯୋଜନା ଅଧିକାରୀ ପବିତ୍ର ଧଙ୍ଗଡାମାଝୀ, ଚନ୍ଦନ ମାରାଣ୍ଡି, ଯୋଜନା ଅଧିକାରୀଣି ଇ. ରେଶମା ପାତ୍ର, ସ୍କାଉଟ୍ ରୋଭର୍ସ ଅଫିସର ଅଧ୍ୟାପକ ସରୋଜ କୁମାର ପଣ୍ଡା, ଅଧ୍ୟାପକ ସୁଧୀର କୁମାର ସାହୁ, ବରିଷ୍ଠ ପିଇଟ ସନ୍ତୋଷ କୁମାର ପ୍ରଧାନ, ମୁଖ୍ୟ କିରାଣି ବିଜୟ କୁମାର ନାୟକ ଓ ଅନ୍ୟାନ୍ୟ ଅଧ୍ୟାପକ ଓ ଅଧ୍ୟାପିକା, କର୍ମଚାରୀ ବୃନ୍ଦ ଉପସ୍ଥିତ ରହି ଦୁର୍ନୀତି ନିବାରଣ ଶପଥପାଠ ଅବସରକୁ ସାଫଲ୍ୟ ମଣ୍ଡିତ କରିଥିଲେ।

## ଗୋବରୀ ପଠାରେ ବାଲିଯାତ୍ରା ମହୋତ୍ସବ ପାଇଁ ଭୂମି ପୂଜନ

କେନ୍ଦ୍ରାପଡ଼ା(ମହାଭାରତ): କେନ୍ଦ୍ରାପଡା ବାଲିଯାତ୍ରାର ମୁଖ୍ୟ ଆଭିମୁଖ୍ୟ ଐତିହାସିକ ଗୋବରୀ ନଦୀର ପୁନଃରୁଦ୍ଧାର ପାଇଁ ସୋମବାର ଗୁଲନଗର ପଞ୍ଚାୟତର ସୁଜାନଗରସ୍ଥିତ ବାଲିଯାତ୍ରା ପଡିଆରେ ବାଲିଯାତ୍ରା ପାଇଁ ଭୂମିପୂଜନ କରାଯାଇଥିଲା । ଏଥିରେ ଗୋବରୀ ନଦୀର ପୁନଃରୁଦ୍ଧାରକୁ ଗୁରୁତ୍ୱାରୋପ କରାଯାଇଥିଲା। ଏହି ଅବସରରେ ଅନୁଷ୍ଠିତ ସଭାରେ କେନ୍ଦ୍ରାପଡା ବାଲିଯାତ୍ରା କମିଟିର ସଭାପତି ବରିଷ୍ଠ ଆଇନଜୀବୀ ପ୍ରଦୀପ କୁମାର ଦାଶଙ୍କ ପୌରୋହିତ୍ୟରେ ଏକ ସଭା ଅନୁଷ୍ଠିତ ହୋଇଯାଇଛି । ପ୍ରଥମେ ଅପରାହ୍ନ ୪ଟାରେ ପ୍ରଦୀପ କୁମାର ଦାଶ କର୍ତ୍ତା ଭାବେ ଯୋଗଦେଇ ଭୂମି ପୂଜନ କରାଯାଇଛି । ଆସନ୍ତା ନଭେମ୍ବରମାସ ୧୫ତାରିଖରୁ ଆରମ୍ଭ ହୋଇ ୨୧ତାରିଖରେ କେନ୍ଦ୍ରାପଡା ବାଲିଯାତ୍ରା ଅନୁଷ୍ଠିତ ହେବ। ୭ଦିନ ଧରି ହେଉଥିବା ଉତ୍ସବରେ ପତ୍ରିକା ପ୍ରକାଶନ, ଗୋଟିପୁଅ ନାଚ, କବିତା ପଠୋତ୍ସବ, ସାହିତ୍ୟ ସଭା, ସମ୍ବର୍ଦ୍ଧନା ଉତ୍ସବ ପ୍ରଭୃତି ବିଭିନ୍ନ କାର୍ଯ୍ୟକ୍ରମ କାରାଯିବ । ଏଥି ସହିତ ରାଜ୍ୟ ସ୍ତରୀୟ କଳାକାରଙ୍କ ଦ୍ୱାରା ସାଂସ୍କୃତିକ ଓ ମନୋରଞ୍ଜନ କାର୍ଯ୍ୟକ୍ରମ ଓ ମିନାବଜାର କାରାଯିବ



ବୋଲି ସଭାପତି ସୂଚନା ଦେଇଛନ୍ତି । ଏହି ଉତ୍ସବରେ ୨୦୦ରୁ ଉର୍ଦ୍ଧ୍ୱ ଷ୍ଟଲ ଖୋଲାଯିବ ବୋଲି ବାଲିଯାତ୍ରା କମିଟି ସମ୍ପାଦକ ସରକାରୀ ଓକିଲ ସଞ୍ଜୟ କୁମାର ଜେନା ସୂଚନା ଦେଇଛନ୍ତି । ଷ୍ଟଲ ଖୋଲିବାକୁ ଇଚ୍ଛୁକ ବ୍ୟକ୍ତିମାନେ କମିଟିର କର୍ମକର୍ତ୍ତା ଟୁଟୁ ଗେରୁ, ମୃତ୍ୟୁଞ୍ଜୟ ସାହୁଙ୍କୁ ଯୋଗାଯୋଗ କରିବାକୁ ନିଷ୍ପତ୍ତି ନିଆଯାଇଛି । ଏହି କାର୍ଯ୍ୟକ୍ରମରେ ଉପସଭାପତି ଧିରେନ୍ଦ୍ର କୁମାର ଦାସ, କୋଷାଧ୍ୟକ୍ଷ ମନୋରଞ୍ଜନ ତ୍ରିପାଠୀ, ସାଂସ୍କୃତିକ ସମ୍ପାଦକ ଶୁଭାଂଶୁ କୁମାର ଦାସ, ସହ କୋଷାଧ୍ୟକ୍ଷ ପ□ାନନ ଗେରୁ, ସଂଗଠନ ସମ୍ପାଦକ ସତ୍ୟବ୍ରତ ସିଂହ, ଟୁଟୁ ଗେରୁ, ମୃତ୍ୟୁଞ୍ଜୟ ସାହୁ, ରାଜୁ କୁବେର, ବ୍ଲକ ଉପାଧ୍ୟକ୍ଷ ପ୍ରତାପ ନାରାୟଣ ମହାପାତ୍ର, ଅଭିମନ୍ୟୁ ଗୋଛାୟତ, ରାମଚନ୍ଦ୍ର ବାରିକ, ଲାଲବାବୁ, ଶ୍ରୀଧର ମହାନ୍ତି, ଦୁର୍ଯ୍ୟୋଧନ ଗେରୁ, ଶ୍ରୀଧର କୁମାର ଭୋଳ, କୈଳାସ ଗେରୁ, ପୀତବାସ ବେହେରା, ସତ୍ୟପ୍ରିୟ ଦାସ, ଲୋପାମିଦ୍ର ବାରିକ, ମହେନ୍ଦ୍ର ଆଚାର୍ଯ୍ୟ, ଶ୍ରୀଧର କୁମାର ମହାନ୍ତି, ମିଡିଆସେଲର ସମ୍ପାଦକ ଅଲେଖ ନାୟକ, ପୀତବାସ ବେହେରା, ରମଣୀ ରଞ୍ଜନ ରାଉତରାୟ, ପିତବାସ ଦାସ, ଶ୍ରତ୍ତଜିତ ନାୟକ, ମୃତ୍ୟୁଞ୍ଜୟ ମହାନ୍ତି, ତ୍ରିଲୋଚନ ଦାସ, ପଞ୍ଚାନନ ଦାସ, ଶରତ କୁମାର ରାଉତ, ମଦନମୋହନ ସାହୁ, ସରୋଜକାନ୍ତ ସାହୁ, ଗବେଷକ ନିରଞ୍ଜନ ମେକାପ, ମହେନ୍ଦ୍ର ଆଚାର୍ଯ୍ୟ, ଦେବେନ୍ଦ୍ର ସାହୁ, ଅକ୍ଷୟ ପ୍ରିୟ ଦାସ, ଦୁର୍ଯ୍ୟୋଧନ ଗେରୁ, ସେକ ରିଙ୍କୁ ପ୍ରମୁଖ ଶତାଧିକ ବାଲିଯାତ୍ରା ପ୍ରେମୀମାନେ ଯୋଗଦେଇଥିଲେ ।

## ଜିଲ୍ଲାପାଳଙ୍କ ମିଳିତ ଜନ ଅଭିଯୋଗ ଶୁଣାଣୀ ଅନୁଷ୍ଠିତ

ଗଜପତି(ମହାଭାରତ): ଗଜପତି ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡି ସ୍ଥିତ ଜିଲ୍ଲାପାଳଙ୍କ କାର୍ଯ୍ୟଳୟ ସମ୍ମିଳନୀ କକ୍ଷ ଠାରେ ଗ୍ରାମ୍ୟ ମୁଖୀ ପ୍ରଶାସନ ସହ ସଂଯୁକ୍ତ ଜନ ଅଭିଯୋଗ ଶୁଣାଣୀ ଅନୁଷ୍ଠିତ ହୋଇଯାଇଅଛି । ଏହି ଅଭିଯୋଗ ଶୁଣାଣିରେ ଗଜପତି ଜିଲ୍ଲାପାଳ ଶ୍ରୀଯୁକ୍ତ ବିଜୟ କୁମାର ଦାଶ, ଆରକ୍ଷୀ ଅଧିକ୍ଷକ ଶ୍ରୀଯୁକ୍ତ ଜତିନ୍ଦ୍ର କୁମାର ପଣ୍ଡା,ମୁଖ୍ୟ ଉଉୟନ ଅଧିକାରୀ ତଥା ର୍ନିବାହୀ ଅଧିକାରୀ ଜିଲ୍ଲା ପରିଷଦ ଗଜପତି ଡ଼.ଗୁଣନିଧି ନାୟକ ଓ ଉପ ଜିଲ୍ଲାପାଳ ଶ୍ରୀ ଅନୁପ ପଣ୍ଡା ଏହି ମିଳିତ ଜନ ଅଭିଯୋଗ ଶୁଣାଣୀରେ ଯୋଗଦାନ କରି ପାରଳାଖେମୁଣ୍ଡି ପୌର ପରିଷଦ ସମେତ କେରାଣ୍ଡି, କତଳକଇଠା,ରାଣୀପେଣ୍ଠ ଓ ସିଧାମାଡ଼ଙ୍ଗ ପ□ାୟତର ସମୁଦାୟ ମୋଟ- ୯୧ ଗୋଟି ଅଭିଯୋଗ ପତ୍ର ଗ୍ରହଣ କରାଯାଇଥିଲା।

## ଅସ୍ୱାୟାର ଆଇଡିଆ ସଫ୍ଟୱାୟାର କମ୍ପାନୀ ପକ୍ଷରୁ ଷଷ୍ଠ ଜନ୍ମବାର୍ଷିକୀ ସମାରୋହ

କେନ୍ଦ୍ରାପଡ଼ା,(ମହାଭାରତ): ଅସ୍ୱାୟାର୍ ଆଇଡିଆ ସଫ୍ଟୱାୟାର ସଲ୍ୟୁସନ୍ କମ୍ପାନୀର ୬ଷ୍ଠ ଜନ୍ମବାର୍ଷିକୀ ୨ ନଭେମ୍ବର ୨୦୨୪ରେ ସାନ୍ତସାହି ସ୍ଥିତ ବଳଦେବଜୀଉ କଲ୍ୟାଣ ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛ । ଶନିବାର ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ମାନ୍ୟବର ବିଧାୟକ ଶ୍ରୀଯୁକ୍ତ ଗଣେଶ୍ୱର ବେହେରା ଓ ଅତିଥି ଭାବେ କମ୍ପାନୀର ଚେୟାରମେନ ଶ୍ରୀଯୁକ୍ତ ଅନାଦି ଚରଣ ମୁଦୁଲି ,ବଳଦେବଜୀଉ




ଏଣ୍ଡାଉନମେଣ୍ଟର ଏକଜିକ୍ୟୁଟିଭ ଅଫିସର ବଳଭଦ୍ର ପତ୍ରୀ, ଜାଭିୟର ସ୍କୁଲର ଅଧକ୍ଷ ନିରଞ୍ଜନ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଏକ ରକ୍ତଦାନ ଶିବିରର ଆୟୋଜନ କରାଯାଇଥିଲା। ପରେ ଏକ ବୈଠକର ଆୟୋଜନ କରାଯାଇ କମ୍ପାନୀର ସଫଳତା ଓ ଆଗାମୀ କାର୍ଯ୍ୟ ପ୍ରଣାଳୀ ଉପରେ ଆଲୋଚନା କରାଯାଇଥିଲାଯ କମ୍ପାନୀର କର୍ମକର୍ତ୍ତା ଅମ୍ରି କୁମାର ସାହୁ ମଞ୍ଚ ପରିଚାଳନା କରିଥିଲେ। ସର୍ବ ଶେଷରେ କମ୍ପାନୀର ପରିଚାଳକ ନିର୍ଦ୍ଦେଶକ ଶ୍ରୀଯୁକ୍ତ ସୁରେନ୍ଦ୍ର ମୁଦୁଲି ସମସ୍ତଙ୍କୁ ଧନ୍ୟବାଦ୍ ଅର୍ପଣ କରିଥିଲେ।ଏହି ଅବସରରେ କମ୍ପାନୀର କର୍ମକର୍ତ୍ତା ସନ୍ଦୀପ କୁମାର ସାହୁ,ଅଖିଳ ବାରିକ୍,ବିନୋଦ କର, ସୁଧାଂଶୁ ଗିଡି,ପ୍ରଭୁଦ□ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ବିଜେଡି ପକ୍ଷ ରୁ ଜନ ସଂପର୍କ ପଦଯାତ୍ରା




ପାଟଣା:-(ମହାଭରତ) କେନ୍ଦୁଝର ଜିଲ୍ଲା ପାଟଣା ର୍ନିବାଚନ ମଣ୍ଡଳୀ ସାହାରପଡା ବ୍ଲକ ବାଇକଳା ଠାରୁ ଆରମ୍ଭ ହୋଇ ମୁକ୍ତାପୁର ଦେଇ ବିନ୍ଧା ଗ୍ରାମରେ ଜନ ସମ୍ପର୍କ ପଦଯାତ୍ରା ଶେଷ ହୋଇ ଛ। ଏହି ବିଜେଡି ର ଜନ ସଂପର୍କ ପଦଯାତ୍ରା ପୂର୍ବତନ ବିଧାୟକ ଜଗତ୍ତାଥ ନାଏକ ଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇ ଛି । ଏହି ଜନ ସପର୍କ ପଦଯାତ୍ରା ରେ ବରିଷ୍ଠ ନେତା ଭବାନୀ ଶଙ୍କର ନାଏକ,ପାଟଣା ବ୍ଲକ ଅଧକ୍ଷା ସୁକାନ୍ତି ନାଏକ,ସାହାରପଡା ବ୍ଲକ ଉପାଧକ୍ଷା ଛବିରାଣୀ ସେଠୀ,ପାଟଣା ବିଜେଡି ବ୍ଲକ ସଭାପତି ମାଧବାନନ୍ଦ ପୃଷ୍ଟି, ସାହାରପଡା ବ୍ଲକ ୨୯ନଂ ଜିଲ୍ଲା ପରିଷଦ ସଦସ୍ୟ ବୁଦ୍ଧଦେବ ମହାକୁଡ଼,ପାଟଣା ବ୍ଲକ ୨୧ନଂ ଜିଲ୍ଲା ପରିଷଦ ପ୍ରଫୁଲ୍ଲ ନାୟକ,ସମିତି ସଭ୍ୟ ବିଶ୍ୱାନାଥ ନାୟକ,ବଡ଼ପାଟଣା ସରପ□ ବିନତି ବାନରା,ଏରେଣ୍ଡେଇ ସରପ□ ପାର୍ବତୀ ଦେହୁରୀ,ସାହାରାଡା ଛାତ୍ର ସଭାପତି ଭବାନୀ ଶଙ୍କର ମହାନ୍ତ,ଯୁବ ସଭାପତି ସତ୍ୟ ନାରାୟଣ ପଣ୍ଡା ୪ଶହ ଉର୍ଦ୍ଧ୍ୱ ବିଜେଡି ନେତା,କର୍ମୀ ସାମିଲ ଦେଖିବାକୁ ମିଳି ଛି ।

## ଗ୍ରାମାଞ୍ଚଳ ପରିବହନ ସେବା ଦେଖାଇଛି ଆର୍ଥିକ ବିକାଶର ପଥ

ଭବାନୀପାଟଣା,(ମହାଭାରତ): କଳାହାଣ୍ଡି ଜିଲ୍ଲାରେ ଗ୍ରାମାଞ୍ଚଳ ପରିବହନ ସେବା ପ୍ରଚଳନର ଏକ ବର୍ଷ ପୂର୍ତ୍ତି ହୋଇଯାଇଛି।ଏହି ବସ ସେବା ଦ୍ୱାରା ଗ୍ରାମା□ଳରେ ବେଶ ପ୍ରଭାବ ପକାଇଛି। ପ୍ରତିଦିନ ବସ ଯାତ୍ରା ପାଇଁ ଲୋକଙ୍କ ଅପେକ୍ଷା ରହୁଛି। ସୁଲଭ ମୂଲ୍ୟରେ ଯାତ୍ରା ମନରେ ଅଫୁରନ୍ତ ଆନନ୍ଦ ଦେଇପାରିଛି। ନଭେମ୍ବର ୧ରେ କଳାହାଣ୍ଡି ଜିଲ୍ଲାରେ ଗ୍ରାମା□ଳ ପରିବହନ ସେବା ଯୋଜନାର ଶୁଭାରମ୍ଭ ହେବାର ଏକ ବର୍ଷ ପୂର୍ତ୍ତି ଉତ୍ସବ ପାଳନ କରାଯାଇଛି। ଏହି ଅବସରରେ ଜିପିଏସ୍ ବସ ଜିଲ୍ଲା ପରିଚାଳକ ସ୍ୱଦେଶ କୁମାର ପାତ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ଜିପିଏସ୍ ସେବାର ନୋଡାଲ ଅଫିସର ତଥା ଅତିରିକ୍ତ ଜିଲ୍ଲାପାଳ ତନ୍ମୟ କୁମାର ଦରଖ୍ୱାନ, ଜିଲ୍ଲା ସ୍ୱଚ୍ଛ ସଞ୍ଚୟ ସହ ନିର୍ଦ୍ଦେଶକ ଓ ଜିଲ୍ଲା ସଂସ୍କୃତି ଅଧିକାରୀ, ବିବେକାନନ୍ଦ ମହାନନ୍ଦ ଓ ଓଏସଆରଟିସି ସହକାରୀ ପରିଚାଳକ ଶାଶ୍ୱତ ପ୍ରଧାନ ଅତିଥି ରୂପେ ଯୋଗଦେଇଥିଲେ। ବର୍ତ୍ତମାନ ଜିପିଏସ୍ ର ଯାତ୍ରୀ ସଂଖ୍ୟା ବୃଦ୍ଧି ପାଉଥିବା ବେଳେ ପ୍ରତିଦିନ ୧୦ହଜାର ଏମିତିକି କେଉଁ କେଉଁ ଦିନ ୧୪ହଜାରରୁ ଉର୍ଦ୍ଧ୍ୱ ଯାତ୍ରୀ ଯାତ୍ରା କରିଥିବା କୁହାଯାଇଛି। ଜିପିଏସ୍ ରେ ଛାତ୍ର ଛାତ୍ରୀଙ୍କ ଠାରୁ ଆରମ୍ଭ କରି ସୁଲଭ ଦରରେ ସବୁ ବର୍ଗର ଲୋକଙ୍କୁ ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ଯିବାରେ ବଡ ସୁଯୋଗ ଦେଇଛି ।ଆଗାମୀ ଦିନରେ ଅଧିକରୁ ଅଧିକ ଯାତ୍ରୀ ସଂଖ୍ୟା ବୃଦ୍ଧି କେମିତି ହେବ ସେଥିପ୍ରତି ସମସ୍ତେ ଗୁରୁରର ସହ ନିଜ ଦାୟିତ୍ୱ ସମ୍ପାଦନ କରିବା ଉଚିତ ବୋଲି ନିଜ ଅଭିଭାଷଣରେ ପ୍ରକାଶ କରିଥିଲେ। ଆଜିର ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ଶ୍ରେଷ୍ଠ ବ୍ଲକ ସୁପରଭାଇଜର ଅରବିନ୍ଦ ସାହା, ଗିରିଧାରୀ ବାଗ ଓ ପାର୍ବନ ମଶ୍ରାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ଶ୍ରେଷ୍ଠ ଡ୍ରାଇଭର ଓ ଶ୍ରେଷ୍ଠ କଣ୍ଡକ୍ଟର ଭାବେ ସତ୍ୟବାନ ତାଣ୍ଡି ଓ ମଦନପୁର ରାମପୁର ବ୍ଲକର ମିଶନ ଶକ୍ତି କଣ୍ଡକ୍ଟର ସସ୍ମିତା ନାୟକ ଏବଂ ଶ୍ରେଷ୍ଠ ଏନଫୋର୍ସମେ□ ଷ୍ଟାଫ ରୂପେ ଶୁଭେନ୍ଦୁ ପୁରୋହିତଙ୍କୁ ମଧ ସମ୍ବର୍ଦ୍ଧିତ କରାଯାଇଛି। ଉତ୍ସବରେ ସମସ୍ତ ୧୩ଟି ବ୍ଲକର ସୁପରଭାଇଜର , ଜ୍ୟୋତି ଶଙ୍କର ନାୟକ,ଶିଶିର ବାଗ ଦୀପକ ନିଆଲ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ସାର୍ଥକ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ଗୋଲାମୁଣ୍ଡା ଗ୍ରାମାଞ୍ଚଳ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦଯାପିତ ଉଦେଶୁରୁଙ୍ଗ କୁ ହରାଇ ଗ୍ରିଣ୍ଡୋଲ୍ ଚାମ୍ପିଅନ

ଗୋଲାମୁଣ୍ଡା (ମହାଭାରତ )କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ର ଯୁବକ ମାନଙ୍କ ଉଦ୍ୟମରେ ଶିବାଜୀ ଷ୍ଟାଡିୟମରେ ଗ୍ରାମାଞ୍ଚଳ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଆୟୋଜିତ ହୋଇଛି । ଏହି ଟୁର୍ଣ୍ଣାମେଣ୍ଟରେ ମୋଟ ୮ଗୋଟି ଦଳ ଅଂଶ ଗ୍ରହଣ କରିଥିବା ବେଳେ ଗତ କାଲି ଉଦଯାପିତ ହୋଇ ଫାଇନାଲ ମ୍ୟାଚ ଗ୍ରୀଣ୍ଡୋଲ ଓ ଉଦେସୁରୁଙ୍ଗ ମଧ୍ୟରେ ଖେଳା ଯାଇଥିଲା। ଗ୍ରୀଣ୍ଡୋଲ ଉଦେସୁରୁଙ୍ଗଙ୍କୁ ପରାସ୍ତ କରି ବିଜୟୀ ହୋଇଥିଲେ । ଖେଳ ପରିଚାଳନା କରିବା ପାଇଁ ଅମ୍ପାୟାର ଭାବେ ଚୁଲମଣି ଶବର ଓ ରାଜେଶ ଖରସେଲକୁ ନିଯୁକ୍ତ କରାଯାଇବା ବେଳେ ମୁଖ୍ୟ ଅତିଥି ଭାବେ କିଶୋର ଚନ୍ଦ୍ର ନାଏକ ଉପସ୍ଥିତ ରହି ଖେଳାଳି ମାନଙ୍କୁ ଉତ୍ସାହିତ କରିବା ସହ ବିଜୟୀ ଦଳକୁ ଟ୍ରଫି ପ୍ରଦାନ କରିଥିଲେ। ସେହିପରି ସମ୍ମାନିତ ଅତିଥି ଭାବେ ସନ୍ଦୀପ ଅଗ୍ରୱାଲ ଯୋଗ ଦେଇଥିଲେ । କ୍ରିକେଟ କମିଟିର ସଦସ୍ୟ ପୀତସ ସିପକା, ସମୀର ସିପକା, ତନ୍ମୟ ସିପକା, ଅମିତ ରାଉତ, ଲଲାଟେନ୍ଦୁ ରାଉତ, ରୁନା ମଙ୍ଗରାଜ, ଅକ୍ଷୟ ମଙ୍ଗରାଜ, ଡିଜେ ପ୍ରମୁଖ ଉପସ୍ଥିତ ରହିଥିଲେ।

## ଝାଟିପଡା ସ୍କୁଲ ଛାତ୍ରଛାତ୍ରୀ ଙ୍କୁ ପୋଷାକ ବଣ୍ଟନ

ପାଟଣା:-(ମହାଭରତ)କେନ୍ଦୁଝର ଜିଲ୍ଲା ପାଟଣା ଶିକ୍ଷା ମଣ୍ଡଳ ଅଧିକାରୀ କାର୍ଯ୍ୟଳୟ ଅନ୍ତର୍ଗତ ଝାଟିପଡା ପ୍ରାଥମିକ ବିଦ୍ୟାଳୟ ରେ ପୋଷାକ ବଣ୍ଟନ କରାଯାଇଛି। ଏହି ପୋଷାକ କୁ ସ୍ୱାମ ନାରୀପ୍ରଗତି ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ବଣ୍ଟନ କରାଯାଇଛି । ଝାଟିପଡା ସ୍କୁଲ ର ୨୨ଜଣ ଛାତ୍ରଛାତ୍ରୀ ଙ୍କୁ ପୋଷାକ ବଣ୍ଟନ କରାଯାଇଛି । ଏହି ପୋଷାକ ବଣ୍ଟନ ରେ ପ୍ରଧାନ ଶିକ୍ଷକ ପ୍ରମୋଦ କୁମାର ମହାନ୍ତ, ସହକାରୀ ଶିକ୍ଷୟିତ୍ରୀ ମୟୁରପ୍ରଭା ମହାନ୍ତ ସ୍କୁଲ କମିଟି ସଭାପତି କୁନି ବାରିକ ଉପସ୍ଥିତ ଥିଲେ।

## ସୁବର୍ଣ୍ଣପୁର ବିଡିଓଙ୍କ ବିରୁଦ୍ଧରେ ତଦନ୍ତ ଦାବି ନେଇ ମୁଖ୍ୟମନ୍ତ୍ରୀ ଙ୍କ ଉଦେଶ୍ୟରେ ଦାବିପତ୍ର ପ୍ରଦାନ କଲା ଆସିକା ଜର୍ଣ୍ଣାଲିଷ୍ଟ ଆସୋସସିଏନ

ଆସିକା(ମହାଭାରତ): ସୁବର୍ଣ୍ଣପୁର ବିଡ଼ିଓ ଙ୍କ ବିରୁଦ୍ଧରେ ତଦନ୍ତ କରିବା ସହ ନିଉଜ -୭ ଜିଲ୍ଲା ପ୍ରତିନିଧି ଧିରେନ୍ଦ୍ର କୁମାର ଦାନୀଙ୍କ ବିରୁଦ୍ଧରେ ହୋଇଥିବା ଅନ୍ୟାୟ ର ପ୍ରତିବାଦ କରି ମୁଖ୍ୟମନ୍ତ୍ରୀ ଙ୍କ ଉଦେଶ୍ୟରେ ଆସିକା ତହସିଲଦାର ଙ୍କ ମାଧମରେ ଦାବୀ ପତ୍ର ପ୍ରଦାନ କଲା ଆସିକା ଜର୍ଣ୍ଣାଲିଷ୍ଟ ଆସୋସିଏସନ। ପ୍ରକାଶ ଥାଉକି ଏକ ଦୁର୍ନୀତି ବିଷୟରେ ଖବର ସଂଗ୍ରହ ନିମନ୍ତେ ସୁବର୍ଣ୍ଣପୁର ବିଡ଼ିଓ ଙ୍କ କାର୍ଯ୍ୟାଳୟକୁ ଯାଇଥିବା ସୁବର୍ଣ୍ଣପୁର ଜିଲ୍ଲା



ପ୍ରତିନିଧି ଧିରେନ ଙ୍କୁ ଅତି ଅମାନୁଷିକ ଭାବେ ସୁବର୍ଣ୍ଣପୁର ବିଡ଼ିଓ ସୌମ୍ୟରଞ୍ଜନ ସ୍ୱାଇଁ ଆକ୍ରମଣ କରିବା ଓ ମାଡ ମାରି ଥିଲେ। ଉକ୍ତ ଘଟଣା ସମ୍ପର୍କରେ ବିଡିଓ ଙ୍କ ବିରୋଧ ଲିଖିତ ଅଭିଯୋଗ କରିବାକୁ ଥାନାକୁ ଧିରେନ ଯାଇଥିବା ବେଳେ ପୋଲିସ ଘଟଣାର ପ୍ରାଥମିକ ତଦନ୍ତ ନ କରି ଧିରେନ ଜଣେ ଦୁର୍ଦ୍ଧାନ୍ତ ଅପରାଧୀ ଙ୍କ ପରି ଏକ ପାଖିଆ ଭାବେ ତାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିବା ଘଟଣାକୁ ତୀବ୍ର ବିରୋଧ କରି ଆସିକା ଜର୍ଣ୍ଣାଲିଷ୍ଟ ଆସୋସସିଏନ ପକ୍ଷରୁ ଦୃଢ଼ ନିନ୍ଦା କରାଯାଇଛି । ଘଟଣାର ସତ୍ୟାସତ୍ୟ ତଦନ୍ତ ସହ ସୁବର୍ଣ୍ଣପୁର ବିଡ଼ିଓ ଙ୍କ ଗିରଫ ଦାବି କରି ଆସିକା ଜର୍ଣ୍ଣାଲିଷ୍ଟ ଆସୋସସିଏନ ପକ୍ଷରୁ ଆସିକା ତହସିଲଦାର କାର୍ଯ୍ୟାଳୟ ସମ୍ମୁଖରେ ପ୍ରତିବାଦ କରାଯିବା ସହ ତହସିଲଦାର ଙ୍କ ଜରିଆରେ ମାନ୍ୟବର ମୁଖ୍ୟ ମନ୍ତ୍ରୀ ମହୋନ ଚରଣ ମାଝିଙ୍କୁ ଦାବି ପତ୍ର ପ୍ରଦାନ କରାଯାଇଛି । ଏହି ଦାବିପତ୍ର ପ୍ରଦାନ ରେ ଆସିକା ନିୟୁଜ ୭ ପ୍ରତିନିଧି ଶିବରାମ ସିୟ, ବରିଷ୍ଠ ସାମ୍ବାଦିକ ସୁରେନ୍ଦ୍ର କୁମାର ସାହୁ, ଅନିଲ କୁମାର ପାଣିଗ୍ରାହୀ,ମନୋଜ କୁମାର ମୁନି, ଖିରୋଦ ଚନ୍ଦ୍ର ବେହେରା, ନରେନ୍ଦ୍ର କୁମାର ସାହୁ, କମଳେନ୍ଦୁ ହୋତା, ପ୍ରଶାନ୍ତ କୁମାର ମୁନି, ରତ୍ନାକର ସିୟ, ମନୋଜ କୁମାର ସାହୁ, ଶକ୍ତି ପ୍ରସାଦ କର ପ୍ରମୁଖ ଉପସ୍ଥିତ ଥିଲେ।

## କ୍ରସର ସଂଘରେ ଫାଟ: ଗଠନ ହେବ ଆଉ ଏକ ସଂଘ

ଖୋର୍ଦ୍ଧା:(ମହାଭାରତ) ଖୋର୍ଦ୍ଧାରେ ବ୍ୟବସାୟ ଏବଂ ବାଣିଜ୍ୟର ଅଭିବୃଦ୍ଧି ପଛରେ ଜିଲ୍ଲାରେ ଗଢ଼ି ଉଠିଥିବା କ୍ରସର୍ ୟୁନିଟ୍ ଏକ ବଡ ଭୂମିକା ରହିଛି। ପ୍ରାୟ ୩୦ହଜାରରୁ ଉର୍ଦ୍ଧ ଶ୍ରମିକ ଖୋର୍ଦ୍ଧା ନିକଟବର୍ତ୍ତୀ ତାପଙ୍ଗ, ମଳିପଡା, ଛତ୍ରମା ଏଂ ଦଧିମାଛଗାଡ଼ିଆ ଆଦି ଅଞ୍ଚଳରେ କ୍ରସର ଶିଳ୍ପ ଉପରେ ର୍ନିଭର କରି ଚଳୁଛନ୍ତି । କେବଳ ଖୋର୍ଦ୍ଧା ନୁହେଁ ପାଖ ଗଞ୍ଜାମ ଏଂ ନୟାଗଡ଼ ଜିଲ୍ଲାର ଅନେକ ଲୋକଙ୍କ ପରିବାର ପ୍ରତିପୋଷଣ ହୋଇଥାଏ ଏହି କ୍ରସର ଶିଳ୍ପ ଯୋଗୁ । ତେବେ ବିଗତ ଦିନରେ ପୂର୍ବ ସରକାରରେ ଥିବା କିଛି ଛାମୁଆ ରାଜନୈତିକ ବ୍ୟକ୍ତି ବିଶେଷଙ୍କ ଷଡ଼ଯନ୍ତ୍ରର ଶିକାର ହୋଇ ଖୋର୍ଦ୍ଧା ଜିଲ୍ଲାରେ ପ୍ରାୟ ଦୀର୍ଘ ଦୁଇବର୍ଷ ଧରି ସମସ୍ତ କ୍ରସର୍ ୟୁନିଟ ଗୁଡିକ ବନ୍ଦ ରହିବା ଦ୍ୱାରା ଏହାର ସିଧାସଳଖ ପ୍ରଭାବ ପଡ଼ିଥିଲା କ୍ରସର ଶିଳ୍ପ ଉପରେ ର୍ନିଭର କରୁଥିବା ଲୋକଙ୍କୁ। ବିଶେଷ କରି କ୍ରସର ୟୁନିଟ ପାଇଁ ଋଣ ଆଣିଥିବା ମାଲିକ ସହିତ ନିଜ ଘରଦ୍ୱାର ଛାଡ଼ି ବିଭିନ୍ନ କ୍ରସରରେ କାମ କରୁଥିବା ଦିନ ମଜୁରିଆ। ଦିନକୁ ଦିଓଳା ଖାଇବାକୁ ମଧ କଷ୍ଟ ହୋଇ ପଡ଼ିଥିଲା ସେମାନଙ୍କ ପାଇଁଯ ରାଜ୍ୟରେ ସିନା ସରକାର ବଦଳିଛି, ହେଲେ ବଦଳି ନାହିଁ କ୍ରସର ୟୁନିଟ କରିଥିବା କିଛି ରାଜନୈତିକ ପୃଷ୍ଠପୋଷକତା ବ୍ୟକ୍ତିଙ୍କ କ୍ଷେତ୍ରରେ। ନା ବଦଳିଛି ସେମାନଙ୍କ ଚରିତ୍ର ନା ବୃତ୍ତି। ନିଜ ସ୍ୱାର୍ଥ ପୂରଣ ପାଇଁ ସଂଘକୁ ନେଇ ଚଳାଇଛନ୍ତି ମନମୁଖୀ କାର୍ଯ୍ୟ । ସଙ୍ଘର ନିୟମ ଅନୁଯାୟୀ ସଭପତି ବଦଳୁଛନ୍ତି, ହେଲେ ସଙ୍ଘର କାର୍ଯ୍ୟକାରୀ ସଭାପତି ଏବଂ ସମ୍ପାଦକ ପଦ ସଙ୍ଘ ଗଢ଼ାହେବା ଦିନରୁ ବଦଳି ନାହିଁ। କାହିଁକି ବଦଳୁ ନାହାଁନ୍ତି ଉଭୟ ପଦବୀରେ କାର୍ଯ୍ୟ କରୁଥିବା ବ୍ୟକ୍ତି ବିଶେଷ, ଯାହା ଫଳରେ ଉଭୟ ବିଭିଓ ଆଳ ଦେଖାଇ କ୍ରସର ୟୁନିଟ ବନ୍ଦ ପାଇଁ ବିଭିନ୍ନ ସମୟରେ ମାଲିକ ମାନଙ୍କ ଉପରେ ଚାପ ପକାଉଛନ୍ତି। ଏବେ ପୁଣି ଗତ ଶୁକ୍ରବାର ଠାରୁ ଅର୍ନିଦ୍ଦିଷ୍ଟ କାଳ ପାଇଁ ସମସ୍ତ କ୍ରସର୍



ୟୁନିଟକୁ ବନ୍ଦ ପାଇଁ କରିଛନ୍ତି ଘୋଷଣା। ଯାହାକୁ ସହଜରେ ଗ୍ରହଣ କରିବାକୁ ନାରାଜ ଏବେ କିଛି ମେଗା କ୍ରସର ୟୁନିଟର ମାଲିକ ଓ କର୍ମଚାରୀ । ନୟାଗଡ଼ ଜିଲ୍ଲା ସୁନାଖଳା ଓ ଭାପୁର ଅ□ଳର କିଛି କ୍ରସର ମାଲିକଙ୍କୁ ସହଯୋଗ ପାଇଁ ସଂଘର ମୁଖ୍ୟ ପୁରୋଧା ସାଜିଥିବା କେତେଜଣ ଏଭଳି ନିଷ୍ପତି ନେଉଥିବା ବେଳେ ଏହା ପଛରେ ଏକ ବଡ ଷଡ଼ଯନ୍ତ୍ର ଚାଲିଥିବା କଥା କିଛି କ୍ରସର ମାଲିକ ନିଜ ନାମ ଗୋପନ ରଖି ପ୍ରକାଶ କରିଛନ୍ତି । ଯଦି ଏ କଥା ପଛରେ ସତ୍ୟତା ରହିଥାଏ, ତେବେ ପୂର୍ବପରି କ୍ରସର ୟୁନିଟ ପାଇଁ ଋଣ ଆଣି କ୍ରସର ୟୁନିଟ କରିଥିବା ମାଲିକ ମାନଙ୍କ ଉପରେ ଏହାର ପ୍ରତିକୂଳ ପ୍ରଭାବ ପକାଇବାର ଆଶଙ୍କା ରହିଛି।

ପ୍ରକାଶ ଥାଉକି, ଆଞ୍ଚଳିକ କ୍ରସର୍ ମାଲିକ୍ ସଂଘ, ତାପଙ୍ଗ ଅଧୀନରେ ୧୪ଟି ଜୋନର କ୍ରସର ମାଲିକ ମାନେ ସଦସ୍ୟ ରହିଛନ୍ତି । ସଂଘ ପକ୍ଷରୁ ଗତ ଶୁକ୍ରବାର ଦିନ ତାପଙ୍ଗ ସ୍ଥିତ ସଂଘ କାର୍ଯ୍ୟାଳୟରେ ଏକ ବୈଠକ କରାଯାଇଥିଲା । ବୈଠକରେ ସ୍ଟଲ ଯୋଗାଣ ଓ ରପ୍ତାନି ନିମିତ୍ତ ଫର୍ମ ଯୋଗାଣର ସ୍ଥାୟୀ ସମାଧାନ ନ ହେବା ପର୍ଯ୍ୟନ୍ତ ଅର୍ନିଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ଭାବେ କ୍ରସର ବନ୍ଦ ସହିତ ସ୍ଟଲ ନ କିଣିବା କୁ ସମସ୍ତ କ୍ରସର ମାଲିକଙ୍କୁ କୁହାଯାଇଥିଲା । ମାତ୍ର ହଜାର ହଜାର ପରିବାର ତଥା ନିତିଦିନିଆ ଜୀବନ ଜୀବିକାକୁ ପ୍ରତିକୂଳ ପରିସ୍ଥିତରୁ ରକ୍ଷା କରିବା ପରିବର୍ତ୍ତେ ସଂଘର ଏଭଳି ମନମୁଖୀ କାର୍ଯ୍ୟକୁ କିଛି କ୍ରସର ମାଲିକ ଖୋଲାଖୋଲି ବିରୋଧ କରିଥିବା ବେଳେ ବୈଠକରେ ସପକ୍ଷ ଗୋଷ୍ଠୀ ଏବଂ ବିରୋଧୀଙ୍କ ମଧ୍ୟରେ ଉ□ଜନା ପ୍ରକାଶ ପାଇଥା ଜଣାପଡିଛି। ଯଦି ବାରମ୍ବାର ଏଭଳି ପରିସ୍ଥିତିକୁ ସାମ୍ନା କରିବାକୁ ପଡ଼ିବ, ତେବେ ଲୋନ୍ କରି କ୍ରସର ୟୁନିଟ ସହିତ ବିଭିଉ ଗାଡି ଓ ଯନ୍ତ୍ରାଂଶ କରିଥିବା ମାଲିକମାନେ ସେମାନେ କରିଥିବା ଋଣ ଅର୍ଥ ପରିଶୋଧ କିପରି କରିବେ ବୋଲି ପ୍ରଶ୍ନ କରିଥିଲେ । ଆଗକୁ ବ୍ୟାଙ୍କ ମେସିନ ଗାଡି ଯଦି ଜବତ କରେ, ସେତେବେଳେ ସଂଘ ପଠିରେ ପଡ଼ିବ କି ବୋଲି କିଛି କ୍ରସର ମାଲିକ ପ୍ରଶ୍ନ କରିଥିଲେ । ତେବେ ସଂଘର ଏ ପରି ମନମୁଖୀ କାର୍ଯ୍ୟ ପାଇଁ ମେଗା କ୍ରସର ମାଲିକଙ୍କ ମଧ୍ୟରେ ସଂଘର କାର୍ଯ୍ୟକୁ ନେଇ ଅସନ୍ତୋଷ ବଢୁଛି । ସେହିପରି ସଂଘ ଆରମ୍ଭ ଦିନରୁ କାର୍ଯ୍ୟକାରୀ ସଭାପତି ଓ ସମ୍ପାଦକ ପରିବର୍ତ୍ତନ ନହେବା ପଛରେ ସଂଘର ସ୍ୱଚ୍ଛତାକୁ ନେଇ ପ୍ରଶ୍ନ ଆଣିଥିବା ବେଳେ ସଂଘ ଭିତରେ ରାଜନୀତି କରଣ ଚାଲୁଥିବା କଥା ମଧ ଉଠାଇଛନ୍ତି କିଛି ସଦସ୍ୟ। ତେଣୁ ବାଧ ହୋଇ ମେଗା କ୍ରସର ମାଲିକମାନେ ଅନ୍ୟ ଏକ ସଂଘ କରିବା ଲାଗି ଏକତ୍ର ହେଉଥିବା ବିଶେଷ ସୂତ୍ରରୁ ଜଣାଯାଇଛି ।

# ବିବାହ, ନିର୍ବାଚନରେ ବାଣ ଫୁଟାଇବା ଉପରେ ବି କଟକଣା ଲାଗିବ !

**ନୂଆଦିଲ୍ଲୀ,୫।୧୧(ଏଜେନ୍ସି):** ଦୀପାବଳି ରେ ବାଣ ଫୁଟାଇବା ଉପରେ କଟକଣା ଥିବା ସତ୍ତ୍ୱେ ଲୋକମାନେ ବାଣ ଫୁଟାଇଛନ୍ତି । ଏହା ଫଳରେ ଦିଲ୍ଲୀରେ ପ୍ରଦୂଷଣ ସ୍ତର ବଢିଯାଇଛି । ଏହାକୁ ନେଇ ସୁପ୍ରିମକୋର୍ଟ ଭୀଷଣ କ୍ଷୁବଧ ହେବା ସହ ଦିଲ୍ଲୀ ସରକାର ଓ ପୁଲିସକୁ ତୁରନ୍ତ ଜବାବ ମାଗିଛନ୍ତି । ପ୍ରତିବର୍ଷ ଏହି ନିଷେଧାଦେଶ ଘୋଷଣା କରାଯାଏ କିନ୍ତୁ ଏହାକୁ ଅଣଦେଖା କରାଯାଏ, ଯାହାଫଳରେ ପର୍ବ ପରେ ଅନେକ ଦିନ ପର୍ଯ୍ୟନ୍ତ ଜାତୀୟ ରାଜଧାନୀ ଏବଂ ଆଖପାଖ ଅଞ୍ଚଳରେ ବିଷାକ୍ତ ବାୟୁ ପ୍ରବାହିତ ହେଉଥିଲା ।ଶୁଣାଣି ସମୟରେ ଦିଲ୍ଲୀରେ କଟକଣା ସତ୍ତ୍ୱେ ବାଣ ଜାଳିବା ନେଇ ଅଦାଲତ ଅସନ୍ତୋଷ ବ୍ୟକ୍ତ କରିଥିଲେ ।ଆସନ୍ତା ବର୍ଷଠାରୁ କଡ଼ା ନିୟମ ପାଳନ ସୁନିଶ୍ଚିତ କରାଯାଉ ବୋଲି କୋର୍ଟ କହିଛନ୍ତି ।ଆମିକସ୍ କ୍ୟୁରି କହିଛନ୍ତି ଯେ ଦୀପାବଳି ଦିନ ପଞ୍ଜାବରେ ଫସଲ ପୋଡ଼ିବା ଘଟଣା ଅଧିକ ଥିଲା । କୋର୍ଟ ପଞ୍ଜାବ ଓ ହରିୟାଣାକୁ ଜବାବ ମାଗିଛନ୍ତି। ଦୁଇ ସପ୍ତାହ ମଧ୍ୟରେ ଅତିରିକ୍ତ ପାଣ୍ଠି ଦାବି ଉପରେ ନିଷ୍ପତ୍ତି ନେବାକୁ କୋର୍ଟ ପଞ୍ଜାବକୁ କହିଛନ୍ତି ।କୋର୍ଟ କହିଛନ୍ତି ଯେ, ଆସନ୍ତା ବର୍ଷ ଦୀପାବଳିରେ ବାଣ ଫୁଟାଇବା ଉପରେ ଅଦାଲତଙ୍କ ନିର୍ଦ୍ଦେଶ ଯେପରି ଉଲ୍ଲଂଘନ ନ ହୁଏ ସେଥିପାଇଁ ଆମକୁ କିଛି କରିବାକୁ ପଡ଼ିବ । ବିବାହ ଓ ନିର୍ବାଚନ ଭଳି ଅବସରରେ ବାଣ ପ୍ରଦର୍ଶନ ଉପରେ ପ୍ରତିବନ୍ଧକ ଲଗାଇବା ଉପରେ ବିଚାର କରାଯିବ ବୋଲି କୋର୍ଟ କହିଛନ୍ତି ।

# ହିନ୍ଦୁ ମନ୍ଦିରରେ ଆକ୍ରମଣ ଗ୍ରହଣୀୟ ନୁହେଁ

**ନୂଆଦିଲ୍ଲୀ,୫।୧୧(ଏଜେନ୍ସି):** କାନାଡ଼ାରେ ହିନ୍ଦୁ ମନ୍ଦିରେ ଭକ୍ତମାନଙ୍କ ଉପରେ ହୋଇଥିବା ଆକ୍ରମଣକୁ ନେଇ ଏବେ ପ୍ରତିକ୍ରିୟା ପ୍ରକାଶ କରିଛନ୍ତି କାନାଡାର ପ୍ରଧାନମନ୍ତ୍ରୀ ଜଷ୍ଟିନ ଟ୍ରୁଡୋ । ମୁକ୍ତ ଏବଂ ନିରାପଦ ଧର୍ମ ପାଳନ କରିବାର ଅଧିକାରକୁ ସେ ସମର୍ଥନ କରି ହିନ୍ଦୁ ମନ୍ଦିରରେ ହୋଇଥିବା ହିଂସାକୁ ଗ୍ରହଣୀୟ ନୁହେଁ ବୋଲି ସେ କହିଛନ୍ତି । ଶିଖ୍ କାର୍ଯ୍ୟକର୍ତ୍ତାଙ୍କ ଉପରେ ଗୁଳି ବିନିମୟ ହେବା ଅଭଯୋଗ ହେବା ପରେ ବ୍ରମ୍ପଟନ୍ ହିନ୍ଦୁ ସଭା ମନ୍ଦିରରେ ଭାରୀ ପୁଲିସ୍ ନିୟୋଜନ ହୋଇଥିବାର ଦେଖିବାକୁ ମିଳିଛି । ଭାଇରାଲ ହୋଇଥିବା ଭିଡିଓରେ କିଛି ପୁରୁଷ ମନ୍ଦିରର ଫାଟକ ଭାଙ୍ଗି କମ୍ପ୍ଲେକ୍ସ ଭିତରେ ଭକ୍ତଙ୍କୁ ଆକ୍ରମଣ କରୁଥିବା ଦେଖିବାକୁ ମିଳିଥିଲା । ପିଲ ଆଞ୍ଚଳିକ ପୁଲିସର ମୁଖପାତ୍ର କହିଛନ୍ତି ଯେ ଏହି ଘଟଣାକୁ ନେଇ ଏଯାବତ୍ କେଣସି ଗିରଫଦାରୀ ହୋଇନାହିଁ । ରିପୋର୍ଟ ହୋଇଥିବା ହିଂସା ପାଇଁ ପୁଲିସ ଏଯାଏ କାହାକୁ ଦାୟୀ କରିନାହିଁ । ଦିନକୁ ଦିନ



ବିଗୁଡୁଛି ଭାରତ ଓ କାନାଡା ସମ୍ପର୍କ । ନିଜ୍ଜର ହତ୍ୟା ମାମଲାକୁ ନେଇ ଉଭୟ ଦେଶ ମଧ୍ୟରେ ବିବାଦ ବୃଛି । ଗୋଟିଏ ପରେ ଗୋଟିଏ ସଂଗୀନ ଅଭିଯୋଗ ଆଣିଚାଲିଛି କାନ୍ନାଡ଼ା । ଏହା ପରେ କାନାଡାକୁ ଏବେ ଶକ୍ତ ଜବାବ ଦେଇଛି ଭାରତ । ଏପରକି କାନାଡା ରାଷ୍ଟ୍ରଦୂତଙ୍କୁ ସମନ ମଧ ଦେଇଛି ଭାରତ ।ଏହା ଭିତରେ ଭାରତ କାନାଡା ବିରୋଧରେ ନୂଆ ଓ ସଗୀଂନ ଅଭିଯୋଗ ଆଣୁଥିବାର ସୂଚନା ରହିଛି । ଭାରତୀୟ ବୈଦେଶିକ ମନ୍ତ୍ରାଳୟ କହିଛି କାନାଡରେ ଥିବା ଭାରତୀୟ ରାଷ୍ଟ୍ରଦୂତଙ୍କ ଫୋନକୁ ଟ୍ୟାପିଂ କରାଯାଇଛି । ସେମାନଙ୍କ ଗତିବିଧିକୁ ସନ୍ଦେହ ଦୃଷ୍ଟିରେ ଦେଖା ଯାଉଛି । ମାନସିକ ନିର୍ଯାତନା ଦେବା ଯୋଗୁଁ ରାଷ୍ଟ୍ରଦୂତମାନେ ଖୁବ୍ ଭୟର ମାହୋଲରେ କାମ କରୁଛନ୍ତି । ଟ୍ରୁଡୋ ସରକାର ଅର୍ନ୍ତଜାତୀୟ ଗଣମାଧମରେ ଭୁଲ, ମିଛ ଏବଂ ପ୍ରାୟୋଜିତ ଖବର ପ୍ରସାରଣ କରୁଥିବା କହି ଭାରତ ଏବେ ଅଭିଯୋଗ ଆଣିଛି ।

# ଭୁଶୁଡିଲା ସେୟାର ମାର୍କେଟ୍, ୧୧୦୦ରୁ ଅଧିକ ପଏଣ୍ଟ ଖସିଲା ସେନସେକ୍ସ

**ନୂଆଦିଲ୍ଲୀ,୫।୧୧(ଏଜେନ୍ସି):** ଭୁଶୁଡିଲା ସେୟାର ଭାରତୀୟ ସେୟାର ମାର୍କେଟ । ସେନସେକ୍ସ ୧୧୦୦ ପଏଣ୍ଟରୁ ଅଧିକ ଖସିଥିବା ବେଳେ ନିଫ୍ଟି ଖସିଛି ୪୦୦ ପଏଣ୍ଟ । ଆଜି ସକାଳେ ମାର୍କେଟ ଖୋଲୁ ଖୋଲୁ ଏପରି ପରିସ୍ଥିତି ଦେଖିବାକୁ ମିଳିଥିଲା । ମାର୍କେଟରୁ ବିଦେଶୀ ନିବେଶକାରୀମାନେ ପୁଞ୍ଜି ପ୍ରତ୍ୟାହାର କରି ନେଉଥିବାରୁ ମାର୍କେଟ କ୍ରାସ୍ କରିଥିବା କୁହାଯାଉଛି । କେବଳ ଅକ୍ଟୋବରରେ ବିଦେଶୀ ନିବେଶକାରୀ ୧ ଲକ୍ଷ ୧୩ ହଜାର ୮୫୮ କୋଟି ଟଙ୍କା ପ୍ରତ୍ୟାହାର କରି ନେଇଛନ୍ତି । ଆଗକୁ ମାର୍କେଟର ସ୍ଥିତି କଣ ହେବ, ତାକୁ ନେଇ ଅନିଶ୍ଚିତତା ଦେଖାଦେଇଛି । ତା ସହିତ ହାଇ ଭ୍ୟାଲୁଏସନ୍ ଓ ରିଟର୍ଣ୍ଣ କମ୍ ହେବାର ଆଶଙ୍କା ଦେଖା ଦେଇଛି । ଏହି କାରଣରୁ ବିଦେଶୀ ନିବେଶକାରୀ ନିଜର ପୁଂଜି ପ୍ରତ୍ୟାହାର କରିନେଇଥିବା କୁହାଯାଉଛି । ଏଥିପାଇଁ କିଛି ଦିନ ଭିତରେ ସର୍ବୋଚ୍ଚସ୍ତରରୁ ୮ ପ୍ରତିଶତ ଖସିଛି ମାର୍କେଟ । ଆଗକୁ ମଧ ପ୍ରମୁଖ କମ୍ପାନିଗୁଡ଼ିକ ଭଲ ଲାଭ କରିନପାରନ୍ତି ବୋଲି ଆଶଙ୍କା କରାଯାଉଛି । ତେଣୁ ଭାରତର ମାର୍କେଟରୁ ବିଦେଶୀ ନିବେଶକାରୀ ନିଜର ଅର୍ଥ କାଢ଼ି ନେଉଛନ୍ତି । ତାସହିତ ଆମେରିକାର ରାଷ୍ଟ୍ରପତି ନିର୍ବାଚନର ଫଳାଫଳକୁ ନେଇ ବି ଅନିଶ୍ଚିତତା ଅଛି । କିଏ ଜିତିବ, କହି ହେଉନାହିଁ । ଟ୍ରମ୍ପ ଜିତିଲେ କିଛି ଦିନ ମାର୍କେଟ ଉପରକୁ ଉଠିପାରେ, ତା ପରେ ଖସିବ ।ସେହିପରି କମଳା ହାରିସ୍ ଜିତିଲେ ମାର୍କେଟରେ ଏହାର ଭଲ ପ୍ରଭାବ ପଡ଼ିବ ନାହିଁ ବୋଲି କୁହାଯାଉଛି । ଏସବୁର କାରଣରରୁ ଭାରତୀୟ ମାର୍କେଟ କ୍ରାସ୍ ହୋଇଛି ।

# ଇସ୍ରାଏଲ ବିରୋଧରେ ଅଧିକ ଶକ୍ତିଶାଳୀ ଅସ୍ତ୍ର ବ୍ୟବହାର କରିବ ଇରାନ

**ନୂଆଦିଲ୍ଲୀ,୫।୧୧(ଏଜେନ୍ସି):** ଇରାନ ଓ ଇସ୍ରାଏଲ ମଧ୍ୟରେ ଚାଲିଥିବା ତିକ୍ତତା ଆଗକୁ ଆହୁରି ଭୟଙ୍କର ହେବାର ଆଶଙ୍କା ପ୍ରକାଶ ପାଇଛି । କାରଣ ଇସ୍ରାଏଲ ବିରୋଧରେ ଇରାନ ସେନା ଅଧିକ ଶକ୍ତିଶାଳୀ ଯୁଦ୍ଧାସ୍ତ୍ର ବ୍ୟବହାର କରିବ ବୋଲି ଆଜି ସଙ୍କେତ ଦେଇଛି। ଅକ୍ଟୋବର ୨୬ରେ ଇସ୍ରାଏଲ ପକ୍ଷରୁ ଇରାନର ବିଭିନ୍ନ ସ୍ଥାନରେ ଏୟାର ଷ୍ଟ୍ରାଇକ କରାଯାଇଥିଲା । ଏବେ ଇରାନ ଏହାର ପ୍ରତିଶୋଧ ନେବାକୁ ଯୋଜନା ପ୍ରସ୍ତୁତ କରିଛି । ପୂର୍ବରୁ ତେହରାନ କେବେ ହେଲେ ଯୁଦ୍ଧାସ୍ତ୍ରକୁ ଇସ୍ରାଏଲ ବିରୋଧରେ ବ୍ୟବହାର କରିବ ବୋଲି ବିଶ୍ୱସ୍ତ ସୂତ୍ରରୁ ଜଣାପଡ଼ିଛି । ୱାଲ ଷ୍ଟ୍ରିଟ ଜର୍ଣ୍ଣାଲ ପକ୍ଷରୁ ଇରାନ ଓ ଆରବ ଅଧିକାରଙ୍କ ପାଖରୁ ପାଇଥିବା ତଥ୍ୟ ଆଧାରରେ ଏପରି ଖବର ପ୍ରକାଶ କରିଛି । ଅକ୍ଟୋବର ୨୬ରେ ଇସ୍ରାଏଲ କରିଥିବା ଏୟାର ଷ୍ଟ୍ରାଇକରେ ଇରାନର ୪ ଜଣ ସୁରକ୍ଷାକର୍ମୀ ଓ ଜଣେ ସାଧାରଣ ନାଗରିକ ପ୍ରାଣ ହରାଇଥିଲେ । ବାସ୍ତବରେ ଅକ୍ଟୋବର ୧ରେ ଇରାନ କରିଥିବା ରକେଟ ମାଡ଼ର ଜବାବରେ ଇସ୍ରାଏଲ ଏପରି ଆକ୍ରମଣ କରିଥିଲା। ଏହି ଆକ୍ରମଣ ଓ ପ୍ରତି ଆକ୍ରମଣକୁ ନେଇ ତିକ୍ତତା ଚରମ ସୀମାରେ ପହଞ୍ଚିଛି । ଏବେ ଯଦି ଇରାନ ଆହୁରି ଅଧିକ ବଳ ପ୍ରୟୋଗ କରି ଇସ୍ରାଏଲ ଉପରେ ଆକ୍ରମଣ କରିବ, ତା'ହେଲେ ସ୍ଥିତି ଭୟଙ୍କର ହେବାର ଆଶଙ୍କା ରହିଛି । ରିପୋର୍ଟ ଅନୁସାରେ, ଇରାନ ଓ ଆରବ ଅଧିକାରୀମାନେ ସଙ୍କେତ ଦେଇଛନ୍ତି ଯେ ଇରାନ ସେନା ଭବିଷ୍ୟତରେ ଇସ୍ରାଏଲ ବିରୋଧୀ ଅପରେସନରେ ସାମିଲ ହୋଇପାରନ୍ତି । ଭବିଷ୍ୟତରେ ହେବାକୁ ଥିବା ଅପରେସନରେ ଡ୍ରୋନ ଓ ମିସାଇଲ ବ୍ୟତୀତ ଆଉ କିଛି ଅସ୍ତ୍ର ବ୍ୟବହାର କରାଯିବ । ମିସାଇଲରେ ଶକ୍ତିଶାଳୀ ଯୁଦ୍ଧାସ୍ତ୍ରକୁ ଖଞ୍ଜା ଯିବ ବୋଲି ରିପୋର୍ଟରେ ଦାବି କରାଯାଇଛି । ଏହାପୂର୍ବରୁ ଆମେରିକା ମଧ ଇରାନ ସେନେ ଇସ୍ରାଏଲ ବିରୋଧରେ ଗୁପ୍ତ ବୋମା ବ୍ୟବହାର କରି ଭୟଙ୍କର ସ୍ଥିତି ସୃଷ୍ଟି କରିବାର ଆଶଙ୍କା ଥିବା କହିଥିଲା । ଏବେ ରିପୋର୍ଟରେ ପାଖାପାଖି ସମାନ ରିପୋର୍ଟ ପ୍ରକାଶ ପାଇଛି । ତେବେ ଏନେଇ ଇସ୍ରାଏଲର ପ୍ରତିକ୍ରିୟା ମିଳିପାରି ନାହିଁ। ପୂର୍ବରୁ ଇସ୍ରାଏଲ କହି ସାରିଛି ଯେ ଯଦି ଇରାନ ଅକ୍ଟୋବର ୨୬ ଏୟାର ଷ୍ଟ୍ରାଇକର ଜବାବ ଦେବାକୁ ଚେଷ୍ଟା କରିବ, ତା'ହେଲେ ଏହାର ପରିଣାମ ଭୟଙ୍କର ହେବ । ପୁଣି ଇରାନରେ ପ୍ରବେଶ କରିବା ପାଇଁ ଇସ୍ରାଏଲ ସେନାକୁ କେହି ବି ରୋକି ପାରିବେ ନାହିଁ । ଏଥର ଆକ୍ରମଣ ଆହୁରି ଭୟଙ୍କର ହେବ ବୋଲି ଇସ୍ରାଏଲ ସରକାର କହିଥିଲେ ।

# ଜେଫ୍ ବେଜୋସ୍ ବିଶ୍ୱର ଦ୍ୱିତୀୟ ବଡ଼ ଧନୀ

**ୱାସିଂଟନ,୫।୧୧(ଏଜେନ୍ସି):** ଆମାଜନର ପ୍ରତିଷ୍ଠାତା ଜେଫ୍ ବେଜୋସ୍ ନିକଟରେ ୩ ବିଲିଅନ ଡଲାରରୁ ଅଧିକ ମୂଲ୍ୟର ସେୟାର ବିକ୍ରି କରିଛନ୍ତି । ଏହା ସତ୍ତ୍ୱେ ସେ ବିଶ୍ୱର ଦ୍ୱିତୀୟ ଧନୀ ବ୍ୟକ୍ତି ଭାବେ ବିବେଚିତ ହୋଇଛନ୍ତି । ଆମାଜନର ସେୟାର ମୂଲ୍ୟରେ ରେକର୍ଡ ବୃଦ୍ଧି ଫଳରେ ତାଙ୍କୁ ଏଭଳି ସଫଳତା ମିଳିଛି । ତାଙ୍କର ନିଟ୍ ସଂପତ୍ତି ୨୨୦ ବିଲିଅନ ଡଲାରକୁ ବୃଦ୍ଧି ପାଇଛି । ଗତବର୍ଷକ ମଧ୍ୟରେ ବେଜୋସଙ୍କ ନିଟ୍ ସଂପତ୍ତିରେ ୪୨.୮ ବିଲିଅନ ଡଲାର ବୃଦ୍ଧି ଘଟିଛି ବୋଲି ବ୍ଲୁମବର୍ଗ ବିଲିୟନେୟାର ଇଣ୍ଡେକ୍ସ ପକ୍ଷରୁ କୁହାଯାଇଛି । ସେ ବର୍ତ୍ତମାନ ବିଶ୍ୱର ଶୀର୍ଷ ଧନୀ ତାଲିକାରେ ଆମେରିକାର ଅନ୍ୟତମ ଉଦ୍ୟୋଗୀ ଏଲନ ମସ୍କଙ୍କ ପଛକୁ ରହିଛନ୍ତି। ବେଜୋସଙ୍କ ତଳେ ମେଟାର ପ୍ରତିଷ୍ଠାତା ମାର୍କ ଜକରବର୍ଗ ତୃତୀୟ ସ୍ଥାନରେ ଅଛନ୍ତି। ନଭେମ୍ବର ୩ ତାରିଖ ସୁଦ୍ଧା ମସ୍କଙ୍କ ନିଟ୍ ସଂପତ୍ତି ୨୬୨ ବିଲିଅନ ଡଲାର ରହିଥିବାବେଳେ ଜକରବର୍ଗଙ୍କ ନିକଟ ସଂପତ୍ତି ୨୦୧ ବିଲିଅନ ଡଲାର ରହିଛି । ଆମାଜନର ସିଇଓ ପଦରୁ ବେଜୋସ୍ ୨୦୨୧ରେ ଓହରିଯାଇଥିଲେ ମଧ ଅଧକ୍ଷ ପଦରେ ଏବେ କାର୍ଯ୍ୟ କରୁଛନ୍ତି । ଅନ୍ୟାନ୍ୟ ବ୍ୟବସାୟରେ ଅଧିକ ସମୟ ଦେବାପାଇଁ ବେଜୋସ୍ ଏଭଳି ପଦକ୍ଷେପ ନେଇଛନ୍ତି । ତାଙ୍କ ଦ୍ୱାରା ସ୍ଥାପିତ କମ୍ପାନୀ ବ୍ଲୁଅରିଜିନ୍ ମହାକାଶକୁ ଯାନ ପ୍ରେରଣ କ୍ଷେତ୍ରରେ କାର୍ଯ୍ୟ କରୁଛି ।

# ସଡ଼କ ଦୁର୍ଘଟଣାରେ ଭାରତ ୧ ନମ୍ବର

**ନୂଆଦିଲ୍ଲୀ,୫।୧୧(ଏଜେନ୍ସି):** ସୋମବାର ଉତ୍ତରାଖଣ୍ଡର ଆଲମୋରା ଜିଲ୍ଲାରେ ଏକ ଯାତ୍ରୀବାହୀ ବସ୍ ଗଭୀର ଖାଇକୁ ଖସିଯାଇଥିଲା । ଏହି ଦୁର୍ଘଟଣାରେ ଏପର୍ଯ୍ୟନ୍ତ ୩୬ ଜଣଙ୍କର ମୃତ୍ୟୁ ହୋଇଥିବା ସୂଚନା ରହିଛି । ଅନ୍ୟ କେତେକ ଆହତଙ୍କୁ ଉଦ୍ଧାର କରାଯାଇ ମେଡିକାଲରେ ଭର୍ତ୍ତି କରାଯାଇଛି। ଏହି ଯନ୍ତ୍ରଣାଦାୟକ ଦୁର୍ଘଟଣା ପରେ ପୁଣିଥରେ ଭାରତରେ ସଡ଼କ ସୁରକ୍ଷାକୁ ନେଇ ଅନେକ ପ୍ରଶ୍ନ ଉଠିଛି । ସଡ଼କ ଦୁର୍ଘଟଣାରେ ମୃତ୍ୟୁ ସଂଖ୍ୟାରେ ଭାରତ ବିଶ୍ୱରେ ଏକ ନମ୍ବର ସ୍ଥାନରେ ରହିଛି। ଏହି ପ୍ରସଙ୍ଗରେ ପାକିସ୍ତାନ ଏବଂ ଅନେକ ଆଫ୍ରିକୀୟ ଦେଶ ଭାରତ ଅପେକ୍ଷା ଭଲ ଅବସ୍ଥାରେ ଅଛନ୍ତି । ଭାରତର




ଉତ୍ତରାଖଣ୍ଡରେ ସବୁବେଳେ ଅଧିକ ସଡ଼କ ଦୁର୍ଘଟଣା ଘଟୁଛି । ପାହାଡ଼ିଆ ରାଜ୍ୟ ଏବଂ ବିଶାଳ ଖାଲ ସହିତ ଏହି ଦୁର୍ଘଟଣା ପାଇଁ ଅନେକ ସୁରକ୍ଷା ସମ୍ବନ୍ଧୀୟ ଅବହେଳା ମଧ ଦାୟୀ। ସଡ଼କ ଦୁର୍ଘଟଣା ମାମଲାରେ ଭାରତ ଏକ ନମ୍ବର ରହିଛି । ଏହି ସବୁ ଦୁର୍ଘଟଣାରେ ପ୍ରାଣ ହରାଇଥିବା ଲୋକଙ୍କ ସଂଖ୍ୟା ସର୍ବାଧିକୟ ବ୍ରାଜିଲ, ପାକିସ୍ଥାନ ଏବଂ ନାଇଜେରିଆ ଭଳି ଅନେକ ଦେଶ ମଧ ଏହି ପ୍ରସଙ୍ଗରେ ଭାରତ ଅପେକ୍ଷା ଭଲ ସ୍ଥିତିରେ ଅଛନ୍ତି । ଅନେକ ଆଫ୍ରିକୀୟ ଦେଶରେ ମୃତ୍ୟୁ ହାର ଭାରତଠାରୁ କମ୍ । ସରକାର ଅନେକ ପଦକ୍ଷେପ ନେଇଛନ୍ତି । ତଥାପି ସଡ଼କ ସୁରକ୍ଷା ଭାରତ ଭଳି ଜନବହୁଳ ରାଷ୍ଟ୍ର ପାଇଁ ଏକ ବଡ଼ ଚ୍ୟାଲଞ୍ଜ ପାଲଟିଛି । ଉତ୍ତରାଖଣ୍ଡ ଭଳି ରାଜ୍ୟରେ ସଡ଼କ ଦୁର୍ଘଟଣା ପାଇଁ ଅନେକ କାରଣ ଦାୟୀ। ଉତ୍ତରାଖଣ୍ଡର ଅଧିକାଂଶ ଅଂଶ ପାହାଡ଼ିଆ, ଯେଉଁଠାରେ ରାସ୍ତା ସଂକୀର୍ଣ୍ଣ ଏବଂ ବୁଲାଣି, ତେଣୁ ଯଦି ବସ୍ ସଠିକ୍ ଭାବରେ ରକ୍ଷଣାବେକ୍ଷଣ ନହୁଏ ତେବେ ଏପରି ଦୁର୍ଘଟଣା ଘଟିବା ସ୍ୱାଭାବିକ । ଯେତେବେଳେ ବସ୍ ଗୁଡିକ ବୁଲାଣି ରାସ୍ତା ଦେଇ ଯାଏ, ସେତେବେଳେ ବ୍ରେକ୍ ଛିଣ୍ଡିବାର ଆଶଙ୍କା ଥାଏ । ବର୍ଷା, ତୁଷାରପାତ ଏବଂ ମେଘ ଯୋଗୁଁ ଅନେକ ଥର ଦୁର୍ଘଟଣା ମଧ ଘଟେ । ସେଠାରେ ଏମିତି ମଧ ଅନେକ କାରଣ ଅଛି ଯେଉଁଥି ପାଇଁ ବ୍ୟବସ୍ଥାର ଅବହେଳାମ ମଧ ଦାୟୀ । ମଦ୍ୟପାନ କରି ଗାଡ଼ି ଚଳାଇବା ଓ ଖରାପ ରାସ୍ତା ମଧ ଏଥିପାଇଁ ଦାୟୀ । ଖରାପ ରକ୍ଷଣାବେକ୍ଷଣ ମଧ ଏଥିପାଇଁ ଦାୟୀ । ବ୍ରେକ୍ ଏବଂ ଟାୟାର ଭଳି ଜିନିଷରେ ସମସ୍ୟା ହେତୁ ଏଭଳି ଦୁର୍ଘଟଣା ମଧ ଘଟେୟ ଓଭରଟେକିଂ, ଅସାବଧାନତା ଭାବେ ଗାଡ଼ି ଚଲାଇବା ଏବଂ ଅନ୍ୟାନ୍ୟ ଟ୍ରାଫିକ୍ ନିୟମ ଉଲ୍ଲଂଘନ ସାଧାରଣତଃ ଭାରତୀୟ ରାସ୍ତାରେ ଦେଖାଯାଏ ।

# ଗହୀରମଥା ନିଷିଦ୍ଧାଞ୍ଚଳରେ ମାଛଧରା କଟକଣା ଜାରି

**ରାଜନଗର,(ନି.ପ୍ର):** ନଭେମ୍ବର ପହିଲା ଶୁକ୍ରବାରଠାରୁ ମେ ମାସ ୩୧ ତାରିଖ ପର୍ଯ୍ୟନ୍ତ ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟର ନିଷିଦ୍ଧାଂଚଳରେ ମାଛ ମାରିବା ପାଇଁ କଟକଣା ଜାରୀ ହୋଇଛି । ଅଲିଭ୍‌ରିଡ୍‌ଲେ କଇଁଛଙ୍କ ପ୍ରଜନନକୁ ଦୃଷ୍ଟିରେ ରଖି ବନବିଭାଗ ପକ୍ଷରୁ ଏହି ସମୟରେ ମାଛ ମାରିବା ଉପରେ ନିଷେଧ କରାଯାଇଛି । ଉପକୂଳରୁ ସମୁଦ୍ର ଭିତରକୁ ୨୦କିଲୋମିଟର ଏବଂ ଧାମରା ମୁହାଁଣରୁ ମହାନଦୀ ମୁହାଁଣ ପର୍ଯ୍ୟନ୍ତ ଘୋଷିତ ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟ । ଅଲିଭ୍‌ରିଡ୍‌ଲେ କଇଁଛ ସୁଦୁର ଶ୍ରୀଲଙ୍କା,ପ୍ରଶାନ୍ତ ମହାସାଗର,କୋଷ୍ଟାରିକା ଅଂଚଳରୁ ନିଜର ବଂଶବିସ୍ତାର କରିବା ପାଇଁ ହଜାର ହଜାର କି.ମି.ସାମୁଦ୍ରିକ ପଥ ଅତିକ୍ରମକରି ଏଠାକୁ ଆସିଥାନ୍ତି। ଏମାନେ ମୁଖ୍ୟତଃ ବାବୁବାଲି, ନାଶୀ, ଅଗରନାଶୀ, ଏକକୂଳା, ଚିଚିଂରୀମୁହାଁଣ, ସାତଭାୟା ପ୍ରଭୃତି ସ୍ଥାନରେ ଅଣ୍ଡା ଦେଇଥାନ୍ତି । ଗହୀରମଥାର ସୁରକ୍ଷା ପାଇଁ ବର୍ଷ ତମାମ ଧାମରା ମୁହାଁଣରୁ ଦେବୀ ମୁହାଁଣ ପର୍ଯ୍ୟନ୍ତ ଓ ଉପକୂଳରୁ ସମୁଦ୍ର ଭିତରକୁ ୨୦ କି.ମି. ଯାଏଁ ୧୪୩୭ବର୍ଗକିଲୋମିଟର କଟକଣା ଜାରୀ ରହିଥାଏ । ନଭେମ୍ବର ପ୍ରଥମ ସପ୍ତାହରୁ ଅଲିଭରିଡଲେ କଇଁଛ ଗହୀରମଥାକୁ ଆସିବା ଓ ଅଣ୍ଡାଦାନ କରି ଫେରିବା ପର୍ଯ୍ୟନ୍ତ ମେ ମାସ ୩୧ ତାରିଖ କଟକଣାକୁ କଡାକଡି କରାଯାଇଥାଏ । ଚଳିତବର୍ଷ ଅଲିଭରିଡଲେଙ୍କ ସୁରକ୍ଷା ପାଇଁ ୧୪ଟି କ୍ୟାମ୍ପ କରାଯାଇଛି । ୧୨ଟି କ୍ୟାମ୍ପ ଅନ୍‌ସୋର(ସମୁଦ୍ର



ତଟ)ରେ କରାଯାଇଥିବା ବେଳେ ୨ଟି କ୍ୟାମ୍ପ ଅଫ୍‌ସୋର(ସମୁଦ୍ର ଭିତରେ) କରାଯାଇଛି । ଅଫସୋର କ୍ୟାମ୍ପରେ ୫ଜଣ ଓ ଅନ୍‌ସୋର କ୍ୟାମ୍ପରେ ୩ଜଣ ଲେଖାଏଁ କର୍ମଚାରୀଙ୍କ ଦାୟିତ୍ୱରେ ରହିବେ । ସମୁଦ୍ର ମଧ୍ୟରେ ବାବୁବାଲି ଓ ଅଗରନାଶୀଠାରେ ଦୁଇଟି ସୁରକ୍ଷା କ୍ୟାମ୍ପ କରାଯାଇଥିବା ବେଳେ ଉପକୂଳରେ ଏକକୂଳା, ସାତଭାୟା, ଜଉଦିଆ, ଦୋବନ୍ଧି, ଶାସନପେଟା, ଜଟାଧାର, ଷଣ୍ଢକୁଦ-୧ ଓ ୨, ହାୱାଖାନା, ରାମତାରା, ତାଲଙ୍ଗ ଓ ବନ୍ଦର ପ୍ରଭୃତି ୧୨ଟି ସ୍ଥାନରେ ସୁରକ୍ଷା କ୍ୟାମ୍ପ କରାଯାଇଛି । ଅଲିଭ୍‌ରିଡ୍‌ଲେ କଇଁଛକୁ ମାଛମାଫିଆଙ୍କ କବଳରୁ ରକ୍ଷା କରିବା ସହ ଗହୀରମଥାରେ ବେଆଇନ୍ ଟ୍ରଲର ଚଳାଚଳ ଉପରେ ଅଙ୍କୁଶ ଲଗାଇବା ପାଇଁ ବନବିଭାଗ ସମେତ କୋଷ୍ଟଗାର୍ଡ,ମେରାଇନ୍ ପୋଲିସ ଓ ମତ୍ସ୍ୟବିଭାଗ ସହିତ ମିଳିତ ପାଟ୍ରୋଲିଂ କରାଯିବ ବୋଲି ବନଖଣ୍ଡ ଅଧିକାରୀ ସୁଦର୍ଶନଗୋପୀନାଥ ଯାଦବ ସୂଚନା ଦେଇଛନ୍ତି ।

# ପୂର୍ବତଟ ରେଳପଥରେ ସତର୍କତା ସଚେତନତା ସପ୍ତାହ ଉଦ୍‌ଯାପିତ

**ଭୁବନେଶ୍ୱର,(ନି.ପ୍ର):** ପୂର୍ବତଟ ରେଳପଥ ଦ୍ୱାରା "ସତ୍ୟ ନିଷ୍ଠାର ସଂସ୍କୃତିରୁ ରାଷ୍ଟ୍ରର ସମୃଦ୍ଧି" ବିଷୟବସ୍ତୁ ଆଧାରରେ ପାଳନ କରାଯାଇଥିବା ଏକ ସପ୍ତାହ ବ୍ୟାପୀ ସତର୍କତା ସଚେତନତା ସପ୍ତାହ ଆଜି ଉଦଯାପିତ ହୋଇଛି। ରେଳପଥର ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କୱାଲ, ଅତିରିକ୍ତ ମହାପ୍ରବନ୍ଧକ ମହେଶ କୁମାର ବେହେରା ଏବଂ ପ୍ରମୁଖ ବିଭାଗୀୟ ଅଧିକାରୀମାନେ ଏହି ଅବସରରେ ଯୋଗଦାନ କରି ଜନସାଧାରଣଙ୍କ ସେବାରେ ଅଖଣ୍ଡତା ଏବଂ ସ୍ୱଚ୍ଛତା ଉପରେ ଗୁରୁତ୍ୱାରୋପ କରିବାକୁ ଏହି ଉଦଯାପନୀ ଉତ୍ସବରେ ସେମାନଙ୍କର ମତବ୍ୟକ୍ତ କରିଥିଲେ। ଏହି କାର୍ଯ୍ୟକ୍ରମ ରେଳବାଇ ତଥା ରେଳ ବ୍ୟବହାରକାରୀଙ୍କ ମଧ୍ୟରେ ସଚ୍ଚୋଟତା ଏବଂ ଉତ୍ତରଦାୟିତ୍ୱର ସଂସ୍କୃତି ପ୍ରତିପାଦନ କରିବାକୁ ରେଳପଥର ପ୍ରତିବଦ୍ଧତାକୁ ଆଲୋକପାତ କରିଥିଲା। ଏହି ଉଦଯାପନୀ ସମାରୋହରେ ରେଳବାଇ କର୍ମଚାରୀ, ସେମାନଙ୍କ ପିଲାମାନେ ଏବଂ ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ରଛାତ୍ରୀ ମାନଙ୍କୁ ପୂର୍ବତଟ ରେଳପଥର ସତର୍କତା ବିଭାଗ ଦ୍ୱାରା ଆୟୋଜିତ ଅନ୍-ଦି ସ୍ପଟ୍ ପ୍ରବନ୍ଧ, ବିତର୍କ ଏବଂ ପେଣ୍ଟିଂ ପ୍ରତିଯୋଗିତାରେ ପାରଦର୍ଶିତା ପାଇଁ ମହାପ୍ରବନ୍ଧକ




ଶ୍ରୀ ଫୁଙ୍କୱାଲ୍ ସେମାନଙ୍କୁ ପୁରସ୍କୃତ କରିଥିଲେ । ସଜାଗତା ବିଷୟରେ ସଚେତନତା ସୃଷ୍ଟି କରିବା ଏବଂ ସାଧାରଣ ଜୀବନରେ ସ୍ୱଚ୍ଛତା ଏବଂ ଅଖଣ୍ଡତାର ମୂଲ୍ୟବୋଧକୁ ପ୍ରୋତ୍ସାହିତ କରିବା ପାଇଁ ଏହି ପ୍ରତିଯୋଗିତା ଗୁଡ଼ିକରେ ବିଭିନ୍ନ କ୍ଷେତ୍ରର ଯୁବ ବର୍ଗ ମାନଙ୍କୁ ନିୟୋଜିତ କରାଯାଇଥିଲା। ଶ୍ରୀ ଫୁଙ୍କୱାଲ୍ ତାଙ୍କ ଅଭିଭାଷଣରେ କହିଛନ୍ତି ଯେ, ଅଖଣ୍ଡତା କେବଳ ଏକ ନୀତି ନୁହେଁ ବରଂ ଏକ ସଂସ୍କୃତି ଯାହାକୁ ଆମେ ସମସ୍ତେ ଗ୍ରହଣ କରିବା ଆବଶ୍ୟକ। ଏହି ମୂଲ୍ୟବୋଧକୁ ଆମର କର୍ମଜୀବୀ ତଥା ସମୁଦାୟରେ ଜାଗ୍ରତ କରି ଆମେ ଏକ ସମୃଦ୍ଧ ରାଷ୍ଟ୍ର ଗଠନରେ ସହଯୋଗର ପ୍ରୟାସ କରୁଛୁ'। ସେ ଆହୁରି ମଧ କହିଛନ୍ତି ଯେ, ପୂର୍ବତଟ ରେଳପଥ ମଧ୍ୟରେ ଆମେ ଏହି ଅଞ୍ଚଳରେ ଭବିଷ୍ୟତର ବିକାଶର ଧାରା ଗଠନ କରୁଛୁ। ଏହା ଉପରେ ଗୁରୁତ୍ୱ ଦେଇ ସେ କହିଛନ୍ତି ଯେ ଏହି ଅଞ୍ଚଳର ଲୋକମାନେ ରାଷ୍ଟ୍ର ନିର୍ମାଣ ପାଇଁ ସର୍ବଦା ସଂପୂର୍ଣ୍ଣ ଅଖଣ୍ଡତା ପ୍ରଦାନ କରିଥାନ୍ତି। ରେଳବାଇ କର୍ମଚାରୀ ଏବଂ ଜନସାଧାରଣଙ୍କୁ ନୈତିକ ଆଚରଣ ଏବଂ ପ୍ରଶାସନରେ ସଚେତନତାର ଗୁରୁତ୍ୱ ବିଷୟରେ ଆଲୋଚନା ପାଇଁ ଭାଗିଦାରୀ ମାନଙ୍କୁ ନିୟୋଜିତ କରିବା ସେମାନଙ୍କର ମତାମତ ନେବା ସହିତ ଅନ୍ୟାନ ପଦକ୍ଷେପ ଗୁଡିକ ସତର୍କତା ସଚେତନତା ସପ୍ତାହ ପାଳନ ଅବସରରେ ଆୟୋଜିତ କରାଯାଇଥିଲା ଯାହାକି ପୂର୍ବତଟ ରେଳପଥ ଦ୍ୱାରା ବ୍ୟାପକ ପ୍ରୟାସର ଏକ ଅଂଶ। ଏହି କାର୍ଯ୍ୟକ୍ରମରେ ଅଖଣ୍ଡତା ଏବଂ ଉତ୍ତରଦାୟିତ୍ୱକୁ ପ୍ରୋତ୍ସାହିତ କରିବା ଉପରେ ଗୁରୁତ୍ୱ ଦିଆଯାଇ ସତ୍ୟ ନିଷ୍ଠାର ସଂସ୍କୃତିରୁ ରାଷ୍ଟ୍ରର ସମୃଦ୍ଧି ସମ୍ବନ୍ଧରେ କର୍ମଶାଳା ଏବଂ ସେମିନାରଗୁଡିକ ଆୟୋଜନ କରାଯାଇଥିଲା ଯାହାକି ଜନସେବା ପାଇଁ ପ୍ରଭାବଶାଳୀ ଥିଲା। ସପ୍ତାହବ୍ୟାପୀ ସତର୍କତା ସଚେତନତା ପାଳନ କରିବାର ସଫଳ ଆଚରଣକୁ ସଂଯୋଜନା କରିବାରେ ପୂର୍ବତଟ ରେଳପଥର ମୁଖ୍ୟ ସତର୍କତା ଅଧିକାରୀ ତଥା ବରିଷ୍ଠ ଉପ ମହାପ୍ରବନ୍ଧକ ବିଜୟ କୁମାର ମିଶ୍ର ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଆମେ ଆଗକୁ ବଢ଼ିବା ସହିତ ଅଖଣ୍ଡତାର ସଂସ୍କୃତିକୁ ଦୃଢ଼ୀଭୁତ କରିବା କ୍ଷେତ୍ରରେ ପୂର୍ବତଟ ରେଳପଥର ଉତ୍ସର୍ଗୀକୃତ ସେବା ସର୍ବଦା ରହିଥାଏ, ଯାହା ରେଳବାଇ ସେବାରେ ଜନସାଧାରଣଙ୍କ ବିଶ୍ୱାସ ଏବଂ ଆତ୍ମବିଶ୍ୱାସ ପାଇଁ ଗୁରୁତ୍ୱପୂର୍ଣ୍ଣ ଅଟେ।

# ମହିଳା ସ୍ନାତକ ମହାବିଦ୍ୟାଳୟରେ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ

**ପାରଳାଖେମୁଣ୍ଡି,(ନି.ପ୍ର):** ପାରଳାଖେମୁଣ୍ଡି ସ୍ଥିତି ମହିଳା ସ୍ନାତକ ମହାବିଦ୍ୟାଳୟରେ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ଆରମ୍ଭ ହୋଇଛି.




ଅଧକ୍ଷା ଡ. ରୀନା ସାହୁଙ୍କ ଅଧକ୍ଷତାରେ ଜାତୀୟ ସେବା ଯୋଜନା ଅଧିକାରୀ ସୁଶ୍ରୀ ମଧୁସ୍ମିତା ପ୍ରଧାନ ଓ ଯୁବ ରେଡକ୍ରସ୍ ଅଧିକାରୀ କୁଷ୍ଣଚନ୍ଦ୍ର ପଣ୍ଡିତଙ୍କ ମିଳିତ ଆନୁକୁଲ୍ୟରେ ହୋଇଥିଲା। ଏଥିରେ ଅଧକ୍ଷା ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳନର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ବିଷୟରେ ଉଦ୍‌ବୋଧନ ଦେଇଥିବାବେଳେ ଜାତୀୟ ସେବା ଯୋଜନା ଅଧିକାରୀ ସୁଶ୍ରୀ ମଧୁସ୍ମିତା ପ୍ରଧାନ ଦୁର୍ନୀତିକୁ କିପରି ରୋକା ଯାଇପାରିବ, ସେ ବିଷୟରେ ଆଲୋକପାତ କରିଥିଲେ। ଏ କାର୍ଯ୍ୟକ୍ରମରେ ଅଧକ୍ଷାଙ୍କ ଦ୍ୱାରା ଶପଥ ପାଠ ମଧ କରାଯାଇଥିଲା। ଯୁବ ରେଡକ୍ରସ୍ ଅଧିକାରୀ କୁଷ୍ଣଚନ୍ଦ୍ର ପଣ୍ଡିତ ଧନ୍ୟବାଦ୍ ଅର୍ପଣ କରିଥିଲେ। ଏହି କାଯ୍ୟକ୍ରମରେ କଲେଜର ସମସ୍ତ ଅଧାପିକା, ଅଧାପକ, କର୍ମଚାରୀ ବୃନ୍ଦ ଉପସ୍ଥିତ ରହିଥିଲେ।

# ମନମୁଖି ଭାବେ ବିଦ୍ୟାଳୟ ବନ୍ଦ ଯୋଗୁ ଅଭିଭାବକ ମହଲରେ ଅସନ୍ତୋଷ

**ନିଶ୍ଚିନ୍ତକୋଇଲି,(ନି.ପ୍ର):** ନିଶ୍ଚିନ୍ତକୋଇଲି ବ୍ଲକ ଶିକ୍ଷାଧିକାରିଣୀଙ୍କ ଅଧିନରେ ଥିବା ଛପ ଚିକଣା ସରକାରୀ ପ୍ରାଥମିକ ବିଦ୍ୟାଳୟରେ ମନମୁଖି ଭାବେ ଶିକ୍ଷାଦାନ କରାଯାଉଥିବା କାରଣରୁ ଛାତ୍ରାଭିଭାବକ ମହଲରେ ଗଭୀର ଅସନ୍ତୋଷ ପ୍ରକାଶ ପାଇଛି। କେରିଲୋ ଗ୍ରାମପଂଚାୟତ ଅଧିନରେ ଛପ ଚିକଣା ସରକାରୀ ପ୍ରାଥମିକ ବିଦ୍ୟାଳୟ ରହିଛି। ଏହି ବିଦ୍ୟାଳୟର ୫ଟି ଶ୍ରେଣୀର ଛାତ୍ର ଛାତ୍ରୀଙ୍କୁ ଶିକ୍ଷାଦାନ ପ୍ରଦାନ ନିମନ୍ତେ ୨ଜଣ ଶିକ୍ଷକ ଶିକ୍ଷୟିତ୍ରୀ ରହିଛନ୍ତି। ଗତ ବୁଧବାର ଦିନ ଏହି ବିଦ୍ୟାଳୟରେ ତାଲା ଝୁଲୁଥିବାର ଦେଖିବାକୁ ମିଳିଥିଲା। ତେବେ ବହୁ ଛାତ୍ର ଛାତ୍ରୀମାନେ ବିଦ୍ୟାଳୟକୁ ଆସି ନିରାଶରେ ଫେରିବାକୁ ବାଧ ହୋଇଥିଲେ। ଏହି ଘଟଣାକୁ ନେଇ ଛାତ୍ରାଭିଭାବକ ମହଲରେ ଗଭୀର ଅସନ୍ତୋଷ ପ୍ରକାଶ ପାଇଛି। ଅପରପକ୍ଷରେ ଏସମ୍ପର୍କରେ ଆମ ପ୍ରତିନିଧି ବିଦ୍ୟାଳୟ ପ୍ରଧାନ ଶିକ୍ଷକ ସୁଦିପ କୁମାର ପ୍ରଧାନଙ୍କୁ ପଚାରିବାରୁ ବୁଧବାର ଦିନ ବିଦ୍ୟାଳୟ ସକାଳୁଆ କରାଯାଇ ଦୁଇ ଶିକ୍ଷକ ତାଲିମ ଶିବିରରେ ଯୋଗଦେବା



ନିମନ୍ତେ ଯାଇଥିଲେ ବୋଲି ମତବ୍ୟକ୍ତ କରିଥିଲେ। ତେବେ ସମଗ୍ର ବ୍ଲକରେ ୧୦ଟାରୁ ୪ ପର୍ଯ୍ୟନ୍ତ ଶିକ୍ଷାଦାନ ଚାଲିଥିଲା ବେଳେ ଏହି ବ୍ଲକରେ କିପରି ବ୍ୟତିକ୍ରମ ଘଟିଲା ତାହା ତଦନ୍ତ ସାପେକ୍ଷ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି। ଏସମ୍ପର୍କରେ ଆମ ପ୍ରତିନିଧି ବ୍ଲକ ଶିକ୍ଷାଧିକାରିଣୀ ଲକ୍ଷେହୀରା ଲାବଣ୍ୟବତୀ ବେହେରାଙ୍କୁ ପଚାରିବାରୁ ଏସମ୍ପର୍କରେ ତାଙ୍କ ନିକଟରେ କୌଣସି ଅଭିଯୋଗ କରାଯାଇନାହିଁ। ଅଭିଯୋଗ ଆସିଲେ ସେ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି ମତବ୍ୟକ୍ତ କରିଥିଲେ।

# ଜିଲ୍ଲାପାଳଙ୍କୁ ୬ ଦଫା ଦାବିପତ୍ର ପ୍ରଦାନ

**ବଲାଙ୍ଗିର,(ନି.ପ୍ର):** ବଲାଙ୍ଗିର ଦେବାଳୟ ସୁରକ୍ଷା କମିଟି ୯ ଦଫା ଦାବୀ ମୁଖ୍ୟ ମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କ ଜରିଆରେ ଦାବୀ ପତ୍ର ପ୍ରଦାନ। ବଲାଙ୍ଗିର ସରକାରୀ ବେସରକାରୀ କାର୍ଯ୍ୟକ୍ରମ ପ୍ରଥମ କରି ମାନ୍ୟବର ମୁଖ୍ୟମନ୍ତ୍ରୀ ମାହନ ଚରଣ ମାଝୀ ଆସୁଥିବା ବେଳେ ଏହି ଉଦ୍ଧେଶ୍ୟରେ ଦାବୀ ପ୍ରଦାନ । ଐତିହ୍ୟ ସମ୍ପନ୍ନ ବଲାଙ୍ଗିର ଜିଲ୍ଲାର ବିଭିନ୍ନ ପ୍ରକଳ୍ପ ଅସଂମ୍ପୂର୍ଣ୍ଣ ହୋଇ ପଡି ରହିଥିବା । ବଲାଙ୍ଗିର ସହରର ସର୍ବ ପୂରାତନ ଦେବାଦେବୀ ମନ୍ଦିର ମାଁ ପାଟଣେଶ୍ୱରୀ ମନ୍ଦିର, ସମଲେଶ୍ୱରୀ ମନ୍ଦିର, ଗୋପାଳଜୀ ମନ୍ଦିର, ଲୋକନାଥ ମନ୍ଦିର ଦୀର୍ଘ ୧ ବର୍ଷରୁ କାମ ଆସି ଅଧାପନ୍ତରିଆ ହୋଇ ପଡି ରହିଥିବାରୁ ଶିଘ୍ରକାମ ଚଲେଇବା। ୧୯୧୩ ମସିହା ପାଟଣା ଶାସନ ସମୟର ପ୍ରେସ୍ ବଲାଙ୍ଗିର ଦଳଗଞ୍ଜନ ପ୍ରେସ ୧୧୧ ବର୍ଷ ପୂର୍ତ୍ତି ଏହା ରାଜ୍ୟ ସରକାରଙ୍କ ପରିବହନ ବିଭାଗ ଦ୍ୱାରା ପରିଚାଳନା ହେଉଥିବା ବେଳେ ଏହାର ରକ୍ଷଣାବେକ୍ଷଣା ଓ ଏହାର ମରାମତି ।କାରଣ ଦୀର୍ଘ ୨ ବର୍ଷ ହେଲାଣି ଏହି ପ୍ରେସର ୭ ଜଣ କର୍ମଚାରୀ ରହିଥିବା ବେଳେ ପ୍ରେସର ମୁଖ୍ୟ ଜାଗାଟି ଭୁଷୁଡି ପଡିଛି ।

# ଦୁଇ ଦଶନ୍ଧି ପରେ ଆଫ୍ରୋ-ଏସିଆ କପ




ନୂଆଦିଲ୍ଲୀ,୫।୧୧: ପୁଣିଥରେ ଆରମ୍ଭ ହେବ ଆଫ୍ରୋ-ଏସିଆ କପ। ଦୀର୍ଘ ଦୁଇ ଦଶନ୍ଧି ପରେ ଆଫ୍ରିକାନ ଏକାଦଶ ଓ ଏସିଆ ଏକାଦଶ ମଧ୍ୟରେ ଖେଳା ଯାଉଥିବା ସିରିଜ୍ ଖୁବଶୀଘ୍ର ଆରମ୍ଭ ହେବ। ଆଫ୍ରିକା କ୍ରିକେଟ ଆସୋସିଏସନ(ଏସିଏ) ପକ୍ଷରୁ ଏହି ଖବରକୁ ନିଶ୍ଚିତ କରାଯାଇଛି। ତେବେ ସିରିଜରେ ତାରିଖ ଏଯାଏ ଚୂଡ଼ାନ୍ତ ହୋଇନାହିଁ। ଯଦି ଆଫ୍ରୋ-ଏସିଆ କପ ଖେଳାଯିବ, ତାହେଲେ ଭାରତ ଓ ପାକିସ୍ତାନର ବଛାବଛା ଖେଳାଳିମାନେ ଗୋଟିଏ ଟିମରେ ଖେଳିବେ। ଏହାବାଦ ଶ୍ରୀଲଙ୍କା, ଆଫଗାନିସ୍ତାନ, ୟୁଏଇ ଭଳି ଏସିଆ ମହାଦେଶର ଖେଳାଳିଙ୍କୁ ମଧ୍ୟ ଏସିଆ। ଏକାଦଶରେ ସୁଯୋଗ ମିଳିପାରେ।

ଶନିବାର ଏସିଏ ପକ୍ଷରୁ ତାର ବାର୍ଷିକ ଜେନେରାଲ ମିଟିଂ (ଏଜିଏମ)ରେ ୬ ଜଣିଆ ଅନ୍ତରୀଣ କମିଟିକୁ ନିଯୁକ୍ତ କରିଛି। ଏମାନେ ସିରିଜର ରୂପରେଖ ପ୍ରସ୍ତୁତ କରିବେ କମିଟିର ପରାମର୍ଶକ୍ରମେ ସିରିଜ କେବେ ଖେଳାଯିବ, ତାର ତାରିଖ ଘୋଷଣା କରାଯିବ।

ଏହି ସିରିଜର ପ୍ରଥମ ସଂସ୍କରଣ ୨୦୦୫ରେ ଦକ୍ଷିଣ ଆଫ୍ରିକାରେ ଖେଳା ଯାଇଥିଲା। ୨୦୦୭ରେ ଭାରତ ଏହାର ଆୟୋଜନ କରିଥିଲା। ୨୦୦୯ରେ କେନିୟା ସିରିଜର ତୃତୀୟ ସଂସ୍କରଣର ହୋଷ୍ଟିଂ ଦାୟିତ୍ୱ ପାଇଥିଲା କିନ୍ତୁ ବିଭିନ୍ନ କାରଣ ପାଇଁ ଏହା ଆୟୋଜନ ହୋଇପାରି ନଥିଲା।

ଏସିଏର ଅନ୍ତରୀଣ ଅଧ୍ୟକ୍ଷ ତାଭେଙ୍ଗା ମୁକୁଲାନି କହିଛନ୍ତି, ଆଫ୍ରୋ-ଏସିଆ। କପ କ୍ରିକେଟ ବ୍ୟତୀତ ସଂଗଠନକୁ ଆବଶ୍ୟକ ଆର୍ଥିକ ସହାୟତା କରିବ। ଏହାର ଫଳ ଉଭୟ ପକ୍ଷ ପାଇଁ ବେଶ ଲାଭ ଦାୟକ ହେବ। ଆମେ ଏ ସମ୍ପର୍କରେ ଆମେ ଏସିଆ। କ୍ରିକେଟ କାଉନସିଲ ସହ ଆଲୋଚନା କରିଛୁ। ଆଫ୍ରିକାନ ଦେଶଗୁଡ଼ିକ ଆଫ୍ରୋ-ଏସିଆ। କପ ପୁଣି ଆରମ୍ଭ କରିବା ସପକ୍ଷରେ ରହିଛନ୍ତି। ଯଦି ଆଫ୍ରୋ-ଏସିଆ। କପ ଆରମ୍ଭ ହେବ, ତାହେଲେ ଭାରତ ଓ ପାକିସ୍ତାନର ଖେଳାଳିମାନେ ଗୋଟିଏ ଟିମରେ ଖେଳିବର ସୁଯୋଗ ପାଇବେ। ୨୦୧୩ ଜାନୁଆରୀ ଠାରୁ ଭାରତ ଓ ପାକିସ୍ତାନ କେବଳ ଆଇସିସି ଓ ଏସିସିର ଟୁର୍ଣ୍ଣାମେଣ୍ଟରେ ମୁହାଁମୁହିଁ ହେଉଛନ୍ତି।ଉଭୟ ଦେଶ ମଧ୍ୟରେ କୌଣସି ପ୍ରକାରର ଦ୍ୱିପାକ୍ଷିକ ସିରିଜ ଖେଳା ଯାଉନାହିଁ ୨୦୦୮ ଏସିଆ କପ ଠାରୁ ଭାରତ ମଧ୍ୟ ପାକିସ୍ତାନ ଯାଇ ନାହିଁ। ୨୦୦୫ ଆଫ୍ରୋ ଏସିଆ କପର ୩ ମ୍ୟାଚ ବିଶିଷ୍ଟ ସିରିଜ ୧-୧ରେ ଡ୍ର ରହିଥିଲା। ସିରିଜର ଶେଷ ମ୍ୟାଚ୍ ବାତିଲ ହୋଇଥିଲା। ଏହି ସମୟରେ ଏସିଆ ଏକାଦଶରେ ବୀରେନ୍ଦ୍ର ସେହାଗ, ଶାହିଦ ଆଫ୍ରିଦି ଓ ସନଥ ଜୟସୂରିୟାଙ୍କ ଭଳି ଖେଳାଳି ରହିଥିଲେ। ଏହାର ନେତୃତ୍ୱ ଇଞ୍ଜିମାମ ଉଲ ହକ ନେଇଥିଲେ। ଦଳରେ ରାହୁଲ ଦ୍ରାବିଡ, ଅନୀଲ କୁମ୍ବଲେ ଓ ଆଶିଷ ନେହରାଙ୍କ ଭଳି ବଡ଼ ବଡ଼ ଖେଳାଳି ଥିଲେ।

୨୦୦୭ରେ ଏସିଆ ଏକାଦଶ ୩-୦ରେ ସିରିଜ କବଜା କରିଥିଲା। ଦଳରେ ଶୋଏବ ଅଖତର, ମହମ୍ମଦ ଆସିଫ ଓ ମହମ୍ମ ୟୁସୁଫଙ୍କ ଭଳି ପାକ ଖେଳାଳିଥିଲେ ଏମାନେ ଭାରତର ଜହିର ଖାନ, ଯୁବରାଜ ସିଂହ, ମହେନ୍ଦ୍ର ସିଂହ ଧୋନି, ସୌରଭ ଗାଙ୍ଗୁଲି ଓ ହରଭଜନ ସିଂହଙ୍କ ସହ ଗୋଟିଏ ଟିମରେ ରହି ଖେଳିଥିଲେ।

## ୨୦୩୬ ଅଲିମ୍ପିକ୍ସ ନେଇ ଆଇଓଏ ଆଗ୍ରହୀ

# ଅନ୍ତର୍ଜାତୀୟ ଅଲିମ୍ପିକ୍ କମିଟିକୁ ଚିଠି ଲେଖିଲା




ନୂଆଦିଲ୍ଲୀ,୫।୧୧: ଅଲିମ୍ପିକ୍ସ ଏବଂ ପାରାଲିମ୍ପିକ୍ସ ଖେଳ ୨୦୩୬ ଆୟୋଜନ କରିବା ଦିଗରେ ଆଉ ପାଦେ ଆଗେଇଲା ଭାରତୀୟ ଅଲିମ୍ପିକ୍ ସଂଘ। ୨୦୩୬ ମସିହାରେ ଅଲିମ୍ପିକ୍ସ ଏବଂ ପାରାଲିମ୍ପିକ୍ସ ଖେଳ ଅୟୋୋଜନ କରିବାକୁ ଆଇଓଏ ଆନୁଷ୍ଠାନିକ ଭାବେ ଭାରତର ଆଗ୍ରହ ପ୍ରକାଶ କରିଥିବା ଜଣାପଡ଼ିଛି। ଅକ୍ଟୋବର ୧ରେ ଭାରତୀୟ ଅଲିମ୍ପିକ୍ ସଂଘ ଅନ୍ତର୍ଜାତୀୟ ଅଲିମ୍ପିକ୍ କମିଟି ନିକଟକୁ ଏନେଇ ଏକ ଚିଠି ପଠାଇଥିବା ରିପୋର୍ଟ ପ୍ରକାଶ ପାଇଛି।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଅନେକ ଥର ୨୦୩୬ ଅଲିମ୍ପିକ୍ସ ଏବଂ ପାରାଲିମ୍ପିକ୍ସ ଖେଳ ଭାରତରେ ଆୟୋଜନ କରିବାକୁ ଆଗ୍ରହ ପ୍ରକାଶ କରିଛନ୍ତି। ସ୍ୱାଧୀନତା ଦିବସ ପାଳନ ଅବସରରେ ନୂଆଦିଲ୍ଲୀସ୍ଥିତ ତାଙ୍କ ବାସଭବନରେ ପ୍ୟାରିସ୍ ଅଲିମ୍ପିକ୍ସରେ ଭାଗ ନେଇଥିବା ଆଥଲେଟମାନଙ୍କ ସହ ଏହି ବିଷୟରେ ଆଲୋଚନା କରିଥିଲେ। ପ୍ରଧାନମନ୍ତ୍ରୀ ସେମାନଙ୍କୁ ଭାରତରେ ଅଲିମ୍ପିକ୍ସ ୨୦୩୬ ଆୟୋଜନ ପ୍ରସ୍ତୁତି ପାଇଁ ନିଜ ନିଜର ଅଭିଜ୍ଞତା କହିବାକୁ କହିଥିଲେ ପ୍ରଧାନମନ୍ତ୍ରୀ ମୋଦି।

ଅଲିମ୍ପିକ୍ ଗେମ୍ସ ୨୦୩୬ ଆୟୋଜନ କରିବାକୁ ଭାରତ ସମେତ ୧୦ ଦେଶ ପ୍ରାରମ୍ଭିକ ଆଗ୍ରହ ଦେଖାଇଛନ୍ତି। ଏହି ଦେଶ ଗୁଡ଼ିକ ମଧ୍ୟରେ ମେକ୍ସିକୋ, ଇଣ୍ଡୋନେସିଆ, ତୁର୍କୀ, ପୋଲାଣ୍ଡ, ଇଜିପ୍ଟ ଏବଂ ଦକ୍ଷିଣ କୋରିଆ ମଧ୍ୟ ରହିଛନ୍ତି। ଅଲିମ୍ପିକ୍ସ ଆୟୋଜନ ଅଧିକାର ବଣ୍ଟନ ଅନ୍ତର୍ଜାତୀୟ ଅଲିମ୍ପିକ୍ କମିଟି (ଆଇଓସି) ଦ୍ୱାରା ଏକ ବିସ୍ତୃତ ହୋଷ୍ଟ ଚୟନ ପ୍ରକ୍ରିୟା ମାଧ୍ୟମରେ କରାଯିବ। ଆଇଓସିର ଏକ ଉତ୍ସର୍ଗୀକୃତ ବିଭାଗ ହେଉଛି ଭବିଷ୍ୟତ ହୋଷ୍ଟ କମିଶନ ଯାହା ଏହି ପ୍ରସଙ୍ଗରେ କାର୍ଯ୍ୟ କରେ।

# ପଡ଼ିଆରେ ବଜ୍ରପାତ : ଜଣେ ମୃତ, ୫ ଗୁରୁତର



ଲିମା,୫।୧୧: ପେରୁରେ ଏକ ଫୁଟବଲ ମ୍ୟାଚ୍ ସମୟରେ ଏକ ଭୟଙ୍କର ଦୃଶ୍ୟ ଦେଖିବାକୁ ମିଳିଛି। ବଜ୍ରପାତ ଯୋଗୁଁ ଜଣେ ଖେଳାଳିଙ୍କର ମୃତ୍ୟୁ ଘଟିଥିବାବେଳେ ଅନ୍ୟ ୫ ଜଣ ଖେଳାଳି ଗୁରୁତର ଭାବେ ଆହତ ହୋଇଛନ୍ତି।୩୯ ବର୍ଷ ବୟସ୍କ ଫୁଟବଲର୍ ଜୋସ୍ ହ୍ୟୁଗୋ କ୍ରୁଜ୍ ମେଜାଙ୍କ ଉପରେ ଆକାଶରୁ ଖସିଥିଲା। ମୃତ୍ୟୁ ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଛି।

ପେରୁର ଚିଲକାର ସ୍ଥାନୀୟ କ୍ଲବ ଜୁଭେଟ ବେଲାଭିଷ୍ଟା ଏବଂ ଫ୍ୟାମିଲିୟା ଚୋକା ମଧ୍ୟରେ ଖେଳାଯାଉଥିବା ମ୍ୟାଚ୍ ସମୟରେ ଏହି ଦୁର୍ଘଟଣା ଘଟିଥିଲା। ମ୍ୟାଚ୍ ଚାଲିଥିବା ସମୟରେ ପ୍ରବଳ ବର୍ଷା-ପବନ ଆସିବାରୁ ରେଫରି ଖେଳ ବନ୍ଦ କରିଦେଇଥିଲେ। ଏହାପରେ ଖେଳାଳିମାନେ ଡଗଆଉଟ୍ ଆଡକୁ ଯାଉଥିଲେ। ଏହି ସମୟରେ ହଠାତ ପଡ଼ିଆରେ ବଜ୍ରପାତ ହୋଇଥିଲା। ଫଳରେ ବହୁ ଖେଳାଳି ଏକା ସାଙ୍ଗରେ ତଳେ ପଡ଼ିଯାଇଥିଲେ। ଏହି ସମୟର ଭିଡିଓ ଏବେ ସୋଶାଲ ମିଡିଆରେ ବେଶ ଭାଇରାଲ ହେଉଛି।

ତେବେ ଜୁଭେଣ୍ଟୁଡ ବେଲାଭିଷ୍ଟା ଦଳର ଡିଫେଣ୍ଡର ଜୋସ୍ ମେଜାଙ୍କ ଅତି ନିକଟରେ ଏହି ବଜ୍ରପାତ ହୋଇଥିବାରୁ ସେ ଆଉ ଉଠିନଥିଲେ। ମ୍ୟାଚ୍ ଆୟୋଜକ ତାଙ୍କୁ ତୁରନ୍ତ ଡାକ୍ତରଖାନା ନେଇଯାଇଥିଲେ, ଯେଉଁଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।ରିପୋର୍ଟ ଅନୁଯାୟୀ ଗୋଲକିପର ଜୁଆନ୍ ଚୋକା ଲାକ୍ଟା ମଧ୍ୟ ଏହି ଦୁର୍ଘଟଣାର ଶିକାର ହୋଇଛନ୍ତି।ତାଙ୍କ ଶରୀରର ଅଧିକାଂଶ ଅଂଶ ଜଳି ଯାଇଛି। ଘଟଣାସ୍ଥଳରେ ଆମ୍ବୁଲାନ୍ସ ନଥିବାରୁ ତାଙ୍କୁ ଟ୍ୟାକ୍ସି ଯୋଗେ ଡାକ୍ତରଖାନା ନିଆଯାଇଥିଲା ଏବଂ ତାଙ୍କ ଅବସ୍ଥା ଗୁରୁତର ରହିଛି। ଏହା ବ୍ୟତୀତ ଅନ୍ୟ ଆହତ ଖେଳାଳିଙ୍କ ଅବସ୍ଥା ସ୍ଥିର ଥିବା କୁହାଯାଉଛି।

# ୩୬ ବର୍ଷରେ କିଙ୍ଗ କୋହଲି



ନୂଆଦିଲ୍ଲୀ,୫।୧୧: ଭାରତୀୟ କ୍ରିକେଟ ଦଳର କିମ୍ବଦନ୍ତୀ ବ୍ୟାଟ୍ସମ୍ୟାନ ବିରାଟ କୋହଲିଙ୍କୁ କ୍ରିକେଟ ଜଗତର କିଙ୍ଗ୍ କୁହାଯାଏ। କେତେକ ପୂର୍ବତନ କ୍ରିକେଟର ଏବଂ ବିଶେଷଜ୍ଞ ମଧ୍ୟ କୋହଲିଙ୍କୁ କ୍ରିକେଟ୍ ଦୁନିଆର ଶ୍ରେଷ୍ଠ ବ୍ୟାଟ୍ସମ୍ୟାନ ଭାବେ ବିବେଚନା କରିଛନ୍ତି।କିଙ୍ଗ କୋହଲି ଆଜି ତାଙ୍କର ୩୬ ତମ ଜନ୍ମଦିନ ପାଳନ କରାଛନ୍ତି।ଏହି ବିଶେଷ ଦିନରେ, ଆସନ୍ତୁ ଜାଣିବା କୋହଲି ତାଙ୍କର ପ୍ରକୃତ ପରିଚୟ କେଉଁଠୁ ପାଇଲେ ଏବଂ ସେ କିପରି ମହାନ ହେଲେ।

ବିରାଟ କୋହଲି ୫ ନଭେମ୍ବର ୧୯୮୮ ଦିଲ୍ଲୀରେ ଜନ୍ମଗ୍ରହଣ କରିଥିଲେ। ସେ ଦିଲ୍ଲୀର ଉତ୍ତରନଗରରେ ବଡ ହୋଇଥିଲେ କୁହାଯାଏ, କୋହଲି ମାତ୍ର ୯ ବର୍ଷ ବୟସରେ କ୍ରିକେଟ ଖେଳିବା ଆରମ୍ଭ କରିଥିଲେ ।ସେ ପିଲାଦିନରେ କୋଚ୍ ରାଜକୁମାର ଶର୍ମାଙ୍କଠାରୁ କ୍ରିକେଟ ପଶିକ୍ଷଣ ନେଇଥିଲେ। ପରେ କୋହଲି ଧୀରେ ଧୀରେ କ୍ରିକେଟରେ ଚମତ୍କାର ପ୍ରଦର୍ଶନ ଆରମ୍ଭ କରିଥିଲେ। ଗ୍ରୁପ କ୍ରିକେଟରେ ଜବରଦସ୍ତ ପ୍ରଦର୍ଶନ କରିବା ପରେ ସେ ପ୍ରଥମ ଶ୍ରେଣୀ କ୍ରିକେଟ ଖେଳି ଥିଲେ।

୨୦୦୬ରେ କୋହଲି ଦିଲ୍ଲୀ ପାଇଁ ତାଙ୍କ କ୍ୟାରିୟରର ପ୍ରଥମ ଶ୍ରେଣୀ ମ୍ୟାଚ୍ ଖେଳିଥିଲେ। ଏହି ସମୟ ମଧ୍ୟରେ କୋହଲିଙ୍କ ପିତା ପ୍ରେମ କୋହଲିଙ୍କ ଦେହାନ୍ତ ହୋଇଥିଲା। ପିତାଙ୍କ ମୃତ୍ୟୁ ସତ୍ତ୍ୱେ କୋହଲି କର୍ଣ୍ଣାଟକ ବିପକ୍ଷ ମ୍ୟାଚରେ ବ୍ୟାଟିଂ କରିବାକୁ ଆସି ୯୦ ରନ୍‌ର ଇନିଂସ୍ ଖେଳିଥିଲେ।

କୋହଲିଙ୍କ ପାଇଁ ୨୦୦୮ ଅଣ୍ଡର-୧୯ ବିଶ୍ୱକପ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଥିଲା କୁହାଯାଏ, କୋହଲି ଅଣ୍ଡର-୧୯ ବିଶ୍ୱକପରୁ ଅନେକ ଖ୍ୟାତି ଅର୍ଜନ କରିଥିଲେ। ଏହା କୋହଲିଙ୍କୁ ଟିମ୍ ଇଣ୍ଡିଆରେ ଯୋଗଦେବା ପାଇଁ ବାଟ ଖୋଲିଥିଲା। କୋହଲି ତାଙ୍କ ଅଧିନାୟକତ୍ୱରେ ଭାରତକୁ ଅଣ୍ଡର-୧୯ ବିଶ୍ୱକପ୍ ଟାଇଟ୍‌ଲ ଜିତାଇଥିଲେ। ଅଣ୍ଡର-୧୯ ବିଶ୍ୱକପରେ ପ୍ରଭାବିତ କରିଥିବା କୋହଲିଙ୍କୁ ଆଇପିଏଲ୍‌ରେ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର କିଣିଥିଲା। ତାପରେ ସେହି ବର୍ଷ ଅର୍ଥାତ୍ ୨୦୦୮ରେ ସେ ଟିମ ଇଣ୍ଡିଆରେ ପ୍ରବେଶ କରିଥିଲେ କୋହଲି। ୨୦୦୮ ଅଗଷ୍ଟ ୧୮ରେ ଶ୍ରୀଲଙ୍କା ବିପକ୍ଷରେ ଏକ ଦିନିକିଆ ମ୍ୟାଚ ଖେଳି ଅନ୍ତର୍ଜାତୀୟସ୍ତରରେ ଡେବ୍ୟୁ କରିଥିଲେ ଏହା ପରେ ବିରାଟ କେବେଁ ପଛକୁ ଚାହିଁ ନ ଥିଲେ ଏବଂ ସେ ଗୋଟିଏ ପରେ ଗୋଟିଏ ରେକର୍ଡ କରିବାରେ ଲାଗିଛନ୍ତି।

କୋହଲି ୨୦୨୩ରେ ଖେଳାଯାଇଥିବା ଦିନିକିଆ ବିଶ୍ୱକପରେ କ୍ରିକେଟ୍‌ର ଭଗବାନ କୁହାଯାଉଥିବା ସଚିନ ତେନ୍ଦୁଲକରଙ୍କ ରେକର୍ଡ ଭାଙ୍ଗିଥିଲେ। ଦିନିକିଆ। ବିଶ୍ୱକପରେ କୋହଲି ତାଙ୍କ ଦିନିକିଆ। କ୍ୟାରିୟରର ୫୦ତମ ଶତକ ହାସଲ କରିଥିଲେ। ସଚିନଙ୍କ ନାମରେ ୪୯ଟି ଶତକ ରେକର୍ଡ ରହିଛି।ସେହିଭଳି କୋହଲି ତାଙ୍କ କ୍ୟାରିୟର ଆରମ୍ଭରୁ ରେକର୍ଡ ଭାଙ୍ଗିବା ଆରମ୍ଭ କରି ଧୀରେ ଧୀରେ ସେ ଜଣେ ମହାନ ବ୍ୟାଟ୍ସମ୍ୟାନ ଭାବେ ଖ୍ୟାତି ଅର୍ଜନ କରିବା ସହ କ୍ରିକେଟ କିଙ୍ଗ ହୋଇପାରିଛନ୍ତି।

# ବାପାଙ୍କଠୁ ସ୍ୱତନ୍ତ୍ର ମେସେଜ୍ ପାଇଲେ ରବିନ୍ଦ୍ର






ମୁମ୍ବାଇ,୪।୧୧: ଭାରତ ବିପକ୍ଷରେ ଐତିହାସିକ କ୍ଲିନ୍ ସୁଇପ୍ ପରେ ବାପାଙ୍କ ଠାରୁ ଏକ ସ୍ୱତନ୍ତ୍ର ମେସେଜ୍ ମିଳିଥିବା କହିଛନ୍ତି ଯୁବ ଖେଳାଳି ରାଚିନ୍ ରବୀନ୍ଦ୍ର। ସିରିଜ୍ ବିଜୟ ପରେ ମୁଁ ତୁମ ପାଇଁ ଗର୍ବିତ ବୋଲି ବାପା ମେସେଜ୍ କରିଥିବା ରବୀନ୍ଦ୍ର କହିଛନ୍ତି। ନିଜ ବାପା ମାଙ୍କ ଜନ୍ମ ସ୍ଥାନରେ ଏକ ଟେଷ୍ଟ ସିରିଜ୍ ଜିତିବା ମୋ ପାଇଁ ଅତ୍ୟନ୍ତ ଗର୍ବର ବିଷୟ। ତେବେ ବାପାଙ୍କ ମେସେଜ ସବୁଠାରୁ ସ୍ୱତନ୍ତ୍ର ଥିଲା। ୨୪ ବର୍ଷୀୟ ଅଲରାଉଣ୍ଡର ଜଣକ ନ୍ୟୁଜିଲାଣ୍ଡର ୱେଲିଂଟନ୍‌ରେ ଜନ୍ମଗ୍ରହଣ କରିଥିଲେ। ବାପା ରବି କ୍ରିଷ୍ଣମୂର୍ତ୍ତି ଓ ମା ଦୀପା ଉଭୟ ବେଙ୍ଗାଲୁରୁର ବାସିନ୍ଦା। ଏପରି କି ତାଙ୍କ ଜେଜେ ବାପା ଓ ଜେଜେ ମା ଏବେ ବି ବେଙ୍ଗାଲୁରୁରେ ବାସ କରନ୍ତି। ପିତାଙ୍କ ନିକଟରୁ ପ୍ରଶଂସା ମିଳିବା ଅତ୍ୟନ୍ତ ବିରଳ ହୋଇଥିବା ବେଳେ ଏହି ମେସେଜ୍ ପାଇ ସେ ଅତ୍ୟନ୍ତ ଖୁସି ଥିବା କହିଛନ୍ତି ରବୀନ୍ଦ୍ର। ଏପରିକି ବେଙ୍ଗାଲୁରୁରେ ଖେଳାଯାଇଥିବା ପ୍ରଥମ ଟେଷ୍ଟରେ ରବୀନ୍ଦ୍ରଙ୍କ ପିତା ମ୍ୟାଚ୍ ଦେଖିବା ପାଇଁ ଉପସ୍ଥିତ ଥିଲେ। ଏହି ମ୍ୟାଚ୍‌ରେ ରବୀନ୍ଦ୍ର ଶତକ ଓ ଅପରାଜିତ ୩୯ ରନ୍ ସ୍କୋର କରି ପ୍ଲେୟର ଅଫ୍ ଦ ମ୍ୟାଚ୍ ବିବେଚିତ ହୋଇଥିଲେ। ପିତାଙ୍କ ସମ୍ମୁଖରେ ଶତକ ହାସଲ କରିବା ମଧ୍ୟ ମୋ ପାଇଁ ସ୍ୱତନ୍ତ୍ର ଥିଲା ବୋଲି ସେ କହିଛନ୍ତି।

# ଉତ୍ତର ଶୁଣି ଚମକି ପଡ଼ିଲେ ଭନ୍

କାନବେରା,୫।୧୧: ପାକିସ୍ତାନ କ୍ରିକେଟ ଦଳ ବର୍ତ୍ତମାନ ଅଷ୍ଟ୍ରେଲିଆ। ଗସ୍ତରେ ଅଛି ଯେଉଁଠାରେ ଏହା ତିନି ମ୍ୟାଚ ବିଶିଷ୍ଟ ଏକ ଦିବସୀୟ ସିରିଜ ଖେଳୁଛି।ଏହି ସିରିଜର ପ୍ରଥମ ମ୍ୟାଚରେ ପାକିସ୍ତାନକୁ ପରାଜୟର ସାମ୍ନା କରିବାକୁ ପଡିଥିଲା। ଏହି ସମୟରେ ପାକିସ୍ତାନର ପୂର୍ବତନ ଅଧିନାୟକ ୱାସିମ ଆକ୍ରାମ ଦଳର ଜଣେ ଖେଳାଳିଙ୍କ ବିଷୟରେ ଏପରି ପ୍ରକାଶ କରିଥିଲେ ଯେ ଇଂଲଣ୍ଡର କ୍ରିକେଟର ମାଇକେଲ ଭାନ ଆଶ୍ଚର୍ଯ୍ୟ



ହୋଇଯାଇଥିଲେ। କାମରାମ ଗୁଲାମଙ୍କ ବିଷୟରେ ଆକ୍ରାମ ଏମିତି କିଛି କଥା କହିଥିଲେ। ଉଭୟ ଆକ୍ରାମ ଏବଂ ଭାନ ପାକିସ୍ତାନ ଏବଂ ଅଷ୍ଟ୍ରେଲିଆ। ସିରିଜରେ କମେଣ୍ଟ୍ରି ଦେଉଛନ୍ତି। ଏହି ସମୟରେ, ଆକ୍ରାମ କାମରାନ ଗୁଲାମଙ୍କ ପରିବାର ଏବଂ ତାଙ୍କ ଭଉଣୀଭାଇଙ୍କ ବିଷୟରେ ଗୋଟିଏ କଥା କହିଥିଲେ, ଯାହା ଶୁଣି ଭଗାନ ଆଶ୍ଚର୍ଯ୍ୟ ହୋଇଗଲେ ସେ ବିଶ୍ୱାସ କରିପାରିଲେ ନାହିଁ ଯେ ଏହା ମଧ୍ୟ ହୋଇପାରେ। ପ୍ରଥମ ଦିନିକିଆରେ ଅଷ୍ଟ୍ରେଲିୟ ଇନିଂସରେ କାମରାମ ଗୁଲାମଙ୍କ ବିଷୟରେ ଆକ୍ରାମ ଏବଂ ଭଗାନ କଥା ହୋଇଥିଲେ ଏହି ସମୟରେ ଆକ୍ରାମ କହିଥିଲେ ଯେ କାମରାନ ଗୁଲାମଙ୍କର ୧୧ ଭାଇ ଏବଂ ୪ ଭଉଣୀ ଅଛନ୍ତି ଅର୍ଥାତ ତାଙ୍କ ପିତାଙ୍କର ମୋଟ ୧୨ ପୁଅ ଏବଂ ୪ ଝିଅ ଅଛନ୍ତି। ଏହା ଶୁଣିବା ପରେ ଭଗାନ ଏହାକୁ ବିଶ୍ୱାସ କରିପାରିଲେ ନାହିଁ। ୱାସିମ ଆକ୍ରାମ- କାମରାନ ଗୁଲାମ ଏକ ବଡ ପରିବାରରୁ ଆସିଛନ୍ତି।ସେ ତାଙ୍କର ୧୨ଭାଇଙ୍କ ମଧ୍ୟରେ ଏକାଦଶ ଏବଂ ତାଙ୍କର ଚାରି ଭଉଣୀ ମଧ୍ୟ ଅଛନ୍ତି। ଏହାଶୁଣି ମାଇକେଲ ଚମକି ପଡି କହିଥିଲେ, ତାହେଲେ ଏମାନଙ୍କ ମଧ୍ୟରେ ବୟସ ପାର୍ଥକ୍ୟ କଣ ? ଯାହା ଥିଲା ବେଶ୍ କୌତୁହଳପ୍ରଦ।

# ବିସିସିଆଇ ନୂଆ ନେତୃତ୍ୱ ଖୋଜିବା ଆବଶ୍ୟକ : ଶ୍ରୀକାନ୍ତ






ମୁମ୍ବାଇ,୫।୧୧: ନ୍ୟୁଜିଲାଣ୍ଡ ବିରୋଧ ଭାରତ ଘରୋଇ ଟେଷ୍ଟ ସିରିଜ୍ ହାରିବା ପରେ ଟିମ୍ ଇଣ୍ଡିଆର ନେତୃତ୍ୱ ଉପରେ ପ୍ରଶ୍ନବାଚୀ ଛିଡ଼ା ହୋଇଛି ରୋହିତଙ୍କ ପରେ କିଏ ହେବ ଭାରତୀୟ ଦଳର ଅଧିନାୟକ ଏହାକୁ ନେଇ ଏବେ ଚାରିଆଡେ ଚର୍ଚ୍ଚା ହେଉଥିବା ବେଳେ ନିଆଁରେ ଘିଅ ଢାଳିବା କାର୍ଯ୍ୟ କରିଛନ୍ତି ପୂର୍ବତନ ଭାରତୀୟ କ୍ରିକେଟର ତଥା ପୂର୍ବତନ ବିସିସିଆଇ ଚିଫ୍ ସିଲେକ୍ଟର କ୍ରୀଷ୍ଣମାଚାରି ଶ୍ରୀକାନ୍ତ। ସେ ଏକ ବୟାନରେ କହିଛନ୍ତି, ଯଦି ଟିମ୍ ଇଣ୍ଡିଆ ଅଷ୍ଟ୍ରେଲିଆରେ ସନ୍ତୋଷଜନକ ପ୍ରଦର୍ଶନ କରୁନାହିଁ, ତେବେ ବିସିସିଆଇ ବିକଳ୍ପ ନେତୃତ୍ୱ ଖୋଜିବା ଦରକାର।

ନଭେମ୍ବର ୨୨ ତାରିଖରୁ ଅଷ୍ଟ୍ରେଲିଆରେ ଆରମ୍ଭ ହେଉଛି ବର୍ଡର-ଗାଭାସ୍କର ଟ୍ରଫି। ୫ଟି ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍ ଭାରତ ଏବଂ ଘରୋଇ ଅଷ୍ଟ୍ରେଲିଆ ମଧ୍ୟରେ ଖେଳାଯିବ। ନ୍ୟୁଜିଲାଣ୍ଡ ବିରୋଧରେ ଟିମ୍ ଇଣ୍ଡିଆ। ଘରୋଇ ସିରିଜ୍ ହାରିଥିବା ବେଳେ ବର୍ଡର-ଗାଭାସ୍କର ସିରିଜ୍ ଉପରେ ସମସ୍ତ ନଜର ରହିଛି। ଏହି ଟେଷ୍ଟ ସିରିଜରେ ଭାରତୀୟ ଦଳର ପ୍ରଦର୍ଶନ ଖରାପ ରହିଲେ, ରୋହିତ ଶର୍ମା ଟେଷ୍ଟ ଫର୍ମାଟରୁ ଅବସର ଘୋଷଣା କରିପାରନ୍ତି ବୋଲି କ୍ରୀଷ୍ଣମାଚାରି ଶ୍ରୀକାନ୍ତ କହିଛନ୍ତି। ତେଣୁ ବିସିସିଆଇ ଏବେଠୁ ତାଙ୍କ ଉତ୍ତରାଧିକାରୀ ଖୋଜିବା ଆବଶ୍ୟକ ବୋଲି ସେ ପରାମର୍ଶ ଦେଇଛନ୍ତି। ଟି-୨୦ କ୍ରିକେଟ୍ ବିଶ୍ୱ ଟିମ୍ ଇଣ୍ଡିଆ ଜିତିବା ପରେ ସର୍ଟ ଫର୍ମାଟ୍ କ୍ରିକେଟରୁ ରୋହିତ ଶର୍ମା ଅବସର ଘୋଷଣା କରିଥିଲେ। ସେ ଏବେ ୩୭ ବର୍ଷ ବୟସରେ ପହଞ୍ଚିଛନ୍ତି । ବୟସାଧିକ କାରଣରୁ ଦୃଢ଼ ନେତୃତ୍ୱର ଅଭାବ ଏବଂ ପ୍ରଦର୍ଶନ ମଧ୍ୟ ହ୍ରାସ ପାଇବାରେ ଲାଗିଛି। ଯାହାଫଳରେ ଟିମ୍ ଇଣ୍ଡିଆ ଘରୋଇ ସିରିଜ୍ ନ୍ୟୁଜିଲାଣ୍ଡଠୁ ହାରିଛି ।କେବଳ ହାରି ନାହିଁ ୦-୩ରେ ସିରଜ୍ ହ୍ୱାଇଟ୍ ୱାସ୍ ହୋଇଛି। ତେଣୁ ଟିମ୍ ଇଣ୍ଡିଆ ବିକଳ୍ପ ବାଛିବା ଦରକାର ବୋଲି କ୍ରୀଷ୍ଣମାଚାରି ଶ୍ରୀକାନ୍ତ କହିଛନ୍ତି।

# ସାଉଦ ଆରବରେ ହେବ ଆଇପିଏଲ୍ ନିଲାମୀ




ନୂଆଦିଲ୍ଲୀ,୪।୧୧: ଚଳିତ ମାସ ଶେଷ ସପ୍ତାହରେ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ)ର ହାଇ ପ୍ରୋଫାଇଲ ନିଲାମୀ ସାଉଦି ଆରବ ରାଜଧାନୀ ରିୟାଦରେ ହେବ। ଏ ବାବଦରେ ଫ୍ରାଞ୍ଚାଇଜ୍‌ଗୁଡ଼ିକୁ ନୋଟିସ ଜାରି କରାଯାଇଥିବା ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ପକ୍ଷରୁ ସୋମବାର ସ୍ପଷ୍ଟ କରାଯାଇଛି। ଆଇପିଏଲ୍ ନିଲାମୀ ସମ୍ଭବତଃ ନଭେମ୍ବର ୨୪ ଓ ୨୫ରେ ହୋଇପାରେ ବୋଲି କୁହାଯାଉଛି।

ଚଳିତବର୍ଷ ହେବାକୁଥିବା ମେଗା ନିଲାମୀରେ ଅବତୀର୍ଣ୍ଣ ହେବାକୁଥିବା ହାଇପ୍ରୋଫାଇଲ ଷ୍ଟାର ଖେଳାଳିଙ୍କ ମଧ୍ୟରେ ରହିଛନ୍ତି। ରିଷଭ ପନ୍ତ, କେ.ଏଲ୍. ରାହୁଲ, ଶ୍ରେୟସ ଆୟାର ଓ ଅର୍ଶଦୀପ ସିଂ ନିଲାମୀ ଉପଲବ୍ଧ ଥିବା ୭୦ ବିଦେଶୀଙ୍କ ସମେତ ୨୦୪ ଖେଳାଳିଙ୍କୁ ନେବା ପାଇଁ ୧୦ଟି ଯାକ ଫ୍ରାଞ୍ଚାଇଜ ପ୍ରାୟ ୬୪୧.୫ କୋଟି ଟଙ୍କା ବ୍ୟୟ କରିବେ। ବର୍ତ୍ତମାନ ସୁଦ୍ଧା ୧୦ଟି ଫ୍ରାଞ୍ଚାଇଜ ମୋଟ ୫୫୮.୫ କୋଟି ଟଙ୍କା ବ୍ୟୟ କରି ୪୬ଜଣ ଖେଳାଳିଙ୍କୁ ରିଟେନ ପାଇ ସାରିଛନ୍ତି।

# ହକି ଇଣ୍ଡିଆ ଲିଗ୍ ପାଇଁ ଆସିଲା ସୂଚୀ

ନୂଅଦିଲ୍ଲୀ,୦୫।୧୧: ଖୁବ ଶୀଘ୍ର ଓଡିଶାରେ ଆରମ୍ଭ ହେବାକୁ ଯାଉଛି ହକି ଇଣ୍ଡିଆ ଲିଗ।ଏ ନେଇ ଆଜି ଏଚଆଇଏଲ ତାର ଅଫିସିଆଲ ୱେବସାଇଟ୍ ଓ ମ୍ୟାଚ ସୂଚୀ ଜାରି କରିଛି। ୨୦୨୪-୨୦୨୫ ସିଜନକୁ ନେଇ ହକି ପ୍ରେମୀଙ୍କ ମଧ୍ୟରେ ନାହିଁ ନଥିବା ଉତ୍ସାହ ଦେଖିବାକୁ ମିଳିଛି। ଡିସେମ୍ବର ୨୮ ତାରିଖରୁ ଓଡିଶା ରାଉରକେଲା ବିର୍ସାମୁଣ୍ଡା ହକି ଷ୍ଟାଡିୟମରେ ଆରମ୍ଭ ହେବ ହକି ଇଣ୍ଡିଆ ଲିଗ୍ । ପ୍ରଥମ ମ୍ୟାଚ ଦିଲ୍ଲୀ ଏସଜି ପିପର ଓ ଗୋନାସିକା ମଧ୍ୟରେ ଖେଳାଯିବ। ନୂଆକରି ଲଞ୍ଚ ହୋଇଥିହବା ହିଲ ବେସାଇଟ ହେଉଛି ହକିଇଣ୍ଡିଆଲିଗ.କମ ଏହା ସାଇଟରୁ ହକି ପ୍ରେମୀ ମ୍ୟାଚ ବିଷୟରେ ସମସ୍ତ ତଥ୍ୟ ଜାଣିପାରିବେ। ଡିସେମ୍ବର ୨୮ରୁ ଜାନୁୟାରୀ ୧୮ ତାରିଖ ଯାଏ ପ୍ରଥମ ପର୍ଯ୍ୟାୟରେ ରାଉରକେଲା ବିର୍ସାମୁଣ୍ଡା ହକି ଷ୍ଟାଡିୟମରେ ମ୍ୟାଚ ଖେଳାଯିବ। ଏଠାରେ ସମସ୍ତ ୮ଟି ଦଳ ପରସ୍ପରକୁ ଭେଟିବେ ଜାନୁୟାରୀ ୧୮ ତାରିଖରୁ ଦ୍ୱିତୀୟ ପର୍ଯ୍ୟାୟ ଆରମ୍ଭ ହେବ ଏଠାରେ ଦଳକୁ ୨ଟି ପୁଲରେ ଭାଗ କରାଯିବ ପ୍ରତି ଦଳ ବିପରୀତ ପୁଲରେ ଦଳକୁ ଭେଟିବ। ଜାନୁଆରୀ ୩୧ରେ ସେମିଫାଇନାଲ ଖେଳାଯିବ ଏଥିରେ ୪ଟି ଟପ୍ ଟିମ ଖେଳିବେ। ୨୦୨୫ ଫେବୃଆରୀ ୧ରେ ଫାଇନାଲ ମ୍ୟାଚ ଖେଳାଯିବ। ଏହା ସହିତ ରାଞ୍ଚିରେ ମହିଳା ହକି ଇଣ୍ଡିଆ ଲିଗ୍ ୧୨ ଜାନୁଆରୀ ୨୦୨୫ରେ ଆରମ୍ଭ ହେବ। ୨୬ ଜାନୁଆରୀରେ ଫାଇନାଲ ଖେଳାଯିବ। ଦୀର୍ଘ ଦିନ ଅପେକ୍ଷା ପରେ ହକି ଇଣ୍ଡିଆ। ଲିଗ୍ ହେବାକୁ ଯାଉଛୁ। ଏହାକୁ ନେଇ ଖୁସି ବ୍ୟକ୍ତି କରିଛନ୍ତି ହକି ଇଣ୍ଡିଆ ସଭାପତି ଦିଲ୍ଲୀପ ତିର୍କୀ।

# ଓଡ଼ିଶାରେ ଟିକେଟ ଦାମ କମ୍ : ଓସିଏ

କଟକ: ବାରବାଟୀରେ ଭାରତ-ଇଂଲଣ୍ଡ ଦିନିକିଆ। ମ୍ୟାଚର ଟିକେଟ ମୂଲ୍ୟ ବୃଦ୍ଧି ପ୍ରସଙ୍ଗ। ଏହାକୁ ନେଇ ପ୍ରତିକ୍ରିୟା ରଖିଛନ୍ତି ଓସିଏ ସଂପାଦକ ସଞ୍ଜୟ ବେହେରା। ସେ କହିଛନ୍ତି ବାରବାଟୀ ଟିକେଟ ଦାମ ଅନ୍ୟ ରାଜ୍ୟ ତୁଳନାରେ କମ୍ ରହିଛି ଷ୍ଟାଡିୟମର ରକ୍ଷଣାବେକ୍ଷଣ, ସାଜସଜ୍ଜା, ଅନ୍ୟ ଖର୍ଚ୍ଚ ବଢ଼ିଛି ।ତେଣୁ ସବୁ କଥାକୁ ବିଚାର କରି ଟିକେଟ ଦାମ ସ୍ଥିର ହୋଇଛି । ସୂଚନାଥାଉକି, ରବିବାର ଓସିଏର ସ୍ୱତନ୍ତ୍ର ସାଧାରଣ ପରିଷଦ ବୈଠକରେ ମ୍ୟାଚ୍ ପାଇଁ ଟିକେଟ୍ ଦର ନିର୍ଦ୍ଧାରିତ କରାଯାଇଥିଲା ଯେଉଁଥିରେ ମ୍ୟାଚ ଦେଖିବା ପାଇଁ ଷ୍ଟାଡିୟମର ଗ୍ୟାଲେରୀ- ୧, ୩ ଏବଂ ୬ର ଟିକେଟ ଦାମ- ୧୨୦୦ ଟଙ୍କା ରଖାଯାଇଛି ୨, ୪ ନଂ ଗ୍ୟାଲେରୀର ଦାମ- ୧୦୦୦ ଟଙ୍କା, ୫ ନମ୍ବର ଗ୍ୟାଲେରୀ ଦାମ-୧୫୦୦ ଟଙ୍କା, ସ୍ପେଶାଲ ଏନକ୍ଲୋଜର ଦାମ-୭୦୦୦, ଏସି ଗ୍ୟାଲେରୀ ବକ୍ସ-୯୦୦୦ ଓ କର୍ପୋରେଟ ବକ୍ସ ଦାମ-୨୦,୦୦୦ ଟଙ୍କା ଧାର୍ଯ୍ୟ କରାଯାଇଥିଲା ତେବେ ଏହି ଟିକେଟ ମୂଲ୍ୟ ପୂର୍ବ ତୁଳନାରେ ଅଧିକ ରହିଥିବାରୁ ଅନେକ ଏଥିରେ ଅସନ୍ତୋଷ ପ୍ରକାଶ କରିଥିଲେ।

Printed & Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 & Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ